READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





ବର୍ଷ-୫ | ସଂଖ୍ୟା-୪୧ | ୨୫ - ୩୧ ଅକ୍ଟୋବର, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-41 | 25th - 31st OCTOBER, 2021 | BHUBANESWAR | ₹ 5/- (8 Pages)


### ମୟୁରଭଞ୍ଜରେ ସ୍ମାର୍ଟ ହେଲ୍ଥ କାର୍ଡର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## 'ସ୍ୱାସ୍ଥ୍ୟସେବା ଇତିହାସରେ ନୂଆ ଯୁଗର ଆରମ୍ଭ'



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଜିଲ୍ଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ୨୧ ଲକ୍ଷ ୪୦ ହଜାର ଲୋକ ଏହି ସୁବିଧା ପାଇବେ। ପୂର୍ବରୁ ରାଜ୍ୟର ୬ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେପଟ୍ମ୍ବର ୨୦୨୧ ଓଡିଶାର ସ୍ୱାସ୍ଥ୍ୟ ସେବା ଇତିହାସରେ ଏକ ନୂଆ ଯୁଗ ଆରମ୍ଭ କରିଛି। ସେପଟ୍ମ୍ବର ପହିଲାରୁ ଓଡିଶାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍ଥ କାର୍ଡ ଜରିଆରେ ସ୍ୱାସ୍ଥ୍ୟ ସେବା ପ୍ରଦାନ ଆରମ୍ଭ ହୋଇଛି। ଏହି କାର୍ଡଟି ବିପଦ ସମୟର ପ୍ରକୃତ ବନ୍ଧୁ ବୋଲି କହିଥିଲେ। ଏହାଦ୍ୱାରା ଜନସାଧାରଣଙ୍କ ଜୀବନରେ ବଡ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ଆମ ପାଇ ପ୍ରତ୍ୟେକ ଜୀବନ ମୂଲ୍ୟବାନ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ କରୋନା ସମୟରେ ସବୁ ରୋଗୀଙ୍କ ପାଇଁ ଟେଷ୍ଟିଂ ଠାରୁ ଆରମ୍ଭ କରି ଟ୍ରିଟ୍‌ମେଣ୍ଟ ପର୍ଯ୍ୟନ୍ତ ସବୁ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ମୁଖ୍ୟମନ୍ତ୍ରୀ କହିଲେ ଯେ ସ୍ମାର୍ଟ ହେଲ୍ଥ କାର୍ଡ ଦ୍ୱାରା ରାଜ୍ୟର ୯୬ ଲକ୍ଷ ପରିବାରର ସାଢେ ତିନି କୋଟି ଲୋକ ଉପକୃତ ହେବେ। ଏହାଦ୍ୱାରା ଆମର ଗରିବ ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇଁ ➤ ପୃ-୬

### ୯ ମାସ ମଧ୍ୟରେ ୧୦୦ କୋଟି ଟିକାକରଣ

## ନୂଆ ଭାରତର ଚିତ୍ର କହିଲେ ମୋଦି



**ନୂଆଦିଲ୍ଲୀ :** କୋଭିଡ ମୁକାବିଲା କ୍ଷେତ୍ରରେ ଭାରତ ନିଜର ନିରଳସ ଓ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖି ୧୦୦ କୋଟି ପାନ ଟିକାକରଣର ସଫଳତା ହାସଲ କରିବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଦେଶବାସୀଙ୍କୁ ଉଦବୋଧନ ଦେଇ ଏହି ଅଭିଯାନ ଉତ୍କଣ୍ଠାରୁ ଆଶ୍ୱାସନା ପର୍ଯ୍ୟନ୍ତ ଏକ ଯାତ୍ରା ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ସଫଳତା ହାସଲ ପରେ ସମୁଦାୟ ବିଶ୍ୱ ସଂପ୍ରତି ଭାରତର ସାମର୍ଥ୍ୟକୁ ହୃଦବୋଧ କରିଛି। ଭାରତର ସାମର୍ଥ୍ୟକୁ ନେଇ ଅନେକ ସମାଲୋଚକ ସନ୍ଦେହ ବ୍ୟକ୍ତ କରିଥିବାବେଳେ ମାତ୍ର ୯ ମାସ ମଧ୍ୟରେ ୧୦୦ କୋଟି ପାନ ଟିକାକରଣ କରାଯାଇପାରିଛି। ତେବେ ଏହାଦ୍ୱାରା କରୋନା ଭୟ ଦୂର ହୋଇନାହିଁ। ଘରୁ ବାହାରକୁ ବାହାରିଲେ ଆମେ ଯେଉଁଭଳି ଭାବରେ ପାଦରେ ଜୋତା କିମ୍ବା ଚପଲ ପିନ୍ଧି ବାହାରୁଛୁ, ଠିକ ସେହିଭଳି ଘରୁ ବାହାରିଲେ ମୁହଁରେ ମାସ୍କ ନିତାନ୍ତ ଜରୁରୀ ଏବଂ ଏହାକୁ ଏକ ଅଭ୍ୟାସରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶର ୧୩୦ କୋଟି ଜନସାଧାରଣଙ୍କ ଉଦ୍ୟମ ଯୋଗୁଁ ଏହି ସଫଳତା ମିଳିପାରିଛି। ୧୦୦ କୋଟି କେବଳ ଏକ ସଂଖ୍ୟା ନୁହେଁ, ➤ ପୃ-୬

### ସାଉଥ୍ ସିଟି ବାରରେ ବେଆଇନ କାରବାର ପଛରେ ଥିଲେ ପ୍ରସନ୍ନ

## ଶେଷରେ ଚାକିରିରୁ ନିଲମ୍ବିତ ହେଲେ




**ଭୁବନେଶ୍ୱର :** ଅପରାଧୀ ଯେତେ ଚାଲାକ ହୋଇଥିଲେ ବି କେଉଁଠି ନା କେଉଁଠି ସୂତ୍ର ଛାଡି ଯାଇଥାଏ। ଯାହାକି ପରବର୍ତ୍ତୀ ସମୟରେ ତଦନ୍ତକୁ ସହଯୋଗ କରିଥାଏ। ବରିଷ୍ଠ ସାମ୍ବାଦିକ

**ମନୀଷ ଅନୁରାଗ ହତ୍ୟା ମାମଲା**

ନବୀନ ଦାସଙ୍କ ପୁତ୍ର ମନୀଷ ଅନୁରାଗ ହତ୍ୟା ମାମଲାରେ ଖିଅ ଖୋଜୁ ଖୋଜୁ ଏଭଳି କିଛି ତଥ୍ୟ ହାସଲ କରିଛି ପୋଲିସ। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ଏହି ହତ୍ୟା ମାମଲାର ତଦନ୍ତ ଆଗେଇ ଚାଲିଥିଲା ବେଳେ ପୋଲିସ ସାଉଥ୍ ସିଟି ହୋଟେଲ୍ ଓ ବାର୍ କଳାକାରନାମା ବିଷୟରେ ଅନେକ ତଥ୍ୟ ପାଇଛି। ଯେଉଁ ବାରରେ ସବୁ ➤ ପୃ-୬

## ଓଡ଼ିଶାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ



**ଭୁବନେଶ୍ୱର :** ରାଜ୍ୟରେ ଧୀରେ ଧୀରେ ପ୍ରବେଶ କଲାଣି ଶୀତ। ଏହି ଶୀତର ଆଗମନରେ ଚିଲିକା ହ୍ରଦକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଛି। ସୁଦୂର କାଜକ୍ସ୍ଥାନ, ସାଇବେରିଆ, ଅଷ୍ଟ୍ରେଲିଆ, କାନାଡ଼ା, ଫ୍ରାନ୍ସ ଆଦି ବରଫାବୃତ୍ତ ଅଞ୍ଚଳରୁ ବିଦେଶୀ ପକ୍ଷୀ ଏବେଠାରୁ ନୀଳାମ୍ବୁ ଚିଲିକାରେ ପହଞ୍ଚିବା ଆରମ୍ଭ କଲେଣି। ଚିଲିକା ବ୍ୟତୀତ ରାଜ୍ୟର ଅନ୍ୟାନ୍ୟ ପ୍ରମୁଖ ଜଳାଶୟରେ ବି ବିଦେଶାଗତ ପକ୍ଷୀଙ୍କ କଳରବ ଶୁଣିବାକୁ ମିଳିଲାଣି। ସାଧାରଣତଃ ପ୍ରତିବର୍ଷ ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଏହି ବିଦେଶାଗତ ପକ୍ଷୀମାନେ ଚିଲିକାକୁ ଆସୁଥିବା ବେଳେ ଏଥର ସାମାନ୍ୟ ବିଳମ୍ବରେ ଆସିଛନ୍ତି। ଚଳିତ ବର୍ଷ ବାରମ୍ବାର ଲଘୁଚାପ ଜନିତ ବର୍ଷା ଯୋଗୁଁ ଏକ ସପ୍ତାହ ବିଳମ୍ବରେ ଏହି ପକ୍ଷୀମାନେ ଆସିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଚଳିତ ସପ୍ତାହରେ ସାରା ରାଜ୍ୟରେ ହାଲୁକା ଶୀତ ଆରମ୍ଭ ହୋଇଥିବାରୁ ଚିଲିକା ମଧ୍ୟରେ ଥିବା ପକ୍ଷୀଙ୍କ ଭୂସ୍ୱର୍ଗ 'ନଳବଣ'ରେ ଏବେ ବିଦେଶାଗତ ପକ୍ଷୀଙ୍କ କଳରବ ଶୁଭିଲାଣି। ଅଳ୍ପ ସଂଖ୍ୟକ ପକ୍ଷୀ ଆସିଥିବା ବେଳେ ଆଗକୁ ଫ୍ଲେମିଙ୍ଗୋ, ଗଡ଼ୱାଲ, ଉଇଜନ, ପ୍ରିଷ୍ଟେଲ, ଶୋଭଲର ଆଦି ବିଦେଶାଗତ ପକ୍ଷୀଙ୍କ ସମାଗମ ହେବାକୁ ଥିବାରୁ ସେମାନଙ୍କ ସୁରକ୍ଷା ଏବେ ବଡ଼ ଆହ୍ୱାନ ପାଲଟିଛି। କାରଣ ବିଗତ କିଛି ବର୍ଷ ହେଲା ରାଜ୍ୟରେ ବିଦେଶାଗତ ➤ ପୃ-୬

### ବକ୍ରବାଣୀ



ପରକୀୟା ପ୍ରୀତି କାଳ ହେଲା କି
ମାଷ୍ଟ୍ରାଣୀଟା ସବୁ ଦେଖି ଦେଲା କି
କହିଦବ ବୋଲି ଧମକେଇଲା
ସେଥିଲାଗି ତା'ର ପ୍ରାଣଟି ଗଲା
ଗୋବିନ୍ଦର ବଡ ଦରଦୀ ମନ
ତଣ୍ଟି ଚିପି ସିନା ନେଲା ଜୀବନ
ଜେସିବି ଲଗେଇ ଖୋଳିଲା ଗାତ
ରାଧେକୁ କହିଲା ଭଲିକି ପୋତ
ଧନ୍ୟ ଆହେ ତୁମେ ରାଧେ ଗୋବିନ୍ଦ
ପ୍ଲାନଟା ତୁମର ନ ଥିଲା ମନ୍ଦ।

—— ଟୁଟୁ

### ପଞ୍ଚାୟତ ନିର୍ବାଚନ ନେଇ ଜିଲ୍ଲାପାଳମାନଙ୍କ ସହ ରାଜ୍ୟ ନିର୍ବାଚନ କମିଶନରଙ୍କ ଆଲୋଚନା

## ବ୍ଲକ ମୁଖ୍ୟାଳୟରେ ହେବ ଭୋଟ ଗଣତି



**ଭୁବନେଶ୍ୱର :** ରାଜ୍ୟ ନିର୍ବାଚନ କମିସନର ଆଦିତ୍ୟ ପ୍ରସାଦ ପାଢ଼ୀ, ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ନେଇ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିସ୍ତୃତ ଆଲୋଚନା କରିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ୨୦୨୧ ଅକ୍ଟୋବର ୪ରେ ସମସ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଚିଠି ଅନୁସାରେ ଜିଲ୍ଲାପାଳମାନେ ସଂପୃକ୍ତ ଜିଲ୍ଲାର ପଞ୍ଚାୟତ ନିର୍ବାଚନ ପାଇଁ ୱାର୍ଡ ପରିସୀମା ନିର୍ଦ୍ଧାରଣ ଓ ପଦ ସଂରକ୍ଷଣ କାର୍ଯ୍ୟ ସମାପ୍ତ କରି ତାହାର ତାଲିକା ଆସନ୍ତା ୨୬ ତାରିଖ ସୁଦ୍ଧା ରାଜ୍ୟ ନିର୍ବାଚନ କମିସନଙ୍କୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ତାଲିକା ଜିଲ୍ଲାପାଳମାନେ ସ୍ୱତନ୍ତ୍ର ବାର୍ତ୍ତାବହ ଜରିଆରେ ନିର୍ବାଚନ କମିସନଙ୍କୁ ପଠାଇବାକୁ କୁହାଯାଇଛି। ରାଜ୍ୟ ନିର୍ବାଚନ କମିସନଙ୍କ ତରଫରୁ ସମସ୍ତ ଜିଲ୍ଲାପାଳଙ୍କୁ ପଦ ସଂରକ୍ଷଣ ତଥ୍ୟ ନିର୍ଦ୍ଧାରିତ ପ୍ରୋଫର୍ମାରେ ସ୍ୱତନ୍ତ୍ର ବାର୍ତ୍ତାବହ ଜରିଆରେ ଆସନ୍ତା ୨୬ ତାରିଖ ସୁଦ୍ଧା ନିର୍ବାଚନ କମିସନଙ୍କୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଚାୟତ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ବାଲାଟ୍ ବକ୍ସ ସଂପର୍କରେ ର୍ନିର୍ବାଚନ କମିସନର ଆଲୋଚନା କରିଥଲେ। ପ୍ରତ୍ୟେକ ଜିଲ୍ଲାରେ କେତେ କେତେ ବାଲାଟ୍ ବକ୍ସ ଦରକାର ହେବ, ଜିଲ୍ଲାସ୍ତରରେ କେତେ ବାଲାଟ୍ ବକ୍ସ ଅଛି, ସେ ସଂପର୍କରେ କମିସନ ଜାଣିବାକୁ ଚାହିଁଥିଲେ। ପଞ୍ଚାୟତ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ବାଲାଟ୍ ବକ୍ସର ମରାମତି ଓ ରଙ୍ଗ କରାଇବା ପାଇଁ ନିର୍ବାଚନ କମିସନ ସମସ୍ତ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ➤ ପୃ-୬

### ବନ୍ତ ବିଇଓଙ୍କ ନାଁରେ ମାଲମାଲ ଅଭିଯୋଗ

## କେବେ ହେବ କାର୍ଯ୍ୟାନୁଷ୍ଠାନ



**ଭଦ୍ରକ, (ଜିଲ୍ଲା ପ୍ରତିନିଧି) :** ରାଜ୍ୟ ସରକାରଙ୍କ ସମସ୍ତ ନୀତି ନିୟମର ଉଲ୍ଲଂଘନ କରି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଶିକ୍ଷାଧିକାରୀ ଏକେ ତରେଇ କାର୍ଯ୍ୟରେ ଯୋଗଦାନ ପରଠାରୁ ମନଇଚ୍ଛା କାମ କରୁଛନ୍ତି। ପ୍ରତି କାର୍ଯ୍ୟ ପାଇଁ ପ୍ରଚୁର ଲାଞ୍ଚ ଦାବି କରୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ନିୟମିତ ଅଫିସ ଆସୁନଥିବା ବିଇଓ ମହାଶୟ ବିଆରସିସିଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିବା ସହିତ ତାଙ୍କୁ କୌଣସି ଦାୟିତ୍ୱ ନଦେଇ ନିଜେ ନିଜେ ସ୍କୁଲ ସ୍କୁଲ ବୁଲି ୟୁସି ସଂଗ୍ରହ କରୁଛନ୍ତି। ରାଜ୍ୟରେ ଥିବା ୩୧୪ଟି ବ୍ଲକ ମଧ୍ୟରୁ ୩୧୩ ବ୍ଲକରେ ଏଭଳି ଅନିୟମିତତା ଦେଖା ଯାଉନଥିଲା ବେଳେ କେବଳ ବନ୍ତ ବ୍ଲକ ଶିକ୍ଷାଧିକାରୀ ନିଜକୁ ଅତି ପାରଙ୍ଗମ ଦେଖାଇ ଅନେକ ଅନୈତିକ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲ୍ଲାର ମୂଳ ବାସିନ୍ଦା ବାରିଆଳ ଟୁଡୁ ମିଛ ପ୍ରମାଣପତ୍ର ବଳରେ ପୁରୁଷୋତ୍ତମ ନୋଡାଲ ୟୁପି ସ୍କୁଲରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଥିଲେ। ଯେତେବେଳେ ଜଣାପଡିଲା ସେ ଭଦ୍ରକ ଜିଲ୍ଲାର ବାସିନ୍ଦା ନୁହଁନ୍ତି ତାଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇ ଏବିଇଓ ଅଜୟ କୁମାର ପୃଷ୍ଟି ➤ ପୃ-୬






### ପଞ୍ଚାୟତ ନିର୍ବାଚନ ତାଲିକା ପ୍ରକାଶ

## ସଂରକ୍ଷଣ ତ୍ରୁଟିକୁ ନେଇ ବିବାଦ



**ଜଗତ୍‌ସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ଆଗାମୀ ପଂଚାୟତ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଥିବା ସଂରକ୍ଷଣ ତାଲିକାରେ ବ୍ୟାପକ ଭାବେ ତ୍ରୁଟି ହେବା ସହିତ ପାତର ଅନ୍ତର କରାଯାଇଥିବା କଥା ସବୁଆଡେ ଆଲୋଚନା ହେଉଥିବା ବେଳେ କ୍ଷମତାସୀନ ବିଜେଡି ଦଳର କିଛି ନେତାମାନଙ୍କୁ ନିରାଶ ହେବାକୁ ପଡିଛି। ଜିଲ୍ଲା ପରିଷଦ ସଭ୍ୟଭାବେ ନିର୍ବାଚିତ ହେବାପାଇଁ ଯେଉଁମାନେ ନିଜର ଲବି ବିଧାୟକ ବା ସାଂସଦଙ୍କ ନିକଟରେ ଦାବି କରିଆସୁଥିଲେ ସେମାନଙ୍କ ଜୋନ ଯୋଗୁଁ ସଂରକ୍ଷଣ ତାଲିକାରୁ ବାଦ ପଡିଥିବାକୁ ନେଇ ବିଜେଡି ନେତାମାନଙ୍କ ଶିବିରରେ ଅସନ୍ତୋଷ କୁହୁଳିବା ଆରମ୍ଭ ହେଲାଣି। ପଂଚାୟତ ନିର୍ବାଚନ ହେବା କଥା ଘୋଷଣା ନ ହେବା ପୂର୍ବରୁ ଗାଁ ଗଣ୍ଡା ମାନଙ୍କରେ ବର୍ଷାଦିନେ ବି ଉଷ୍ମତା ଲାଗି ରହିଥିବା ବେଳେ ବର୍ତ୍ତମାନ ସଂରକ୍ଷଣ ତାଲିକା ପ୍ରକାଶପରେ ଶାସକ ଦଳ ଏଥିରେ ନିଜର ବିଜୟଲକ୍ଷ୍ୟ ରଖି ବିରୋଧି ଦଳକୁ ଏକପ୍ରକାର କୋଣଠେସା କରିଦେଇଛି ବୋଲି ରାଜନୈତିକ ବିଶେଷଜ୍ଞ ମାନଙ୍କ ମହଲରେ ଆଲୋଚନା ହେଉଛି। ଏପରିକି ଶାସକ ଦଳର ବହୁ କୁଜିନେତା ମାନେ ବି ସେମାନଙ୍କର ରାଜନୈତିକ ଫାଇଦା ପାଇଁ ଫେସବୁକରେ ଜିଲ୍ଲା ପରିଷଦ ପ୍ରାର୍ଥୀ ବା ବ୍ଲକ ଅଧ୍ୟକ୍ଷ ପ୍ରାର୍ଥୀ ହେବାପାଇଁ ଯେଉଁ କସରତ ଆରମ୍ଭ କରିଥିଲେ ସେଥିରେ ସମ୍ପୂର୍ଣ୍ଣ ଫିକା ପଡିଗଲା ପରି ଲାଗୁଛି। କେତେକ ବ୍ଲକ ମାନଙ୍କରେ କିଏ ନିରାଶ ହୋଇଥିବା ବେଳେ ଆଉ କିଏ ଆନନ୍ଦରେ ନିଜର ପତିଆରା ବୃଦ୍ଧି କରିବାକୁ ଲାଗିଲାଣି। ଶାସକ ଦଳର ଏପରି କାରନାମାକୁ ନେଇ ବିରୋଧି ନେତାମାନେ ଉପରେ ପାଟି ଖୋଲୁଥିଲେ ବି ଭିତରେ ନିଜର ପତିଆରା ବୃଦ୍ଧି ପାଇଁ ଗାଁ ଗାଁ ବୁଲି ସଂଗଠନ ସଜାଡିବାକୁ ଆଗେଇବାରେ ଲାଗି ପଡିଲେଣି। ସଂରକ୍ଷଣ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ବି ଏଥିରେ ପୁର୍ନବାର ଆପତି ଅଭିଯୋଗ ଯୋଗୁଁ ଚୂଡାନ୍ତ ତାଲିକାରେ ବଦଳି ପାରେ ଫଳରେ ବିଧିବଦ୍ଧ ତାଲିକା ପ୍ରକାଶ ପାଇଲେ ଅସନ୍ତୁଷ୍ଟ ମାନେ ସନ୍ତୁଷ୍ଟ ହେବେ ନା ସନ୍ତୁଷ୍ଟମାନେ ଦଳ ଛାଡିବେ ସେ ନେଇ ବି ଆଲୋଚନା ହେଉଛି। ଜିଲ୍ଲା ପରିଷଦର ୨୬ଗୋଟି ଜୋନ ମଧ୍ୟରୁ ଏରସମା ବ୍ଲକର ଜୋନ ୨ ଅନୁସୂଚିତ ଜନଜାତି ମହିଳାଙ୍କ ନିମନ୍ତେ ଥିବାବେଳେ ଅନ୍ୟ କୌଣସି ବ୍ଲକରେ ଅନୁସୂଚିତ ଜନଜାତିଙ୍କ ପ୍ରତି ଏକପ୍ରକାର ଅଣଦେଖା କରାଯାଉଛି। ଏରସମା ବ୍ଲକର ଜୋନ ୧ ଆସନଟି ଅଣସଂରକ୍ଷିତ, ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଦୀର୍ଘମିଆଦି ନିବେଶରୁ ଦୂରେଇ ରହନ୍ତୁ। ଶାରୀରିକ ପରିବର୍ତ୍ତନ ପାଇଁ ବନ୍ଧୁଙ୍କ ସହ ଭ୍ରମଣରେ ଯାଇପାରନ୍ତି। ଧୈର୍ଯ୍ୟଚ୍ୟୁତ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ନିଜ ପ୍ରସ୍ତାବ ରଖି ଅସୁବିଧାରେ ପଡିପାରନ୍ତି। ପ୍ରେମୀଙ୍କ ସହ ମତଭେଦ ଦୂର ହୋଇପାରେ।

**ବୃଷ** ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ଅନେକ ମାଧ୍ୟମରୁ ଅର୍ଥ ପ୍ରାପ୍ତି ଯୋଗଅଛି। କୌଣସି ପାରିବାରିକ କାର୍ଯ୍ୟ ହାତଛଡା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ପଦୋନ୍ନତି ହୋଇପାରେ। ଛାତ୍ରମାନେ ପାଠରୁ ଦୂରେଇ ଯିବେ।

**ମିଥୁନ** ମାଦକ ଦ୍ରବ୍ୟ ସେବନ କରି ଗାଡି ଚଳାଇବା ଯୋଗୁ ଅସୁବିଧାରେ ପଡିପାରନ୍ତି। ସ୍ୱାସ୍ଥ୍ୟ ଓ ଧନହାନୀ ହୋଇପାରେ। ପୂର୍ବର କ୍ଷତି ଭରଣା ହେବ। ପରିବାର ମଧ୍ୟରେ ଅସ୍ଥିରତା ବଢ଼ିପାରେ।

**କର୍କଟ** ଫଳ ସେବନ କରନ୍ତୁ ସୁସ୍ଥ ରହିବେ। ଅର୍ଥହାନୀ ଯୋଗ ଅଛି। ପରିବାରରେ ଶାନ୍ତି ବାତାବରଣ ରହିବ। ଛାତ୍ରମାନଙ୍କ ସମୟ ଅନୁକୂଳ। ପ୍ରିୟତମଙ୍କ ସହ ମତଭେଦ ହୋଇପାରେ। ବିଦେଶ ଭ୍ରମଣ ଯୋଗ ରହିଛି।

**ସିଂହ** ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ହଠାତ୍ ବିଗିଡି ଯାଇପାରେ। ଘରେ କୌଣସି ମାଙ୍ଗଳିକ କାର୍ଯ୍ୟ ଆୟୋଜିତ ହୋଇପାରେ। ଖର୍ଚ୍ଚ ବଢ଼ିବ ଓ ମାନସିକ ଅଶାନ୍ତି ରହିବ। ପଦୋନ୍ନତି ଓ ସ୍ଥାନାନ୍ତରିତ ହୋଇପାରେ।

**କନ୍ୟା** ଉତ୍ତମ ସ୍ୱାସ୍ଥ୍ୟ ରହିବ। ସୁଖ ଓ ଶାନ୍ତିରେ ବୃଦ୍ଧି ହେବ। ଖର୍ଚ୍ଚ ବଢ଼ିବ। ବନ୍ଧୁ କୌଣସି ନୂଆ ଯୋଜନା କରି ଆପଣଙ୍କୁ ପ୍ରଭାବିତ କରିପାରନ୍ତି। ଛାତ୍ର ଆଳସ୍ୟ ତ୍ୟାଗ କରନ୍ତୁ। ପ୍ରେମ ଜୀବନରେ ସୁଧାର ଆସିବ।

**ତୁଳା** ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବାସୀ ଖାଦ୍ୟ ଖାଆନ୍ତୁ ନାହିଁ। ଆଖି ବନ୍ଦ କରି କାହାକୁ ବିଶ୍ୱାସ କରନ୍ତୁ ନାହିଁ। ବଡ କ୍ଷତି ହୋଇପାରେ। ଭାଇଭଉଣୀଙ୍କ ସହଯୋଗ ପାଇପାରନ୍ତି।

**ବିଛା** କୌଣସି ନିଜ ଲୋକ ଉଧାର ମାଗି ପାରନ୍ତି। ଦୂରରେ ରହୁଥିବା ଛାତ୍ରମାନେ ଏକା ଅନୁଭବ କରି ଦୁଃଖି ହୋଇପାରନ୍ତି। ପୂର୍ବର କ୍ଷତ ଭରଣା ହେବ। ଦାମ୍ପତ୍ୟ ଜୀବନରେ ଅଧିକ ସମୟ ଦେବା ପାଇଁ ଚେଷ୍ଟା କରନ୍ତୁ।

**ଧନୁ** କୌଣସି ଖରାପ ଅଭ୍ୟାସ ବନ୍ଦ କରିପାରନ୍ତି। ନୂଆ ବ୍ୟବସାୟ ଦିଗରେ ଚିନ୍ତା କରିପାରନ୍ତି। ପିତାମାତାଙ୍କ ଆଶୀର୍ବାଦ ପ୍ରାପ୍ତି ହେବ। କାର୍ଯ୍ୟକ୍ଷେତ୍ରରେ ଶ୍ରେଷ୍ଠ ସଫଳତା ପାଇବେ।

**ମକର** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଅନେକ କ୍ଷେତ୍ରରେ ବହୁତ ସଫଳତା ପାଇବେ। ଖର୍ଚ୍ଚ କରିବା ପୂର୍ବରୁ ବିଚାର କରନ୍ତୁ। ପରିବାରର ସହଯୋଗ ପାଇବେ। ଛାତ୍ରମାନେ ଖାଲି ସମୟକୁ ଉଚିତ ବିନିଯୋଗ କରନ୍ତୁ।

**କୁମ୍ଭ** ସମସ୍ତ ଲୋକ କି ସାଥୀ ପଇସାପତ୍ର ବିଷୟରେ ଦେଣନେଣରୁ ଦୂରେଇ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରମାନେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ଶାନ୍ତି ପାଇଁ ଅଧିକ ବାର୍ତ୍ତାଳାପ କରନ୍ତୁ ନାହିଁ। ପରିବାରରେ ଶାନ୍ତି ବଜାୟ ରହିବ।

**ମୀନ** ପତିପତ୍ନୀଙ୍କ ଖରାପ ସ୍ୱାସ୍ଥ୍ୟ, ଅଶାନ୍ତିର କାରଣ ହୋଇପାରେ। ଉଭୟ ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସମୟ ପୂର୍ବରୁ ସବୁ କାର୍ଯ୍ୟ ସମାପ୍ତ କରିପାରନ୍ତି। ଛାତ୍ରମାନେ ନିଜ ଲକ୍ଷ୍ୟରେ ଦୃଢ଼ ରହନ୍ତୁ। ଦମ୍ପତ୍ତିମାନେ ଭଲରେ ସମୟ କଟାଇବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଅରୁଣାଚଳ ପ୍ରଦେଶରେ ଭାରତୀୟ ସୈନିକଙ୍କୁ କଠୋର ତାଲିମ

# ‘ମାର ନ ହେଲେ ମର’



**ନୂଆଦିଲ୍ଲୀ :** ଅରୁଣାଚଳ ପ୍ରଦେଶରେ ଲାଇନ୍ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ନିକଟରେ ଭାରତୀୟ ସେନା ସୈନିକମାନଙ୍କୁ ଆକ୍ରମଣାତ୍ମକ ତାଲିମ ଦେବା ଆରମ୍ଭ କରିଛି। ଏଥି ସହ ସୈନିକମାନେ ବ୍ୟାପକ ବ୍ୟାୟାମ ସହ ଧ୍ୟାନ ଅଭ୍ୟାସ ବି କରୁଛନ୍ତି। ଚୀନ୍ ପଟୁ ଯେକୌଣସି ବିପଦ ଆସିଲେ ବି ‘ମାର ନ ହେଲେ ମର’ ପଣରେ ତାହାର ମୁକାବିଲା କରିବା ପାଇଁ ଆମ ସୈନିକମାନଙ୍କୁ ପ୍ରସ୍ତୁତ କରାଯାଉଛି। ବାସ୍ତବ ଯୁଦ୍ଧ ହେଲେ କିପରି ଶତ୍ରୁ ଟ୍ୟାଙ୍କଗୁଡ଼ିକୁ ଧ୍ୱଂସ କରାଯିବ ସେ ବିଷୟରେ ତାୱାଙ୍ଗ ଅଞ୍ଚଳରେ ସୈନିକମାନଙ୍କୁ ଶିଖାଯାଇଥିଲା। ସୂଚନାଯୋଗ୍ୟ , ଗତବର୍ଷ ମେ ମାସରୁ ଚୀନ୍ ସୀମାନ୍ତରେ ଶାନ୍ତିଭଙ୍ଗ କରିଆସୁଛି। ସାମରିକ ଓ କୂଟନୈତିକ ସ୍ତରୀୟ ଅନେକ ପର୍ଯ୍ୟାୟ କଥାବାର୍ତ୍ତା ହୋଇଥିଲେ ମଧ୍ୟ ସବୁ ପ୍ରାୟ ବିଫଳ ହୋଇଛି। କଥାବାର୍ତ୍ତା ସମୟରେ ଚୀନ୍ ଯାହା ପ୍ରତିଶ୍ରୁତି ଦେଉଛି ତାହା ରକ୍ଷା କରୁନାହିଁ। ଗତ ୧୦ ତାରିଖରେ ଶେଷ ପର୍ଯ୍ୟାୟ କଥାବାର୍ତ୍ତା ବିଫଳ ହୋଇଥିଲା। ଏଥିପାଇଁ ଉଭୟ ପକ୍ଷ ଉଭୟଙ୍କୁ ଦୋଷ ଦେଉଛନ୍ତି। ବର୍ତ୍ତମାନ ଏଲ୍ଏସି ପାଖରେ ଉଭୟ ପକ୍ଷରୁ ପ୍ରାୟ ୫୦,୦୦୦ରୁ ୬୦,୦୦୦ ସୈନ୍ୟ ମୁତୟନ କରାଯାଇଛି। ଏଭଳି ଉତ୍ତେଜନାମୟ ପରିସ୍ଥିତି ସମୟରେ ଭାରତୀୟ ସୈନିକଙ୍କ କଠୋର ତାଲିମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

### ୟୁପି ନିର୍ବାଚନ ପାଇଁ କଂଗ୍ରେସର ମାଷ୍ଟର ପ୍ଲାନ୍

# ୪୦% ମହିଳାଙ୍କୁ ଟିକେଟ୍ ଦେବ ଦଳ



**ଲକ୍ଷ୍ନୌ :** ଆଉ ମାତ୍ର ମାସ କେଇଟା ପରେ ଉତ୍ତର ପ୍ରଦେଶରେ ହାଇଭୋଲଟେଜ୍ ବିଧାନସଭା ନିର୍ବାଚନ। ବିଜେପି ସମେତ ୪ ପ୍ରମୁଖ ରାଜନୈତିକ ଦଳ ନିର୍ବାଚନୀ ରଣାଙ୍ଗନ ପାର୍ ହେବାପାଇଁ ଏବେ ଠାରୁ ସଜବାଜ ହୋଇଗଲେଣି। କ୍ଷମତାରେ ଥିବା ବିଜେପି ଗଡ ବଜାୟ ରଖିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛି। ଅନ୍ୟପଟେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ନିର୍ବାଚନରେ ତାଙ୍କ ଦଳ ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ବିଏସ୍ପି ମଧ୍ୟ ଜୋରଦାର କସରତ ଆରମ୍ଭ କରିଦେଲାଣି। ଏବେ ୟୁପି ନିର୍ବାଚନ ପାଇଁ ମାଷ୍ଟର କାର୍ଡ ଖେଳିବାକୁ ଯାଉଛି କଂଗ୍ରେସ। କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଏହାରି ମଧ୍ୟରେ ବଡ ଘୋଷଣା କରିଛନ୍ତି । ଲକ୍ଷ୍ନୌରେ ଏକ ପ୍ରେସ୍ କନଫରେନ୍ସ କରି ପ୍ରିୟଙ୍କା ଗାନ୍ଧି ଘୋଷଣା କରିଛନ୍ତି ଯେ, ଆସନ୍ତା ବିଧାନସଭା ନିର୍ବାଚନରେ କଂଗ୍ରେସ ୪୦ ପ୍ରତିଶତ ମହିଳାଙ୍କୁ ଟିକେଟ୍ ଦେବ। ଅର୍ଥାତ, ମହିଳା କାର୍ଡ ଖେଳି ମାଇଲେଜ୍ ନେବାକୁ ଚେଷ୍ଟା କରିବ କଂଗ୍ରେସ। ଉତ୍ତର ପ୍ରଦେଶରେ କଂଗ୍ରେସର ଦଳୀୟ ସଂଗଠନ ସେତେଟା ଭଲ ନଥିବା ବେଳେ ପ୍ରିୟଙ୍କା ଗାନ୍ଧି ଦଳ ପାଇଁ ଟ୍ରମ୍ପ କାର୍ଡ ହେବେ। ପ୍ରିୟଙ୍କା କହିଛନ୍ତି, ‘ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଚାହୁଁଥିବା ଆଶାୟୀ ପ୍ରାର୍ଥୀଙ୍କୁ ଆବେଦନ କରିବା ପାଇଁ କୁହାଯାଇଛି। ଆସନ୍ତା ମାସ ୧୫ ତାରିଖ ଯାଏଁ ଆବେଦନ ପତ୍ର ଦାଖଲ କରାଯିବାକୁ କୁହାଯାଇଛି। ଉତ୍ତର ପ୍ରଦେଶରେ ଆରକ୍ଷଣ ବଢିଲେ ଦେଶ ଆଗକୁ ବଢିବ।’ ପ୍ରିୟଙ୍କା କହିଛନ୍ତି, ‘କଂଗ୍ରେସ ୪୦ ପ୍ରତିଶତ ମହିଳାଙ୍କୁ ନିର୍ବାଚନ ମଇଦାନକୁ ଓଲ୍ହାଇବାକୁ ଚାହୁଁଛି। ଏହାର ପ୍ରମୁଖ କାରଣ ହେଉଛି ଉନ୍ନାଓରେ ଜଣେ ନାବାଳିକାକୁ ଜାଳି ହତ୍ୟା କରାଯିବା ଘଟଣା । ସେହି ଲୋମଟାଙ୍କୁରା ଘଟଣାର ପ୍ରତି ଜବାବ ଦେବା ପାଇଁ ମହିଳାଙ୍କୁ ଆଗକୁ ଆଣିବାକୁ ଯାଉଛି କଂଗ୍ରେସ। ଏହା ଛଡା ହାଥରସ୍ର ନାବାଳିକାକୁ ହତ୍ୟା ଘଟଣାରେ ଆଜିବି ତାକୁ ନ୍ୟାୟ ମିଳିନାହିଁ। ଏହାର ମଧ୍ୟ ଜବାବ ଦେବେ ଜନତା। ୟୁପିକୁ ଆଗକୁ ବଢିବାକୁ ହେଲେ ମହିଳାଙ୍କୁ ଆଗକୁ ବଢିବାକୁ ହେବ।’ ଯୋଗୀ ସରକାରକୁ ଟାର୍ଗେଟ କରି ପ୍ରିୟଙ୍କା ଗାନ୍ଧି କହିଛନ୍ତି, କ୍ଷମତାରେ ଥିବା ଦଳ ଜନସାଧାରଣଙ୍କୁ ଦଳିଚକଟି ଶୋଷିବାରେ ବ୍ୟସ୍ତ। ପ୍ରତି ମୂହୁର୍ତ୍ତରେ ଏଠାରେ ମହିଳାମାନେ ନିର୍ଯାତନାର ଶିକାର ହେଉଛନ୍ତି। ଆଗାମୀ ନିର୍ବାଚନରେ ଏହାର ଜବାବ ଦେବେ ଜନତା । ୟୁପିରେ ଦିନକୁ ଦିନ ଅପରାଧିକ ମାମଲା ବୃଦ୍ଧିପାଇବାରେ ଲାଗିଛି । ଯୋଗୀ ସରକାର ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା କହିଛନ୍ତି କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି।

# ଲୋକସଂଖ୍ୟା ବଢ଼ାଇଲେ ମିଳିବ ମାଗଣାରେ ଜମି !



**କାନ୍‌ବୋରା :** ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଭାରତ ସମେତ ଅନେକ ଦେଶ କେତେ କଣ କଠୋର ନିୟମ କରୁଛନ୍ତି। ହେଲେ ଏ ଭୂଖଣ୍ଡରେ ଏମିତି କିଛି ଦେଶ ରହିଛି, ଯେଉଁଠି ଜନସଂଖ୍ୟା ବୃଦ୍ଧି ପାଇଁ ଦିଆଯାଉଛି ମାଗଣାରେ ଜମି ଅଫର। ଏପରି ଅଫର ଭାରତରେ ନୁହେଁ, ଅଷ୍ଟ୍ରେଲିଆର କ୍ୱିଲ୍ପି ସହରରେ ଦିଆଯାଉଛି। କିନ୍ତୁ ଏଥିପାଇଁ କିଛି ସର୍ତ୍ତ ରଖାଯାଇଛି। ସର୍ତ୍ତକଥା ପଛରେ ପକାନ୍ତୁ। ପ୍ରଥମେ ଆସନ୍ତୁ ନଜର ପକାଇବା କ୍ୱିଲ୍ପି ସହର ବିଷୟରେ। ଏହି ସହରରେ ଜନସଂଖ୍ୟା ବହୁତ କମ୍। ଅର୍ଥାତ ଏଠାରେ ମାତ୍ର ୮୦୦ ଲୋକ ରହୁଛନ୍ତି। ଯେଉଁଥିପାଇଁ ପଶୁ ଓ ମେଣ୍ଢା ପାଳନ କ୍ଷେତ୍ରରେ ସୃଷ୍ଟି ହୋଇଥିବା ନିଯୁକ୍ତି ସୁଯୋଗ ପୂରଣ ହୋଇପାରୁ ନାହିଁ। ଜନସଂଖ୍ୟା କମ୍ ଯୋଗୁ ଏପରି ସମସ୍ୟା ଉପୁଜୁଛି। ତେଣୁ ଜନସଂଖ୍ୟା ବୃଦ୍ଧି ପାଇଁ ମାଗଣା ଜମିର ଅଫର ଦେବାକୁ ଘୋଷଣା କରିଥିଲା କ୍ୱିଲ୍ପି ସିଟି କାଉନ୍ସିଲ। ସିଟି କାଉନ୍ସିଲର ଏହି ଘୋଷଣା ପରେ ଲୋକମାନେ ଲୋଭରେ ପଡ଼ି ଜମି ହାତେଇବା ପାଇଁ ଆଗେଇ ଆସିବେ ବୋଲି ଅନୁମାନ କରାଯାଉଥିଲା। ହେଲେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଥିଲା। ଘୋଷଣାର ଦୁଇ ସପ୍ତାହ ଭିତରେ ପୂରା ଅଷ୍ଟ୍ରେଲିଆ ମହାଦେଶ ଓ ବିଦେଶରୁ ପାଖାପାଖି ୨୫୦ ଲୋକ ମାଗଣା ଜମି ସମ୍ପର୍କରେ ତଥ୍ୟ ନେଇଥିଲେ।କ୍ୱିଲ୍ପି ସିଟି କାଉନ୍ସିଲର ଅଧିକାରୀଙ୍କ କହିବା ଅନୁସାରେ ମାଗଣା ଜମି ପାଇବା ପାଇଁ ବ୍ରିଟେନ୍, ଭାରତ, ହଂକଂ, ନ୍ୟୁଜିଲାଣ୍ଡର ଲୋକମାନେ ତଥ୍ୟ ସଂଗ୍ରହ କରିଥିଲେ। ମାଗଣାରେ ଜମି ପାଇବା ପାଇଁ କ୍ୱିଲ୍ପି ସିଟି କାଉନ୍ସିଲ ଏକ ସର୍ତ୍ତ ରଖିଥିଲା। ସର୍ତ୍ତ ଅନୁସାରେ ମାଗଣା ଜମି ପାଇଁ ଆବେଦନ କରିଥିବା ବ୍ୟକ୍ତିମାନେ ଅଷ୍ଟ୍ରେଲିଆର ସ୍ଥାୟୀ ନାଗରିକ ହେବା ଆବଶ୍ୟକ।

# ବଦଳିଯାଇଛି ‘ସୁନ୍ଦରୀ’ର ବ୍ୟବହାର



**ନୂଆଦିଲ୍ଲୀ :** ଓଡ଼ିଶାରୁ ମଧ୍ୟପ୍ରଦେଶ କାହ୍ନା ଅଭୟାରଣ୍ୟ ସ୍ଥାନାନ୍ତର ହୋଇଥିବା ବାଘୁଣୀ ସୁନ୍ଦରୀର ବ୍ୟବହାର ସାତ ମାସ ମଧ୍ୟରେ ସଂପୂର୍ଣ୍ଣ ବଦଳିଯାଇଛି। ସୁନ୍ଦରୀର ଅସ୍ୱାଭାବିକ ଆଚରଣ ଶେଷ ହୋଇଯାଇଛି। କେବଳ ସେତିକି ନୁହେଁ, ଗତ କିଛି ମାସ ହେଲା ପ୍ରାକୃତିକ ଭାବେ ସେ ଶିକାର କରିବା ମଧ୍ୟ ଆରମ୍ଭ କରିଦେଇଥିବା କାହ୍ନା ଅଭୟାରଣ୍ୟ ସୂତ୍ରରୁ ଜଣାପଡ଼ିଛି। ସୁନ୍ଦରୀର ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଅଭୟାରଣ୍ୟର ବନ୍ୟପ୍ରାଣୀ ମୁଖ୍ୟ ୱାର୍ଡେନ୍ ତାକୁ ଖୋଲାରେ ଛାଡ଼ିବା ପାଇଁ ଅନୁମତି ଦେଇଛନ୍ତି। ସୁନ୍ଦରୀକୁ କାହ୍ନା ଜଙ୍ଗଲରେ ଆସନ୍ତା ମାସରେ ଛଡ଼ାଯିବ। ଏହା ପରେ ଛଅ ମାସ ଧରି ବନ ଅଧିକାରୀମାନେ ତା ଗତିବିଧି ଉପରେ ନଜର ରଖିବେ। ଏହା ପରେ ବ୍ୟାଘ୍ର ସଂରକ୍ଷଣ ଅଧିକାରୀ ଦୁଇ ବର୍ଷ ପର୍ଯ୍ୟନ୍ତ ତାର ଗତିବିଧିକୁ ‘ରେଡିଓ କୋର୍ଲା’ ଦ୍ୱାରା ଟ୍ରେକିଂ କରିବେ। ସୂଚନା ମୁତାବକ, ସୁନ୍ଦରୀ ବର୍ତ୍ତମାନ କାହ୍ନା ଅଭୟାରଣ୍ୟର ‘ଘରେଲା ବାଡେ’ରେ ବନ୍ଦୀ ଅବସ୍ଥାରେ ଅଛି। ଦେଶର ପ୍ରଥମ ଆନ୍ତଃ ରାଜ୍ୟ ବ୍ୟାଘ୍ର ସଂପ୍ରସାରଣ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ବାଘ ସଂଖ୍ୟା ବୃଦ୍ଧି ପାଇଁ ମଧ୍ୟପ୍ରଦେଶର କାହ୍ନା ଅଭୟାରଣ୍ୟରୁ ଜୁନ ୨୧, ୨୦୧୮ରେ ଅଣ୍ଡିରା ମହାବଳ ମହାବୀର ବାନ୍ଧବଗଡ଼ରୁ ବାଘୁଣୀ ସୁନ୍ଦରୀକୁ ଓଡ଼ିଶାର ସାତକୋଶିଆ ଅଭୟାରଣ୍ୟକୁ ଅଣାଯାଇଥିଲା। ନଭେମ୍ବର ୧୪, ୨୦୧୮ରେ ମହାବୀରର ମୃତ୍ୟୁ ହୋଇଥିଲା। ଏହା ପରେ ସୁନ୍ଦରୀର ଆଚରଣରେ ବ୍ୟାପକ ପରିବର୍ତ୍ତନ ଆସିବା ସହିତ ହିଂସ୍ର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ଘୋର ବିରୋଧ ପରେ ଗତ ମାର୍ଚ୍ଚ ୨୩ରେ ସୁନ୍ଦରୀକୁ କାହ୍ନା ଅଭୟାରଣ୍ୟକୁ ଫେରାଇ ନିଆଯାଇଥିଲା। ସୁନ୍ଦରୀ କାହ୍ନା ଅଭୟାରଣ୍ୟକୁ ଫେରିଯିବା ପର ଠାରୁ ଆନ୍ତଃ ରାଜ୍ୟ ବ୍ୟାଘ୍ର ସଂପ୍ରସାରଣ ପ୍ରକଳ୍ପକୁ ପୁନର୍ବାର ଆରମ୍ଭ କରିବା ପାଇଁ କୌଣସି ପ୍ରୟାସ କରାଯାଇନଥିବା ଜଣାପଡ଼ିଛି।

### ବୈଜ୍ଞାନିକଙ୍କ ବିରଳ ସଫଳତା

# ମଣିଷ ଦେହରେ ଘୁଷୁରି କିଡ୍‌ନୀ ପ୍ରତିରୋପଣ



**ନ୍ୟୁୟର୍କ :** ଆମେରିକାରେ ଏକ ବିରଳ ପ୍ରତିରୋପଣ ପରୀକ୍ଷା ସଫଳ ହୋଇଛି। ମଣିଷ ଦେହରେ ଘୁଷୁରି କିଡ୍ନି ପ୍ରତିରୋପଣ କରାଯାଇଛି। ବୈଜ୍ଞାନିକମାନେ ଅସ୍ଥାୟୀ ଭାବେ ଘୁଷୁରି କିଡ୍ନି ଲଗାଇ ଦେଖିଥିଲେ ତାହା କାମ କରୁଛି କି ନାହିଁ, ଯାହା ବହୁ ଦଶନ୍ଧି ଧରି ଏକ ପ୍ରଶ୍ନ ହୋଇ ରହିଆସିଥିଲା। ମଣିଷର ଜୀବନ ବଞ୍ଚାଇବା ପାଇଁ ଅଙ୍ଗ ପ୍ରତିରୋପଣର ଆବଶ୍ୟକତା ପଡ଼ିଥାଏ। ଏଥିପାଇଁ ମାନବ ଅଙ୍ଗ ଯଥେଷ୍ଟ ପରିମାଣରେ ଉପଲବ୍ଧ ନ ଥିବାରୁ ପ୍ରାଣୀ ଅଙ୍ଗ ପ୍ରତିରୋପଣ କଥା ଅନେକ ଦଶନ୍ଧି ଧରି ବେ?ଜ୍ଞାନିକମାନେ ଚିନ୍ତା କରିଆସୁଥିଲେ। ଏଥିରେ ଘୁଷୁରିକୁ ପରୀକ୍ଷା ପାଇଁ ନିଆଯାଇଥିଲା। କିନ୍ତୁ ଘୁଷୁରି କୋଷରେ ଥିବା ଏକ ପ୍ରକାର ‘ସୁଗାର’ ସାଜିଥିଲା ବାଧକ, ଯାହା ମଣିଷ ଶରୀରରେ ନ ଥାଏ। ତେଣୁ ମଣିଷ ଶରୀରରେ ଘୁଷୁରି ଅଙ୍ଗ ପ୍ରତିରୋପଣ କଲେ ମଣିଷ ଶରୀର ତାକୁ ପ୍ରତ୍ୟାଖ୍ୟାନ କରିଦିଏ। କିନ୍ତୁ ଏହି ପ୍ରତିରୋପଣ ପାଇଁ ଯେଉଁ ଘୁଷୁରିର କିଡ୍ନି ନିଆଯାଇଥିଲା, ତାହା ଥିଲା ଏକ ଜିନ୍-ଏଡିଟେଡ୍ (ଜିନ୍-ପରିବର୍ତ୍ତିତ) ପ୍ରାଣୀ, ଯାହା ଶରୀରରେ ଉକ୍ତ ‘ସୁଗାର’ ହିଁ ନ ଥିଲା। ତେଣୁ ଏହି କିଡ୍ନି ମଣିଷ ଶରୀରରେ ଠିକ୍ କାମ କରିବାକୁ ଆରମ୍ଭ କଲା ଏବଂ ମଣିଷ ଶରୀର ଏହାକୁ ପ୍ରତ୍ୟାଖ୍ୟାନ କରିଲା ନାହିଁ। ମଣିଷ ଶରୀରରେ ଲଗାଇବା ପୂର୍ବରୁ ବାହାରେ ମଧ୍ୟ ଦୁଇଦିନ ଧରି ଏହାକୁ ପରୀକ୍ଷା କରାଯାଇଥିଲା। ବର୍ତ୍ତମାନ ମଣିଷ ଶରୀରରେ ଅସ୍ଥାୟୀ ଭାବେ ଲଗାଯାଇଥିବା ଉକ୍ତ ଘୁଷୁରି କିଡ୍ନି ଠିକ୍ କାମ କରୁଛି ବୋଲି ଏନ୍ୱାଇୟୁ ଲାଙ୍ଗୋର ହେଲ୍ଥର ସର୍ଜିକାଲ ଟିମ୍ର ମୁଖ୍ୟ ଡ. ରବର୍ଟ ମଣ୍ଟଗୋମେରୀ କହିଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ୟୁନିଭର୍ସିଟି ଅଫ୍ ମିନେସୋଟା ମେଡିକାଲ ସ୍କୁଲ୍ର ଡ. ଆଣ୍ଡ୍ରୁ ଆଦାମ୍ସ କହିଛନ୍ତି। ଆଗକୁ ମାଙ୍କଡ଼, ବଣମଣିଷ ପ୍ରଭୃତି ଅନ୍ୟ ପ୍ରାଣୀଙ୍କ ଜିନ୍ ପରିବର୍ତ୍ତନ କରି ସେମାନଙ୍କ ଅଙ୍ଗ ମଧ୍ୟ ମଣିଷକୁ ବଞ୍ଚାଇବା ପାଇଁ ବ୍ୟବହାର କରାଯାଇପାରିବ।

### ଲଖିମପୁର ଖେରୀ ହିଂସା ମାମଲା

# ୟୁପି ସରକାର ଉପରେ ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ :** ଲଖିମପୁର ଖେରୀ ହିଂସା ମାମଲାରେ ସୁପ୍ରିମ କୋର୍ଟରେ ବୁଧବାର ଶୁଣାଣି ହୋଇଛି। ଷ୍ଟାଟସ୍ ରିପୋର୍ଟ ବିଳମ୍ବରେ ଦାଖଲ କରିବା ନେଇ ସୁପ୍ରିମ କୋର୍ଟ ୟୁପି ସରକାର ଉପରେ ପୁଣିଥରେ ବର୍ଷିଛନ୍ତି। ଚଳିତ ମାସ ଆରମ୍ଭରୁ ହୋଇଥିବା ହିଂସାତ୍ମକ ଘଟଣା ସମ୍ବନ୍ଧରେ ଏକ ପିଆଇଏଲ ଉପରେ ଶୁଣାଣି କରି ସୁପ୍ରିମ୍ କୋର୍ଟ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ଶେଷ ମୁହୂର୍ତ୍ତରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଇଛି। ସୁପ୍ରିମ୍ କୋର୍ଟ ଅକ୍ଟୋବର ୨୬ ତାରିଖ ଯାଏ ଶୁଣାଣିକୁ ସ୍ଥଗିତ କରିଛନ୍ତି ଏବଂ ଦିନକ ପୂର୍ବରୁ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଚାରିଜଣ ଚାଷୀ ଓ ଜଣେ ସାମ୍ବାଦିକଙ୍କ ସମେତ ୮ଜଣଙ୍କର ମୃତ୍ୟୁ ହୋଇଥିଲା। ଖୋଦ୍ ମାମଲାକୁ ଗୁରୁତର ସହ ନେଇଥିଲେ ଏବଂ ପୂର୍ବ ଶୁଣାଣିରେ ତଦନ୍ତରେ ଅସନ୍ତୋଷଜନକ ଆଚରଣ ପାଇଁ ଉତ୍ତର ପ୍ରଦେଶ ପୁଲିସକୁ ଭର୍ତ୍ସନା କରିଥିଲେ। ଜଣେ କେନ୍ଦ୍ର ମନ୍ତ୍ରୀଙ୍କ ପୁଅ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଭାବେ ସାମିଲ୍ ଅଛନ୍ତି। ସୁପ୍ରିମ କୋର୍ଟରେ ଶୁଣାଣି ଆରମ୍ଭ ହେବା ମାତ୍ରକେ ୟୁପି ସରକାରଙ୍କ ତରଫରୁ ବରିଷ୍ଠ ଓକିଲ ହରିଶ ସାଲଭେ କହିଥିଲେ, ଆମେ ସବୁ ଏକ ଷ୍ଟାଟସ୍ ରିପୋର୍ଟ ବନ୍ଦ ଲଫାଫାରେ ଦାଖଲ କରିଛୁ। ଶୁଣାଣି ଶୁକ୍ରବାର ଯାଏ ସ୍ଥଗିତ କରାଯାଉ। ଏହା ଉପରେ ସୁପ୍ରିମ୍ କୋର୍ଟ କହିଥିଲେ, ଆମକୁ ଏହି ରିପୋର୍ଟ ଏବେ ମିଳିଛି। ଆମେ ଗତ କାଲି ବିଳମ୍ବିତ ରାତି ୧ଟା ଯାଏ ଅପେକ୍ଷା କରିଥିଲୁ। ଏସବୁ କ’ଣ ଚାଲିଛି। ଏମିତି କହି ୟୁପି ସରକାର ଉପରେ ଖୁବ୍ ବର୍ଷିଥିଲେ ସୁପ୍ରିମ୍ କୋର୍ଟ।ତଥାପି ୟୁପି ସରକାରଙ୍କ ପକ୍ଷରୁ ସମସ୍ତ ସୂଚନା ନଦେବା କାରଣରୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସପ୍ତାହରେ ଘୁଞ୍ଚାଇ ଦିଆଯାଇଛି। ଉତ୍ତର ପ୍ରଦେଶ ସରକାର ସୁପ୍ରିମ୍ କୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛି। କୋର୍ଟ କହିଛନ୍ତି, ଆପଣ ମୋଟ



୪୪ ସାକ୍ଷୀଙ୍କର ବୟାନ ଦାଖଲ କରିଛନ୍ତି, ସେଥିରୁ କେବଳ ଚାରିଜଣଙ୍କ ବୟାନ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଦାୟର ହୋଇଛି। ଆଉ ବାକି ସମସ୍ତଙ୍କର ବୟାନ ମଧ୍ୟ ୧୬୪ରେ ଦାଖଲ ହେବା ଦରକାର। ସରକାର କୋର୍ଟଙ୍କ ଠାରୁ ଏଥିପାଇଁ ସମୟ ମାଗିଛନ୍ତି। ସାକ୍ଷୀମାନଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଇବାକୁ ସୁପ୍ରିମକୋର୍ଟ ଉତ୍ତରପ୍ରଦେଶ ସରକାରଙ୍କୁ ମଧ୍ୟ କହିଛନ୍ତି। କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ ମିଶ୍ରଙ୍କୁ ଲଖିମପୁର ଖିରୀର ତିକୁନିଆ ଗ୍ରାମରେ ହୋଇଥିବା ଘଟଣାର ଅଭିଯୁକ୍ତ ସାବ୍ୟସ୍ତ ହେବାର ୬ ଦିନ ପରେ ପୁଲିସ୍ ଗିରଫ କରିଥିଲା। ଅଭିଯୁକ୍ତଙ୍କ ରାଜନୀତିକ ପୃଷ୍ଠପୋଷକତାକୁ ଦୃଷ୍ଟିରେ ରଖି ପୁଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରିଥିବା ଅଭିଯୋଗ ହୋଇଛି। ଗତ ଶୁଣାଣିରେ କୋର୍ଟ ଏଫଆଇଆରରେ ଥିବା ଅଭିଯୁକ୍ତଙ୍କୁ ଗିରଫ ନକରିବା ଏବଂ ପଚରାଉଚରା ପାଇଁ ନୋଟିସ ପଠାଇ ପୁଲିସର ତଦନ୍ତରେ ଅସନ୍ତୋଷ ପ୍ରକାଶ କରିଥିଲେ। ନିରପେକ୍ଷ ତଥା ନିରପେକ୍ଷ ତଦନ୍ତ ପାଇଁ ଏହି ମାମଲା ଅନ୍ୟ କେତେକ ଏଜେନ୍ସିକୁ ହସ୍ତାନ୍ତର କରିବା ନେଇ କୋର୍ଟ ରାଜ୍ୟ ସରକାରଙ୍କଠାରୁ ଉତ୍ତର ମାଗିଥିଲେ। ତେବେ ଏସବୁ ବିବାଦ ଘନୀଭୂତ ହେବା ପରେ ଆଶିଷ ମିଶ୍ରଙ୍କୁ ଗିରଫ କରାଯାଇଥିଲା। ପ୍ରଧାନ ବିଚାରପତି ଏନ.ଭି ରମନାଙ୍କ ନେତୃତ୍ୱରେ ଏକ ତିନି ଜଣିଆ ଖଣ୍ଡପୀଠ ବୁଧବାର ମାମଲାର ଶୁଣାଣି କରିଛନ୍ତି। ପ୍ରଧାନ ବିଚାରପତିଙ୍କ ନିକଟକୁ ପଠାଯାଇଥିବା ଚିଠିରେ ସମଗ୍ର ମାମଲାରେ ଏକ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ କରିବାକୁ ଅନୁରୋଧ କରାଯାଇଥିଲା। ଏଥିରେ ସିବିଆଇକୁ ମଧ୍ୟ ସମୟସୀମା ମଧ୍ୟରେ ତଦନ୍ତ କରିବାକୁ ଦାବି କରାଯାଇଥିଲା। ସୂଚନାଯୋଗ୍ୟ, ଅକ୍ଟୋବର ୩ ତାରିଖରେ ଉତ୍ତରପ୍ରଦେଶର ଲଖିମପୁର ଖେରୀରେ କୃଷି ଆଇନ ବିରୋଧରେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ଗାଡ଼ି ମାଡ଼ି ଯାଇଥିଲା। ଯାହା ପରେ ସେଠାରେ ଆନ୍ଦୋଳନ କରୁଥିବା ଲୋକେ ଡ୍ରାଇଭର ସମେତ ତିନିଜଣ ପିଟିପିଟି ହତ୍ୟା କରିଦେଇଥିଲେ। ଏହି ଘଟଣାରେ ଜଣେ ସାମ୍ବାଦିକଙ୍କର ମୃତ୍ୟୁ ହୋଇଥିଲା। ଘଟଣାରେ ମୋଟ ୮ଜଣଙ୍କର ମୃତ୍ୟୁ ହୋଇଥିଲା। ସୁପ୍ରିମ କୋର୍ଟଙ୍କ ଓକିଲ ଶିବ କୁମାର ତ୍ରିପାଠୀ ଏହି ମାମଲାରେ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖି ଘଟଣା ସମ୍ବନ୍ଧରେ ଅବଗତ ହେବାକୁ ଅନୁରୋଧ କରିଥିଲେ।



ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର



ଭୁବନେଶ୍ୱର, ୨୫ - ୩୧ ଅକ୍ଟୋବର, ୨୦୨୧

ପରିକ୍ରମା

## ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ

# ନିଜ ଅଞ୍ଚଳରେ ଥିବା ଅଫିସରଙ୍କୁ ନଭେମ୍ବର ୧୫ ସୁଦ୍ଧା ହଟାଅ

**ଭୁବନେଶ୍ୱର :** ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକ୍ରିୟା ଜୋରସୋରରେ ଆରମ୍ଭ ହୋଇଥିବାବେଳେ ନିଜ ଅଞ୍ଚଳରେ ରହିଥିବା ଅଫିସରମାନଙ୍କୁ ଆସନ୍ତା ନଭେମ୍ବର ୧୫ତାରିଖ ସୁଦ୍ଧା ଅନ୍ୟତ୍ର ବଦଳି କରିବା ନିମନ୍ତେ ରାଜ୍ୟ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ପଞ୍ଚାୟତ ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ସମ୍ବିଧାନର ଧାରା ୨୪୩(କେ)ର ପ୍ରଦତ୍ତ କ୍ଷମତାକୁ ଉପଯୋଗ କରି ରାଜ୍ୟ ସରକାରଙ୍କୁ କମିଶନର ଏହି ନିର୍ଦ୍ଦେଶ ଜାରି କରିଛନ୍ତି।ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଗତ ଶୁକ୍ରବାର ରାଜ୍ୟ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଚିଠି ଲେଖି ପଞ୍ଚାୟତ ନିର୍ବାଚନ ୨୦୨୨ ମସିହାର ପ୍ରଥମ ଭାଗରେ ହେବ ଓ କମିଶନ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି।



ତେଣୁ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ନିଜ ଅଞ୍ଚଳରେ ଅବା ନିଜ ଜନ୍ମ ସ୍ଥାନରେ କାର୍ଯ୍ୟ କରୁଥିବା ଅଫିସରମାନଙ୍କୁ (ପଞ୍ଚାୟତଠୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ) ନଭେମ୍ବର ୧୫ତାରିଖ ସୁଦ୍ଧା ନିଶ୍ଚିତ ଭାବେ ବଦଳି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ କର୍ମଚାରୀ ବା ଅଫିସରଙ୍କ ବଦଳି ହେବ ସେମାନେ ଯେପରି ଛୁଟି ନରହିବେ ଏବଂ ବଦଳି ସ୍ଥାନରେ ଯୋଗ ଦେବେ ତାହା ମଧ୍ୟ ସୁନିଶ୍ଚିତ କରିବାକୁ ମଧ୍ୟ କମିଶନର କହିଛନ୍ତି। ତେବେ ଯେଉଁ କର୍ମଚାରୀମାନେ ୨୦୨୨ ମାର୍ଚ୍ଚ ସୁଦ୍ଧା ସରକାରୀ ଚାକିରିରୁ ଅବସର ନେବାକୁ ଥିବ ସେମାନଙ୍କୁ ଏହି ବଦଳି ପ୍ରକ୍ରିୟାରୁ ବାଦ୍ ଦେବା ସହ ନିର୍ବାଚନ ଡ୍ୟୁଟିରେ ନପକାଇବାକୁ ନିର୍ବାଚନ କମିଶନର ପରାମର୍ଶ ଦେଇଛନ୍ତି । ଏହି ବଦଳି ପ୍ରକ୍ରିୟା ଆରମ୍ଭ ନିମନ୍ତେ ସମସ୍ତ ବିଭାଗକୁ ତୁରନ୍ତ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବାକୁ ରାଜ୍ୟ ମୁଖ୍ୟ ସଚିବ ଶ୍ରୀ ମହାପାତ୍ରଙ୍କୁ କମିଶନର କହିଛନ୍ତି। ଯେଉଁ କର୍ମଚାରୀ ଓ ଅଫିସରମାନେ ନିଜ ଅଞ୍ଚଳରେ ରହିଲେ ଅବାଧ ଓ ନିରପେକ୍ଷ ନିର୍ବାଚନରେ ବାଧାପ୍ରାପ୍ତ ହେବାର ଆଶଙ୍କା କମିଶନର କରିଛନ୍ତି ସେମାନଙ୍କର ତାଲିକା ମଧ୍ୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି। ସେସବୁ ଅଫିସର ଓ କର୍ମଚାରୀମାନେ ହେଲେ ପଞ୍ଚାୟତସ୍ତରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ବ୍ଲକସ୍ତରରେ ବିଡିଓ, ଏବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ପଞ୍ଚାୟତ ସମ୍ପ୍ରସାରଣ ଅଫିସର ଓ ଅନ୍ୟ ସମ୍ପ୍ରସାରଣ ଅଧିକାରୀ ଯିଏକି ନିଜ ଗୃହ ବ୍ଲକରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଅନ୍ୟତ୍ର ବଦଳି ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି ସବଡିଭିଜନ ସ୍ତରରେ ସବକଲେକ୍ଟର, ଆଇଟିଡିଏ ପ୍ରକଳ୍ପ ଅଧିକାରୀ, ଅତିରିକ୍ତ ସବକଲେକ୍ଟର, ଏସଡିପିଓ, ସବଡିଭିଜିନାଲ ପଞ୍ଚାୟତ ଅଫିସରଙ୍କ ସମେତ ଜିଲ୍ଲାସ୍ତରରେ ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍, ଡିଆରଡିଏ ପ୍ରକଳ୍ପ ଅଧିକାରୀ, ଅତିରିକ୍ତ ଏସପି, ଜିଲ୍ଲା ପଞ୍ଚାୟତ ଅଫିସରଙ୍କୁ ନିଜ ଗୃହ ଜିଲ୍ଲାରୁ ଅନ୍ୟତ୍ର ବଦଳି କରିବା ପାଇଁ ନିର୍ବାଚନ କମିଶନର ପରାମର୍ଶ ଦେଇଛନ୍ତି। ଏହାସହିତ ପଞ୍ଚାୟତ ନିର୍ବାଚନ ଧାର୍ଯ୍ୟ ସମୟସୀମା ଭିତରେ କରାଯିବ ବୋଲି କମିଶନର ସ୍ପଷ୍ଟ କରିଛନ୍ତି।

# ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଷ୍ଟ୍ରୋକ୍‌ର ଶିକାର

**ଭୁବନେଶ୍ୱର :** ଦେଶରେ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଷ୍ଟ୍ରୋକ୍‌ର ଶିକାର ହୋଇଥାନ୍ତି। ତହିଁରୁ ଏକ ଚତୁର୍ଥାଂଶ ଲୋକଙ୍କ ବୟସ ୫୦ବର୍ଷରୁ କମ୍। ଜଣେ ବ୍ୟକ୍ତିଙ୍କୁ ଯେ କୌଣସି ସ୍ଥାନରେ ଓ ବୟସରେ ଷ୍ଟ୍ରୋକ୍ ହୋଇପାରେ। ନିୟମିତ ବ୍ୟାୟାମ, ଠିକ୍ ଓଜନ ବଜାୟ ରଖିବା, ଧୂମପାନ ଓ ମଦ୍ୟପାନକୁ ଛାଡ଼ିବା ଷ୍ଟ୍ରୋକ୍‌ର ଆଶଙ୍କାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ପ୍ରାଥମିକ ନିରାକରଣ ସହିତ ଉପଯୁକ୍ତ ଚିକିତ୍ସା ଜରୁରି ବୋଲି ଇଣ୍ଡିଆନ୍ ଷ୍ଟ୍ରୋକ୍ ଆସୋସିଏସନ୍ ବା ଆଇଏସ୍ଏ ପକ୍ଷରୁ କୁହାଯାଇଛି। ଚଳିତବର୍ଷର ବିଶ୍ୱ ଷ୍ଟ୍ରୋକ୍ ଦିବସର ବିଷୟବସ୍ତୁ ହେଉଛି ଷ୍ଟ୍ରୋକ୍ର ଲକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବା, ଷ୍ଟ୍ରୋକ୍‌କୁ ଡାକ୍ତରୀ ଜରୁରୀକାଳୀନ ପରିସ୍ଥିତି ଭାବେ ଗ୍ରହଣ ଓ ଠିକ୍ ସମୟରେ ଗୁଣାତ୍ମକ ଚିକିତ୍ସା ଗ୍ରହଣ କରିବା। ଦେଶର ଅଧିକାଂଶ ରାଜ୍ୟରେ ୧୯-୨୪ ପ୍ରତିଶତ ପର୍ଯ୍ୟନ୍ତ ଷ୍ଟ୍ରୋକ୍ ସମସ୍ୟା ଦେଖା ଦେଇଥାଏ। ବିକଶିତ ରାଷ୍ଟ୍ର ତୁଳନାରେ ଦେଶରେ ଷ୍ଟ୍ରୋକ୍ ମୃତ୍ୟୁ ହାର ଅଧିକ ରହିଛି। ଉତ୍ତର-ପୂର୍ବାଞ୍ଚଳ ଓ ଉପକୂଳ





ରାଜ୍ୟମାନଙ୍କରେ ମୃତ୍ୟୁହାର ୪୨ ପ୍ରତିଶତରୁ ଅଧିକ ରହିଛି। ଅଧିକ ଲୁଣ ସେବନ କରିବା ଏହାର ପ୍ରମୁଖ କାରଣ। ଉତ୍ତର-ପୂର୍ବାଞ୍ଚଳରେ ଲୋକମାନେ ଚା'ରେ ଲୁଣ ବ୍ୟବହାର କରିଥାନ୍ତି। ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ଶୁଖୁଆର ବହୁଳ ବ୍ୟବହାର ହୋଇଥାଏ। ଏଥିରେ ପ୍ରଚୁର ଲୁଣ ଥିବାରୁ ଉଚ୍ଚ ରକ୍ତଚାପ ଆଶଙ୍କାକୁ ବଢ଼ାଇ ଦେଇଥାଏ। ଷ୍ଟ୍ରୋକର ଲକ୍ଷଣକୁ ଚିହ୍ନିବା ଓ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚିବା ଜରୁରୀ। ଷ୍ଟ୍ରୋକ୍ ହେବାର ୪-୫ଘଣ୍ଟା ଭିତରେ ଚିକିତ୍ସା କରାଗଲେ ସୁଫଳ ମିଳିପାରିବ ବୋଲି ଆଇଏସ୍ଏର ଅଧକ୍ଷ ଡା.ଜୟରାଜ ପାଣ୍ଡିଆନ୍ ଓ ସଂପାଦକ ଡା.ଅରବିନ୍ଦ ଶର୍ମା କହିଛନ୍ତି।

## ନଭେମ୍ବରରେ ନବମ ଶ୍ରେଣୀର ସମ୍ମେଟିଭ୍ ଆସେସମେଣ୍ଟ ପରୀକ୍ଷା

# ୪୦ ମାର୍କର ପରୀକ୍ଷା ଦେବେ ଛାତ୍ରଛାତ୍ରୀ

**କଟକ :** ନୂଆ ଢାଞ୍ଚାରେ ନବମ ଓ ଦଶମ ଶ୍ରେଣୀର ପରୀକ୍ଷା ଏବଂ ମୂଲ୍ୟାୟନ ପଦ୍ଧତି ଉପରେ ବୋର୍ଡ ସାମ୍ବାଦିକ ସମ୍ମିଳନୀ କରିଛି। ନବମ ଓ ଦଶମ ଶ୍ରେଣୀ ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ କରାଯାଇଛି। ବର୍ଷକୁ ୪ଟି ଫରମେଟିଭ୍ ଆସେସମେଣ୍ଟ ହେବ। ବର୍ଷକୁ ୨ଟି ସମେଟିଭ୍ ପରୀକ୍ଷା ହେବ। ନବମ ଶ୍ରେଣୀର ସମେଟିଭ୍-୧ ପରୀକ୍ଷା ତାରିଖ ଘୋଷଣା କରିଛି ବୋର୍ଡ। ନଭେମ୍ବର ୨୨ରୁ ୨୪ଭିତରେ ପ୍ରଥମ ସମେଟିଭ୍ ପରୀକ୍ଷା କରାଯିବ ବୋଲି ବୋର୍ଡ କହିଛି। ଏଥିରେ ୪୦ମାର୍କର ପରୀକ୍ଷା ହେବ ୨୦ମାର୍କର ସବ୍‌ଜେକଟିଭ୍ ଓ ୨୦ମାର୍କର ଅବଜେକଟିଭ୍ ପରୀକ୍ଷା ହେବ। ଏହାର ୱେଟେଜ ୩୦ ପ୍ରତିଶତ ରହିବ। ତେବେ ନିରପେକ୍ଷ ସ୍କୁଲରେ ମୂଲ୍ୟାୟନ ହେବା ନେଇ ବୋର୍ଡ ସ୍ପଷ୍ଟ କରିଛି।



୨୩ ତାରିଖରୁ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ କରାଯିବ ଏବଂ ନଭେମ୍ବର ୩୦ ତାରିଖ ମଧ୍ୟରେ ଖାତାର ମୂଲ୍ୟାୟନ ସରିବ। ଡିସେମ୍ବର ୬ରୁ ୧୩ତାରିଖ ଭିତରେ ବୋର୍ଡ ମାର୍କ ଅପଲୋଡ୍ କରିବ। ଫରମେଟିଭ୍ ଓ ସମେଟିଭ୍ ପରୀକ୍ଷାର ମାର୍କକୁ ନେଇ ରେଜଲ୍ଟ ପ୍ରକାଶ କରାଯିବ ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି।

# ଓଡ଼ିଶା ସୀମାରେ ଆନ୍ଧ୍ରର ଦାଦାଗିରି

**ପାରଳାଖେମୁଣ୍ଡି :** ଗଜପତି ଜିଲ୍ଲାର ଗଙ୍ଗାବାଡ଼ ପଞ୍ଚାୟତକୁ ଦଖଲ ଅଭିଯାନ ବରାବର ଚଳାଇଛି ଆନ୍ଧ୍ର ପ୍ରଶାସନ। କଳେ ବଳେ କେ ?ଶଳେ ସୀମାନ୍ତ ଗଙ୍ଗାବାଡ଼ ପଞ୍ଚାୟତର ଦୁଇ ଗ୍ରାମ ମାଣିକପାଟଣା ଓ ଗୁଦୁଖୁଡ଼ିରେ ଅନଧିକାର ଅନୁପ୍ରବେଶ ଉଦ୍ୟମ ଜାରି ରଖିଛି। ନିଜ ରାଜ୍ୟର ବିଭିନ୍ନ ଯୋଜନାରେ ହିତାଧିକାରୀ ସଜାଇ, ଭୋଟର ତାଲିକାରେ ସାମିଲ କରି ସାରିବା ପରେ ଏବେ ସ୍ଥାନୀୟ ଜନସାଧାରଣଙ୍କୁ ପ୍ରଲୋଭିତ କରି ଅଧିକ ସୁବିଧା ସୁଯୋଗ ଦେବା ଉଦ୍ଦେଶ୍ୟରେ ଆଜିଠାରୁ ଶ୍ରୀକାକୁଲମ ଜିଲ୍ଲାର ସିଙ୍ଗିପୁର ଠାରୁ ମାଣିକପାଟଣାକୁ ଏକ ନୂତନ ପକ୍କା ସଂଯୋଗ ରାସ୍ତା ନିର୍ମାଣ କାମ ଆରମ୍ଭ କରିଛି। ସୂଚନା ଅନୁସାରେ, ୧.୫ କିମି. ଲମ୍ବା ଏବଂ ୧୦ ଫୁଟ ଚଉଡ଼ା ପିଚୁ ରାସ୍ତାକୁ ଆନ୍ଧ୍ର ସରକାରଙ୍କ ଆଇଟିଡିଏ ଯୋଜନାରେ ନିର୍ମାଣ ଆରମ୍ଭ ହୋଇଛି। ସିଙ୍ଗିପୁର ଠାରୁ ମଞ୍ଜୁଷା ମଣ୍ଡଳ ମାତ୍ର ୫ କିମି ଦୂର ଏବଂ ରାସ୍ତା କାମ ସମ୍ପୂର୍ଣ୍ଣ ହେଲେ ମାଣିକପାଟଣା ଓ ଗୁଦୁଖୁଡ଼ି ବାସିନ୍ଦାଙ୍କୁ ଓଡ଼ିଶାର ଚମ୍ପାପୁର ରାସ୍ତାକୁ ଆଉ ବ୍ୟବହାର କରିବା ଆବଶ୍ୟକ ପଡ଼ିବନାହିଁ। ଆଜି ରାସ୍ତା କାମ ଆରମ୍ଭ ହେବା ଘଟଣାରେ ଗଙ୍ଗାବାଡ଼ ପୂର୍ବତନ ସରପଞ୍ଚ ହରିବନ୍ଧୁ କାର୍ଯୀ ଅଭିଯୋଗ କରିଛନ୍ତି,



ଆନ୍ଧ୍ରପ୍ରଦେଶ ସରକାର ଚତୁରତାର ସହ ନକ୍ସା କାଟିଛନ୍ତି। ସ୍ଥାନୀୟ ଲୋକଙ୍କୁ ଜନହିତକର ଯୋଜନାରେ ସାମିଲ କରିଦେଲେ, ଆସନ୍ତା ଦୁଇ ବର୍ଷ ମଧ୍ୟରେ ମାଣିକପାଟଣା ଏବଂ ଗୁଦୁଖୁଡ଼ି ଗ୍ରାମର ୫୦ରୁ ଅଧିକ ପରିବାର ଗଙ୍ଗାବାଡ଼ ପଞ୍ଚାୟତରେ ରହିବା ସତ୍ତ୍ୱେ ଆନ୍ଧ୍ରପ୍ରଦେଶରେ ହିଁ ଭୋଟ ଦେବେ ଏବଂ ଆନ୍ଧ୍ର ସରକାରଙ୍କ ସମସ୍ତ ଯୋଜନାର ସୁଫଳ ପାଇବେ। ସବୁଠାରୁ ବଡ଼ କଥା ହେଲା, ଦୁଇଦିନ ପୂର୍ବେ ଗଜପତି ଆଇଟିଡିଏ ତରଫରୁ କିଛି ଅଧିକାରୀ ଗୁଦୁଖୁଡି ଏବଂ ମାଣିକପାଟଣାରେ ଅନୁସୁଚିତ ଜନଜାତି ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ସ୍ୱତନ୍ତ୍ର ଯୋଜନା ବିଷୟରେ ବୁଝାଇ ଗ୍ରାମବାସୀଙ୍କୁ ଓଡ଼ିଶା ସରକାରଙ୍କ ଏହି ଜନହିତକର ଯୋଜନାରେ ପଞ୍ଜୀକୃତ ହେବା ପାଇଁ ନିବେଦନ କରିଥିଲେ। କିନ୍ତୁ କେ ?ଣସି ପରିବାର ଓଡ଼ିଶା ସରକାରଙ୍କ ଯୋଜନାକୁ ଗ୍ରହଣ କରିନଥିଲେ। ପାଲଟା ସେମାନେ ଆନ୍ଧ୍ରପ୍ରଦେଶ ସରକାରଙ୍କ ସପକ୍ଷରେ ଯୁକ୍ତି କରିଥିଲେ। ଗଜପତି ଜିଲ୍ଲା ପ୍ରାଶାସନିକ ଅଧିକାରୀ ବହୁ ବୁଝାସୁଝା ଉଦ୍ୟମ କରିବା ସତ୍ତ୍ୱେ କିଛି ସୁଫଳ ମିଳିଲାନି। ଅନ୍ୟପଟେ, ଆନ୍ଧ୍ର ସୀମାନ୍ତରେ ଥିବା ଏହି ଦୁଇ ଗ୍ରାମର ଭେ ?ଗୋଳିକ ସ୍ଥିତିର ଫାଇଦା ଉଠାଇବା ପାଇଁ ଶ୍ରୀକାକୁଲମ ଜିଲ୍ଲା ପଲାସା ନିର୍ବାଚନମଣ୍ଡଳୀର ବିଧାୟକ ଏବଂ ଆନ୍ଧ୍ର ସରକାରଙ୍କ ପଶୁସମ୍ପଦ ମନ୍ତ୍ରୀ ଏସ୍.ଆପ୍ପାଲାରାଜୁ ଏବେ ସୁଚିନ୍ତିତ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଓଡ଼ିଶାର ସୀମାନ୍ତ ଗ୍ରାମ ମାଣିକପାଟଣା ଓ ଗୁଦୁଖୁଡ଼ିର ସମସ୍ତ ପରିବାର ମୁଖ୍ୟଙ୍କୁ ସେମାନଙ୍କ ଆଧାର କାର୍ଡ, ଭୋଟର୍ କାର୍ଡ଼, ବ୍ୟାଙ୍କ୍ ଜମାଖାତା ଓ ପାନ୍‌କାର୍ଡ଼ ଇତ୍ୟାଦି ମଞ୍ଜୁଷା ମଣ୍ଡଳ କାର୍ଯ୍ୟାଳୟରେ କିମ୍ବା ନିକଟସ୍ଥ ଆନ୍ଧ୍ରର ଗୋପିଲି ଗ୍ରାମରେ ପ୍ରସ୍ତୁତ କରିବାକୁ ଘର ଘର ବୁଲି ସଚେତନ କରୁଛନ୍ତି। ଏହି ଦୁଇଟି ଗ୍ରାମର ୫୦ ପରିବାରକୁ ଆନ୍ଧ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ପଞ୍ଜୀକରଣ କରି ସାରିଛନ୍ତି।

# ଡାବୁଗାଁ ତହସିଲର ବରିଷ୍ଠ ରାଜସ୍ୱ ସହାୟିକା ଚନ୍ଦନା ମଣ୍ଡଳ ଚାକିରିରୁ ବହିଷ୍କୃତ

**ନବରଙ୍ଗପୁର :** ଡାବୁଗାଁ ତହସିଲର ବରିଷ୍ଠ ରାଜସ୍ୱ ସହାୟିକା ଚନ୍ଦନା ମଣ୍ଡଳଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଡଃ ଅଜିତ କୁମାର ମିଶ୍ରଙ୍କ ଆଦେଶ ସଂଖ୍ୟା ୧୧୪୫୨ ତା ୧୯.୧୦.୨୧ ପ୍ରକାରେ ଚାକିରିରୁ ବହିଷ୍କୃତ କରିଛନ୍ତି। ପ୍ରକାଶ ଥାଉକି, ଚନ୍ଦନା ମଣ୍ଡଳ ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ରେ ପ୍ରଥମେ ୨୦୦୭ ମସିହା ଠାରୁ ୨୦୦୯ ପର୍ଯ୍ୟନ୍ତ, ୨୦୧୧ ଠାରୁ ୨୦୧୬ ଏବଂ ୨୦୨୦ ରୁ ୨୦୨୧ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। ଜିଲ୍ଲାପାଳ ଡଃ ମିଶ୍ର ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ନିଜ ନିଜର କାର୍ଯ୍ୟାଳୟର କେଶ ବହି ଗୁଡିକ ନିୟମିତ ବ୍ୟବଧାନରେ ସମୀକ୍ଷା କରିବା ପାଇଁ ବିଭିନ୍ନ ବୈଠକରେ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ, ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ନୂତନ ଭାବରେ ଯୋଗ ଦେଇଥିବା ସନ୍ଧ୍ୟା ସମରଥ ଜାଣିବାକୁ ପାଇଲେ ଯେ, କେଶ ବହିରେ ଅନିୟମିତତା ସମ୍ପର୍କରେ ଜାଣି ଜିଲ୍ଲାପାଳଙ୍କ ନଜରକୁ ନେଇଥିଲେ। ଜିଲ୍ଲାପାଳ ଡଃ ମିଶ୍ର ତୁରନ୍ତ ତତ୍କାଳୀନ ଉପଜିଲ୍ଲାପାଳ ଭାସ୍କର ରଇତଙ୍କୁ ତଦନ୍ତ ନିମନ୍ତେ



ପ୍ରେରଣ କରିଥିଲେ। ତଦନ୍ତରୁ ଜଣାପଡିଲା ଟ ୬୩,୦୦,୦୦୦ ଟଙ୍କା ଶ୍ରୀମତୀ ମଣ୍ଡଳ ଆତ୍ମସାତ କରିଛନ୍ତି। ଜିଲ୍ଲାପାଳ, ଉପଜିଲ୍ଲାପାଳ ନବରଙ୍ଗପୁର ଙ୍କ ତଦନ୍ତ ରିପୋର୍ଟ ଆଧାରରେ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୫୭୭୦ ତା ୨୮.୦୫.୨୦୨୧ ପ୍ରକାରେ ଚନ୍ଦନା ମଣ୍ଡଳ ନିଲମ୍ବିତ ହୋଇଥିଲେ। ଚନ୍ଦନା ମଣ୍ଡଳ ଫେରାର ଥିବାରୁ ନିଲମ୍ବିତ ଆଦେଶ ପତ୍ରକୁ ତାଙ୍କ ଘର କାନ୍ଥରେ ଲଟକା ଜାରି କରାଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଡାବୁଗାଁ ତହସିଲଦାର ସନ୍ଧ୍ୟା ସମରଥ ଡାବୁଗାଁ ପୋଲିସ ଥାନାରେ ଚନ୍ଦନା ମଣ୍ଡଳଙ୍କ ବିରୁଦ୍ଧରେ ଏତଲା ଦେଇଥିଲେ। ଶ୍ରୀମତୀ ମଣ୍ଡଳଙ୍କୁ ଥାନାକୁ ଡାକି ପଚରା ଉଚାର ସମୟରେ ସେ ଅସୁସ୍ଥ ହେବାର ବାହାନା କରିଥିଲେ। ତାଙ୍କୁ ତୁରନ୍ତ ପ୍ରଥମେ ଡାବୁଗାଁ ସ୍ୱାସ୍ଥ କେନ୍ଦ୍ର, ତାପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ତାପରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ଶେଷରେ ବିଶାଖାପଟନାମର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେବା ଦିନ ଠାରୁ ଫେରାର ଥିଲେ। ନବରଙ୍ଗପୁର ଜିଲ୍ଲାପାଳ ଏହି ଦୁର୍ନୀତିର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ସଚିବ, ଓଡ଼ିଶା ରାଜସ୍ୱ ପରିଷଦ, କଟକଙ୍କୁ ସ୍ୱତନ୍ତ୍ର ସମୀକ୍ଷା କରିବା ପାଇଁ ପତ୍ର ସଂଖ୍ୟା ୮୯୪ ତା ୨.୬.୨୦୨୧ ରିଖ ପ୍ରକାରେ ଅନୁରୋଧ କରିଥିଲେ। ଓଡିଶା ରାଜସ୍ୱ ପରିଷଦ ସ୍ୱତନ୍ତ୍ର ସମୀକ୍ଷା ରିପୋର୍ଟରୁ ଜଣାଗଲା ଯେ ଶ୍ରୀମତୀ ମଣ୍ଡଳ ଡାବୁଗାଁ ତହସିଲରୁ ରାଜସ୍ୱ ଆଦାୟ ଏବଂ ରୋୟାଲଟି ବାବଦରେ ଆଦାୟ ହୋଇଥିବା ଟ.୧,୬୧,୫୯,୬୯୪/-ଙ୍କା ଆତ୍ମସାତ କରିଛନ୍ତି। ଏହି ଆତ୍ମସାତ ଘଟଣା ସମ୍ପର୍କରେ ନବରଙ୍ଗପୁର ଜିଲ୍ଲାପାଳ ଡଃ ମିଶ୍ର ରାଜ୍ୟ ସରକାରଙ୍କ ସହିତ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ, ବ୍ରହ୍ମପୁର, ଡି. ଆଇ.ଜି, କୋରାପୁଟ ଏବଂ ପୋଲିସ ଡିଜି ଓଡିଶାଙ୍କୁ ଅବଗତ କରାଇଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ଏକ ସ୍ୱତନ୍ତ୍ର ଅନୁସନ୍ଧାନ ଦଳ ଗଠନ କରି ଛତିଶଗଡ଼ ରାଜ୍ୟ ସୁକୁମା ଠାରୁ ଅଭିଯୁକ୍ତ ଚନ୍ଦନା ମଣ୍ଡଳଙ୍କୁ ଗିରଫ କରି ଗତ ୧୯.୧୦.୨୦୨୧ ତାରିଖରେ ଉମରକୋଟ କୋର୍ଟ ଚାଲାଣ କରିଥିଲେ। କୋର୍ଟରେ ବେଲ ନାମଞ୍ଜୁର ହେବାରୁ ତାଙ୍କୁ ନବରଙ୍ଗପୁର ଉପକାରଗରକୁ ପଠାଇ ଦିଆଯାଇଛି। ଭବିଷ୍ୟତରେ କୌଣସି ସରକାରୀ କାର୍ଯ୍ୟାଳୟ ମାନଙ୍କ ରେ ଏଭଳି ଘଟଣା ନ ଘଟିବା ନିମନ୍ତେ, ନବରଙ୍ଗପୁର ଜିଲ୍ଲାପାଳ ଡଃ ଅଜିତ କୁମାର ମିଶ୍ର ଏକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ସ୍ୱରୂପ ଶ୍ରୀମତୀ ମଣ୍ଡଳଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି।

## ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା

# ଦାଖଲ ହୋଇନି ୩୧୬ କୋଟିର ବିନିଯୋଗପତ୍ର

**ଭୁବନେଶ୍ୱର :** ଏମିତି ଚାଲିଛି ରାଜ୍ୟ କୃଷି ବିଭାଗ, ୯ ବର୍ଷ ହେଲା ଦାଖଲ ହୋଇନି ବିନିଯୋଗପତ୍ର। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଦିଆଯାଇଥିବା ୩୧୬ କୋଟିର ବିନିଯୋଗପତ୍ର ରାଜ୍ୟ କୃଷି ଏବଂ ଖାଦ୍ୟ ଯୋଗାଣ ବିଭାଗ ନିର୍ଦ୍ଦେଶକଙ୍କ ପକ୍ଷରୁ ଦାଖଲ କରାଯାଇନଥିବା ନେଇ ନିକଟରେ ହୋଇଥିବା ଅଡିଟ୍ ରିପୋର୍ଟରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ କୃଷି ବିଭାଗ ନିର୍ଦ୍ଦେଶକଙ୍କୁ ରାଜ୍ୟ ସରକାରଙ୍କ ଉପସଚିବ ଚିଠି ଲେଖିଛନ୍ତି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କୃଷି ବିଭାଗକୁ ୨୦୧୨ ମସିହାରେ ୫୦ ହଜାର ୩୧୦ ଲକ୍ଷ ଟଙ୍କା ଦିଆଯାଇଥିଲା। ଏଥିରୁ ୫୦ ହଜାର ୩୯୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଥିଲା। କିନ୍ତୁ ୪୬ ହଜାର ୮୨୮ ଲକ୍ଷ ଟଙ୍କାର ବିନିଯୋଗପତ୍ର ଦାଖଲ ହେଲା। ୨୦୪୬ ଲକ୍ଷ ଟଙ୍କାର ବିନିଯୋଗପତ୍ର ରହିଯାଇଛି। ୨୦୧୩ ମସିହାରେ ୫୫ ହଜାର ୫୦୦ ଲକ୍ଷ ଟଙ୍କା ଦିଆଯାଇଥିଲା। ଏଥିରୁ ୫୮



ହଜାର ୬୧୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଥିଲା। କିନ୍ତୁ ୫୦ ହଜାର ୯୯୩ ଲକ୍ଷ ଟଙ୍କାର ବିନିଯୋଗପତ୍ର ଦାଖଲ ହେଲା। ୭୨୧୧ ଲକ୍ଷ ଟଙ୍କାର ବିନିଯୋଗପତ୍ର ବାକି ରହିଛି। ୨୦୧୪ ମସିହାରେ ୩୦ କୋଟି ଟଙ୍କା ଦିଆଯାଇଥିଲା। ଏଥିରୁ ୬ହଜାର ୮୦୫ ଲକ୍ଷ ଟଙ୍କାର ବିନିଯୋଗପତ୍ର ଦାଖଲ ହେଲା। ୨୩ କୋଟିର ବିନିଯୋଗପତ୍ର ଦାଖଲ ହେଲା ନାହିଁ।

# ସେବକଙ୍କ ପାଇଁ ଲାଗୁହେଲା ପୋଷାକ କଟକଣା

**ପୁରୀ:** ଶ୍ରୀମନ୍ଦିର ଗର୍ଭଗୃହରେ ସେବାୟତଙ୍କ ପାଇଁ ଗୁରୁବାରଠାରୁ ଲାଗୁ ହୋଇଛି ପୋଷାକ କଟକଣା। ପାରମ୍ପରିକ ପୋଷାକରେ ଭିତରକାଠ ଠାରୁ ରତ୍ନସିଂହାସନ ପର୍ଯ୍ୟନ୍ତ ଯାତାୟାତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଛତିଶା ନିଯୋଗ ବୈଠକରେ ଗୃହୀତ ନିଷ୍ପତ୍ତିକୁ ଭିତ୍ତିକରି ପ୍ରଥମେ ସେବାୟତଙ୍କ ପାଇଁ ଏହି ବ୍ୟବସ୍ଥା ଲାଗୁ କରିଛି ମନ୍ଦିର ପ୍ରଶାସନ। କଟକଣା ପାଳନର ପ୍ରଥମ ଦିନ କୌଣସି ସେବାୟତ ଏହାକୁ ଉଲ୍ଲଙ୍ଘନ କରିନଥିବା ଜଣାପଡିଛି। ଦୀପାବଳି ଅମାବାସ୍ୟା ପରଦିନଠାରୁ ଶ୍ରୀମନ୍ଦିର ପ୍ରଶାସନ କର୍ମଚାରୀଙ୍କ ପାଇଁ ଏଭଳି ପୋଷାକ କଟକଣା ଲାଗୁ କରାଯିବ। କେତେକ ସେବାୟତ ଏବଂ କର୍ମଚାରୀ ସାର୍ଟପ୍ୟାଣ୍ଟ ପିନ୍ଧି ଶ୍ରୀମନ୍ଦିର ଭିତରକାଠ ସମେତ ଗର୍ଭଗୃହରେ ଚଳପ୍ରଚଳ କରୁଥିବାରୁ ତାହାର ଖରାପ ପ୍ରଭାବ ଦର୍ଶନାର୍ଥୀ ଭକ୍ତଙ୍କ ଉପରେ ପଡୁଥିବା ଅଭିଯୋଗ ହୋଇଥିଲା। ତେଣୁ ଶ୍ରୀମନ୍ଦିରରେ ସେବାୟତ, କର୍ମଚାରୀ ଏବଂ ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ପୋଷାକ କଟକଣା ଲାଗୁ ନିମନ୍ତେ ଦୀର୍ଘଦିନ ଧରି ଦାବିହୋଇ ଆସୁଥିଲା।

# ଓଡ଼ିଶାରେ ବୁନ୍ଦେଲଖଣ୍ଡ ଢାଞ୍ଚାରେ 'କ୍ଷେତ ପୋଖରୀ' ଯୋଜନା ପାଇଁ ସୁପାରିସ

**ଭୁବନେଶ୍ୱର:** ଉତ୍ତରପ୍ରଦେଶର ବୁନ୍ଦେଲଖଣ୍ଡ ଭଳି ଓଡ଼ିଶାର ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳର ଜମିରେ ପୋଖରୀ ଖୋଳି ଚାଷ ପାଇଁ ସୁପାରିସ୍ କରିଛି ରାଜ୍ୟ କୃଷି ପ୍ରତିନିଧିଦଳ। ସ୍ୱଳ୍ପ ବର୍ଷା ହେଉଥିବା ସ୍ଥାନ ପାଇଁ ଫସଲ ଉପରେ ଗବେଷଣା କରୁଥିବା ଅନ୍ତର୍ଜାତୀୟ ଗବେଷଣା ପ୍ରତିଷ୍ଠାନ ଇକ୍ରିସାର୍ଟର ସହଯୋଗରେ ଏହି କାର୍ଯ୍ୟ କରାଯାଇ ପାରିବ ବୋଲି ପରାମର୍ଶ ଦିଆଯାଇଛି। ଏ ସଂକ୍ରାନ୍ତରେ ରିପୋର୍ଟ ଖୁବ ଶୀଘ୍ର ରାଜ୍ୟ କୃଷି ବିଭାଗ ନିକଟରେ ଦାଖଲ କରାଯିବ ବୋଲି ଜଣାପଡ଼ିଛି। ନିକଟରେ ଇକ୍ରିସାର୍ଟର ଆମନ୍ତ୍ରଣରେ ରାଜ୍ୟ ସହକାରୀ କୃଷି ନିର୍ଦ୍ଦେଶକ ନଗେନ ମଲ୍ଲିକ, ବଲାଙ୍ଗୀର ଡିଡିଏଚ୍ ପ୍ରଫୁଲ୍ଲ ଭଞ୍ଜ, ସହକାରୀ କୃଷି ନିର୍ଦ୍ଦେଶକ ସଂଗ୍ରାମ ପଟ୍ଟନାୟକ, ଉଦ୍ୟାନ କୃଷି ପରିଚାଳକ ଶିବ ନାରାୟଣ ସିଂ, ସହକାରୀ କାର୍ଯ୍ୟନିର୍ବାହୀ ନିରଞ୍ଜନ ସାହୁ ବୁନ୍ଦେଲଖଣ୍ଡ ଅଞ୍ଚଳର ୭ଟି ଜିଲ୍ଲା ପରିଦର୍ଶନ କରିଥିଲେ। ଏହି ପ୍ରତିନିଧିଦଳ କହିଛି, ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳ ଭାବରେ ଜଣାଶୁଣା ବୁନ୍ଦେଲଖଣ୍ଡ ଅଞ୍ଚଳରେ ବାର୍ଷିକ ହାରାହାରି ୫୫୦ରୁ ୬୦୦ ମିଲିମିଟର ବର୍ଷା ହୋଇଥାଏ। ଏଥିଯୋଗୁଁ ମରୁଡ଼ି ପୀଡ଼ିତ ଏହି ଅଞ୍ଚଳରେ ଚାଷ ହୋଇପାରେ ନାହିଁ। ତେଣୁ ରୋଜଗାର ପାଇଁ ଲୋକେ ବାହାର ରାଜ୍ୟକୁ ପଳାୟନ କରନ୍ତି। କିଛି ବର୍ଷ ହେଲା ଚାଷ ପାଇଁ ଆବଶ୍ୟକ ପାଣି ସମସ୍ୟା ସମାଧାନ ନିମନ୍ତେ ସ୍ୱତନ୍ତ୍ର ଢଙ୍ଗରେ 'କ୍ଷେତ ପୋଖରୀ' ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତିନିଧିଦଳର ଜଣେ ସଦସ୍ୟ କହିଛନ୍ତି, ବୁନ୍ଦେଲଖଣ୍ଡର ମାଟି ହେଲା ଚିକିଟା ମାଟି। ଏହାର ଜଳଧାରଣ ଶକ୍ତି ଅଧିକ। ବର୍ଷା ହେଲେ ମାଟିରେ ପାଣି ମିଶିଯାଏ; କିନ୍ତୁ ଭୂମିତଳକୁ ଯାଇପାରେ ନାହିଁ। ଏଥିଯୋଗୁଁ ଖରିଫ ଚାଷ ଏଠାରେ ଭଲ ହୁଏ ନାହିଁ। ବର୍ତ୍ତମାନ ସେମାନେ ନୂତନ ପ୍ରକ୍ରିୟା



ଆରମ୍ଭ କରିଛନ୍ତି, ଖରାଦିନରେ ପୋଖରୀ ଖନନ କରି ପାଣି ବାନ୍ଧି ରଖୁଛନ୍ତି। ଇକ୍ରିସାର୍ଟ ସହଯୋଗରେ ଜମିକୁ ବାନ୍ଧି ଆଡ଼ି ବନ୍ଧ କରାଯାଇଛି। ସେହି ପାଣି ମାଟିରେ ରହିବା ଫଳରେ ଭୂତଳ ଜଳସ୍ତର ବଢୁଛି ଏବଂ କୂଅ, ପୋଖରୀରେ ପାଣି ରହୁଛି। ବର୍ଷା ଦିନରେ କିଛି ପାଣି ଭେଦି ତଳକୁ ଯାଉଥିବାରୁ ରବି ଋତୁରେ ଏହି ପାଣି ଖୋଲି ଦିଆଯାଏ, ଯାହା ଭୂମିତଳକୁ ଚାଲିଯାଏ। ଫଳରେ ଏଠାକାର ଚାଷୀମାନେ ରବି ଋତୁରେ ବୁଟ, ଗହମ, ବାଦାମ ଆଦି ଚାଷ କରନ୍ତି। ସ୍ଥାନୀୟ ଭାଷାରେ ଏହାକୁ ହାବେଲି ସିଷ୍ଟମ ମଧ୍ୟ କୁହାଯାଏ। କିଛି ଚାଷୀ ପାଣି ନ ଛାଡ଼ି ପୋଖରୀରେ ମାଛ ଚାଷ କରୁଛନ୍ତି। ଏଠାରେ ଚାଷ ସହିତ ବିଭିନ୍ନ ଗଛ ମଧ୍ୟ ଲଗାଯାଉଛି। ଓଡ଼ିଶାରେ ଏହି ପ୍ରକ୍ରିୟା ସହିତ ଆତ, ପିଜୁଳି, ସୀତାଫଳ ଆଦି ଗଛ ଲଗାଇବା ପାଇଁ ପରାମର୍ଶ ଦିଆଯାଉଛି। ଓଡ଼ିଶାରେ ଫାର୍ମପଣ୍ଡ ଚାରି ପଟ ଉଚ୍ଚ ଥିବାରୁ ପାଣି ନିଷ୍କାସିତ ହୁଏ ନାହିଁ। ବୁନ୍ଦେଲଖଣ୍ଡର ଏହି ହାବେଲି ସିଷ୍ଟମ କାର୍ଯ୍ୟକାରୀ ହେଲା ସ୍ଥାନୀୟ ଚାଷୀଙ୍କ ଆୟ ବୃଦ୍ଧି ପାଇବ। ଓଡ଼ିଶାର ମୁଖ୍ୟତଃ ପଶ୍ଚିମଓଡ଼ିଶା ଏବଂ ଫୁଲବାଣୀରେ କମ୍ ବର୍ଷା ହେଉଥିବାରୁ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇ ପାରିବ ବୋଲି ପ୍ରତିନିଧିଦଳ ମତ ଦେଇଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୫ - ୩୧ ଅକ୍ଟୋବର, ୨୦୨୧

# ସମ୍ପର୍କର ପରିଭାଷା

ଯେଉଁ ସମ୍ପର୍କକୁ ନେଇ ଦିନେ ମଣିଷ ଗର୍ବ କରୁଥିଲା, ସେଥିରେ ଆଜି ପୁଳା ପୁଳା ବିଷ। ବିଷର ଜ୍ୱାଳା ବେଳେ ବେଳେ ଅଧିକ ଯେ, ଅନିଚ୍ଛାକୃତ ଅପରାଧ ପାଇଁ ଏହା ବାଧ କରୁଥିଲା ଭଳି ଅନୁଭବ ହେଉଛି। ଦେଶ-ଦେଶ, ରାଜ୍ୟ-ରାଜ୍ୟ, ଗାଁ-ଗାଁ, ପରିବାର-ପରିବାର ମଧ୍ୟରେ ସମ୍ପର୍କର ନିବିଡ଼ତା ବଦଳରେ କ୍ରୋଧ ଓ ହିଂସା ଏଭଳି ସ୍ଥାନ ନେଇଛି ଯେ, କେହି ଚାହିଁଲେ ମଧ୍ୟ ଏଥିରେ ସୁଧାର ଆସିବା ଅସମ୍ଭବ ମନେହେଉଛି। ଭାରତର ପଡୋଶୀ ଦେଶ ଚୀନ ଓ ପାକିସ୍ତାନ ବରାବର ଭାରତ ବିରୋଧୀ ଆଭିମୁଖ୍ୟ ଦେଖାଇ ଚାଲିଛନ୍ତି। ଯାହାଫଳରେ ବାଣିଜ୍ୟିକ ସମ୍ପର୍କ ଠାରୁ ଆରମ୍ଭ କରି ବ୍ୟକ୍ତି ସମ୍ପର୍କ ଜଟିଳ ଆକାର ଧାରଣ କରିଛି। ଏହାର କାରଣ କଣ? ଶାସ୍ତ୍ର ଅନୁସାରେ ଶାଗ ଖିଆ ପେଜ ଖିଆକୁ ହଜମ ନକରିବା ଭଳି କାରଣ ହିଁ ଏହାର ମୂଳ ପିଣ୍ଡ। ବିଭାଜନ ପରେ ଦୁଇଟି ରାଷ୍ଟ୍ର ଭାବେ ଭାରତ ଏବଂ ପାକିସ୍ତାନ ସୃଷ୍ଟି ହୋଇଥିଲେ ବି ଆରମ୍ଭରୁ ପାକିସ୍ତାନ ନିଜ ରଣନୀତିରେ ଭାରତ ବିରୋଧୀ ଆଭିମୁଖ୍ୟକୁ ଟାଣ କରିଚାଲିଛି। ଅଥଚ ଭାରତ ନିଜ ନୀତିରେ ସ୍ୱୟଂ ସମ୍ପୂର୍ଣ୍ଣ ଏକ ବଳିଷ୍ଠ ଦେଶ ଭାବେ ନିଜର କାର୍ଯ୍ୟ ବଳବତ୍ତର ରଖିଛି। ଯେଉଁଥିପାଇଁ ବିଶ୍ୱର ବିକଶିତ ରାଷ୍ଟ୍ର ତାଲିକାରେ ଭାରତ ସାମିଲ ହେଉଥିଲା ବେଳେ ପାକିସ୍ତାନ କେବଳ ଆତଙ୍କବାଦ ଜରିଆରେ ନିଜର ଖରାପ ଛବି ପ୍ରଦର୍ଶିତ କରିଆସୁଛି। ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରତିରକ୍ଷା, ଖାଦ୍ୟ ସୁରକ୍ଷା ଓ ଗବେଷଣା କ୍ଷେତ୍ରରେ ପାକିସ୍ତାନ ଅତ୍ୟନ୍ତ ଦୁର୍ବଳ ରାଷ୍ଟ୍ର ହୋଇଥିଲା ବେଳେ ଭାରତ କିନ୍ତୁ ନିଜ ପ୍ରଗତିର ପ୍ରମାଣ ବିଶ୍ୱ ସମୂହକୁ ଦେଇସାରିଛି। ଏଭଳି ସ୍ଥିତିରେ ପାକିସ୍ତାନ ନିଜ ଚରିତ୍ରର ସଂଶୋଧନ କରିବା ପରିବର୍ତ୍ତେ ଚୀନ ସହାୟତାରେ ଭାରତକୁ ଧ୍ୱଂସ କରିବାର ଦିବା ସ୍ୱପ୍ନ ଦେଖିଚାଲିଛି। ଆତଙ୍କବାଦକୁ କ୍ଷେତର ଫସଲ ମନେକରି ପାକିସ୍ତାନ ଦୀର୍ଘ ବର୍ଷରୁ ଏଭଳି କାର୍ଯ୍ୟ ଜାରି ରଖିଛି। ବିଶ୍ୱର ଅନେକ ରାଷ୍ଟ୍ରରେ ପାକ ଆତଙ୍କବାଦୀ ନିଜର ଘୃଣ୍ୟ ଇଚ୍ଛାକୁ ଚରିତାର୍ଥ କରିବାକୁ ଯାଇ ନିନ୍ଦିତ ହେଉଥିଲେ, ପାକିସ୍ତାନ ସରକାର ସର୍ବଦା ବିଶ୍ୱ ସମୁଦାୟ ଆଗରେ ମିଛ ଅଭିନୟ କରି ଭାରତ ବିରୋଧରେ ବିଷ ଓଗାଳି ଚାଲିଛି। ଅନ୍ୟାୟ, ଅନୀତିକୁ ନିଜର ମୂଳଦୁଆ ବୋଲି ଭାବିନେଇଥିବା ପାକିସ୍ତାନ ଏବେ ହରଡ଼ ଘଣାରେ ପଡିଛି। ଋଣଗ୍ରସ୍ତ ପାକିସ୍ତାନର ସଙ୍କଟ ଏତେ ଅଧିକ ଯେ ଚୀନ ଯେକୌଣସି ସମୟରେ ଏହି ଦେଶକୁ କବ୍‌ଜା କରିନେବାର ଆଶଙ୍କା ସୃଷ୍ଟି ହେଲାଣି। ଅନ୍ୟପକ୍ଷରେ ଆତଙ୍କବାଦୀଙ୍କୁ ଖୋଲା ସମର୍ଥନ ଦେଇ ପାକିସ୍ତାନର ଇମ୍ରାନ ସରକାର ତ୍ରାହି ତ୍ରାହି ଡାକିବା ଆରମ୍ଭ କରିଛି। ଗଣତନ୍ତ୍ର ନାଁରେ ସେନା ସରକାର ଚଳାଇ ପାକିସ୍ତାନ ଦୁନିଆ ଆଖିରେ ଏବେ ଅତ୍ୟନ୍ତ ଘୃଣ୍ୟ ହୋଇପଡିଛି। ଯେଉଁ ଆମେରିକା ପାକିସ୍ତାନକୁ ଆକୁଣ୍ଠ ସହଯୋଗ, ସହାୟତା ଯୋଗାଇ ଚାଲିଥିଲା, ଏବେ ସେହି ଆମେରିକା ପାକିସ୍ତାନ ନାଁ ଶୁଣିଲେ ଚିହିଁକି ଉଠୁଛି। ଏହାର ଏକମାତ୍ର କାରଣ ପାକିସ୍ତାନର ଦୋମୁହାଁ ନୀତି ଓ ଆତଙ୍କବାଦକୁ ପ୍ରୋତ୍ସାହନ।

ଯେତେଦିନ ପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କର ଫସଲ ଫଳାଇ ବିକାଶର ସ୍ୱପ୍ନ ଦେଖୁଥିବ, ସେତେଦିନ ପର୍ଯ୍ୟନ୍ତ ସେ ଦେଶର ବିକାଶ ଅସମ୍ଭବ। କାରଣ ମିଛ ଧର୍ମର ଆଧାରରେ ଶିକ୍ଷାର ବିକାଶ ସମ୍ଭବ ହୋଇପାରିନାହିଁ। ମଣିଷ ପାଇଁ

ସମ୍ବାଦକୀୟ
ତାରକ ମହାନ୍ତି



ଧର୍ମ ଏକ ଶୃଙ୍ଖଳାର ରଜ୍ଜୁ ମାତ୍ର, କିନ୍ତୁ ଶିକ୍ଷାର ବିକାଶରେ ଏହା ପ୍ରତିଦ୍ୱନ୍ଦ୍ୱି ନହେବା ଉଚିତ। ବିଶ୍ୱ ଯେଉଁ ପ୍ରଗତିକୁ ଆୟୁଧ କରୁଛି, ସେଥିରେ ନିଜର ଯୋଗଦାନ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ରକ୍ତପାତ ଓ ଅଶାନ୍ତି ସୃଷ୍ଟି କରି କେହି କେବେ ବିକାଶର ମାର୍ଗ ଉନ୍ମୁକ୍ତ କରିପାରିନାହିଁ। ବର୍ତ୍ତମାନ ଚୀନ ଭଳି ଏକ ବିକଶିତ ରାଷ୍ଟ୍ର ମଧ୍ୟ ନିଜକୁ ସର୍ବଶ୍ରେଷ୍ଠ କରିବାର ଦୌଡ ମଧ୍ୟରେ ନୈତିକତା ଭୁଲିଯାଇଛି। ଚୀନ ଜନସଂଖ୍ୟା ଦୃଷ୍ଟିରୁ ସର୍ବବୃହତ,ସେହି କାରଣରୁ ନିଜ ଦେଶରେ ଚୀନର ଶିଳ୍ପ ଉତ୍ପାଦନ ଅଧିକ। ହେଲେ ନିଜର ବିସ୍ତାରବାଦୀ ଗୁଣ ପାଇଁ ଚୀନ ମଧ୍ୟ ଭାରତର ଶତ୍ରୁ ରାଷ୍ଟ୍ର ଭାବେ ଉଭା ହୋଇଛି। ପାକିସ୍ତାନ, ବାଂଲାଦେଶ ଭଳି ଅନେକ ରାଷ୍ଟ୍ରକୁ ସାହାଯ୍ୟ ବାହାନାରେ ଋଣ ଦେଇ ନିଜର ସ୍ୱାର୍ଥ ସିଦ୍ଧିରେ ଲାଗିଛି ଚୀନ। ଯେଉଁଥିପାଇଁ ଭାରତର ଉତ୍ଥାନକୁ ସହଜରେ ଚୀନ ହଜମ କରିପାରୁନାହିଁ। ପାକିସ୍ତାନର ଆର୍ଥିକ ଦୁର୍ଗତି ସମୟରେ ଚୀନ ସରକାର ଅନେକ ପ୍ରକାର ଆର୍ଥିକ ସହଯୋଗ କରିବା ସହ ପାକିସ୍ତାନରେ ଚୀନ ନିଜ ପ୍ରକଳ୍ପ ବଢ଼ାଇ ଚାଲିଛି।

କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଭାରତର ବୈଦେଶିକ ନୀତିକୁ ବିଶ୍ୱର ଅନେକ ବିକଶିତ ରାଷ୍ଟ୍ର ଗ୍ରହଣ କରିବା ସହ ପ୍ରତି କ୍ଷେତ୍ରରେ ସହଯୋଗର ହାତ ବଢ଼ାଉଛନ୍ତି। ଚୀନ ଓ ପାକିସ୍ତାନ ପ୍ରସଙ୍ଗରେ ଇଜରାଏଲ, ୟୁଏଇ ମଧ୍ୟ ଭାରତ ସହ ହାତ ମିଳାଇଛନ୍ତି। ଆମେରିକା ସାମୁଦ୍ରିକ କ୍ଷେତ୍ରରେ ଚୀନକୁ ଚେକ ଦେବା ପାଇଁ ଯୁଦ୍ଧପୋତ ଠିଆ କରିବା ଦ୍ୱାରା ଭାରତର ପ୍ରତିରକ୍ଷା ଦୃଢ଼ ହେଉଛି। ସୀମାରେ ଭାରତ ଚୀନକୁ ଦୃଢ଼ ଜବାବ ଦେବା ପାଇଁ ସୈନ୍ୟ ବଳ ବଢାଇବା ସହିତ ଆଧୁନିକ ଯୁଦ୍ଧାସ୍ତ୍ର ନିୟୋଜିତ କରୁଛି। ଅନ୍ୟପଟେ ପାକିସ୍ତାନ ଭାରତର ସମର ସଜ୍ଜା ଦେଖି ଭୟଭୀତ ହୋଇଥିବା ଖବର ମଧ୍ୟ ମିଳୁଛି। କିନ୍ତୁ ପାକ ସରକାର ଆଇଏସଆଇ ସହଯୋଗରେ ଜମ୍ମୁ-କାଶ୍ମୀରରେ ଅରାଜକତା ସୃଷ୍ଟି କରିବା ଲକ୍ଷ୍ୟରେ ଆତଙ୍କବାଦୀ ଆକ୍ରମଣ ପାଇଁ ଜୋର ଲଗାଇଦେଇଛି। ଭାରତୀୟ ସେନା ଏହାର ଦୃଢ଼ ମୁକାବିଲା କରିବା ପାଇଁ ସବୁପ୍ରକାର ପ୍ରସ୍ତୁତି ଚଳାଇଛନ୍ତି। ସୀମା ଅଞ୍ଚଳରେ ଆତଙ୍କବାଦୀଙ୍କ ଗତିବିଧି ଉପରେ ଭାରତ କଡା ନଜର ରଖିବା ସହ କାଶ୍ମୀରରେ ଆତଙ୍କବାଦ କାର୍ଯ୍ୟକଳାପ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉଛି। ହେଲେ ଭାରତର ମିତ୍ର ରାଷ୍ଟ୍ର ତାଲିକାରେ ଥିବା ବଙ୍ଗଳାଦେଶରେ ହିନ୍ଦୁଙ୍କ ପ୍ରତି ଅତ୍ୟାଚାର ବଢିବା ଦ୍ୱାରା ଆଗକୁ ଦୁଇଦେଶ ମଧ୍ୟରେ ସଙ୍କଟ ଦେଖାଦେବାର ଆଶଙ୍କା ସୃଷ୍ଟି ହେଲାଣି। ଏପଟେ ଓଡ଼ିଶା ସହ ଆନ୍ଧ୍ର ସରକାରଙ୍କର ଲୁଚକାଳି ଖେଳ ଚାଲିଛି। ଆନ୍ଧ୍ରର ଅଧିକାରୀମାନେ ଓଡ଼ିଶାର ସୀମାବର୍ତ୍ତୀ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେବା ପାଇଁ ଅତ୍ୟନ୍ତ ହୀନ ପ୍ରୟାସ ଚଳାଇଛନ୍ତି। କେଉଁଠି ଓଡ଼ିଶାରେ ବସବାସ କରୁଥିବା ତେଲୁଗୁ ସମ୍ପ୍ରଦାୟର ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ସହାୟତା ପ୍ରଦାନ କରିବା ସହିତ ସୀମାବର୍ତ୍ତୀ ଅଞ୍ଚଳକୁ ନିଜର ବୋଲି ଦାବି ମଧ୍ୟ କରୁଛନ୍ତି। ନିକଟରେ କୋଟିଆର ତଳଗଞ୍ଜେଇ ପଦରରେ ଆନ୍ଧ୍ର ସରକାର ମେଗା ସ୍ୱାସ୍ଥ୍ୟ ମେଳା କରିବାକୁ ଯେଉଁ ଯୋଜନା କରିଥିଲା ତାହାକୁ ଭଣ୍ଡୁର କଲା ଓଡ଼ିଶା ପ୍ରଶାସନ। ସେଠାରୁ ୧୦ ରୁ ଊର୍ଦ୍ଧ୍ୱ ତେଲୁଗୁ ଫଳକ ମଧ୍ୟ ଜବତ କରାଯାଇଛି। ଆନ୍ଧ୍ରର ଏତାଦୃଶ କାର୍ଯ୍ୟକୁ ଦେଖି ଓଡ଼ିଶା ସରକାର କୋଟିଆକୁ ଜଗିବା ପାଇଁ ପୋଲିସ ଫୋର୍ସ ମୁତୟନ କରିଛନ୍ତି। ତେବେ ଦେଶ-ଦେଶ, ରାଜ୍ୟ-ରାଜ୍ୟ ମଧ୍ୟରେ ଏଭଳି ବିବାଦ ଜାରି ରହିଲେ ଭଲ ସମ୍ପର୍କ ଆସିବ କୁଆଡୁ। ଯେଉଁଠି ସମ୍ପର୍କର ମୂଲ୍ୟନାହିଁ ସେଠାରେ ମାନବିକତା ହ୍ରାସ ପାଇବା ସ୍ୱାଭାବିକ। କାରଣ ଶତ୍ରୁ ସହିତ ମିତ୍ରତା ଆଚରଣ କଲେ ଯଦି ଶତ୍ରୁ ମନରେ ପରିବର୍ତ୍ତନ ଆସୁନାହିଁ ସେଭଳି କ୍ଷେତ୍ରରେ ଶତ୍ରୁ ସହିତ ଶତ୍ରୁତା ହିଁ କରାଯିବା ଉଚିତ। ତେଣୁ ସଂକ୍ଷେପରେ ଏତିକି କହିହେବ ନିଜକୁ ବିକଶିତ କରିବାକୁ ହେଲେ ପଡୋଶୀ ସହିତ ସୁସମ୍ପର୍କ ରଖିବାର ମଧ୍ୟ ଆବଶ୍ୟକତା ଅଛି।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବଢୁଛି ଲିଙ୍ଗଗତ ତାରତମ୍ୟ : ବାଡୁଅ ରହିବେ ପୁଅ !



ଡ଼ଃ.ଅରୁନ୍ଧତୀ ଦେବୀ

ରାଜ୍ୟରେ ସାଙ୍ଘାତିକ ହେବାରେ ଲାଗିଛି ତାରତମ୍ୟ। ଦିନ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା କମିବାରେ ଲାଗିଛି। ସ୍ଥିତି ଏପରି ହୋଇଛି ଯେ କିଛି ବର୍ଷ ମଧ୍ୟରେ ରାଜ୍ୟରେ ବିବାହଯୋଗ୍ୟ ପୁରୁଷଙ୍କ ପାଇଁ କନ୍ୟାପାତ୍ରୀଟିଏ ମିଳିବା କାଠିକର ପାଠ ହୋଇପଡ଼ିବ। ଯଦିବା ଏଭଳି ପରିସ୍ଥିତି ଏବେ ଅନୁଭବ ହେଲାଣି ଆଗକୁ ଏହା ସାଙ୍ଘାତିକ ଭାବେ ଦେଖାଦେବ। ଏକ ଆକଳନ ଅନୁଯାୟୀ ୧୦ବର୍ଷ ମଧ୍ୟରେ ରାଜ୍ୟର ପ୍ରାୟ ସାଢ଼େ ୪ ଲକ୍ଷ ପୁଅଙ୍କ ପାଇଁ ଏହି ସମସ୍ୟା ସୃଷ୍ଟି ହେବ।

କୋଡିଏ ବର୍ଷ ତଳର ଜନଗଣନା ରିପୋର୍ଟ ଅର୍ଥାତ୍ ୨୦୦୧ ଜନଗଣନା ଅନୁଯାୟୀ ରାଜ୍ୟରେ ପ୍ରତି ହଜାରେ ପୁରୁଷରେ ମହିଳାଙ୍କ ସଂଖ୍ୟା ଥିଲା ୯୭୨। ଅନ୍ୟପକ୍ଷରେ ୬ରୁ କମ୍ ବୟସର ବାଳକ ବାଳିକାଙ୍କ ଅନୁପାତ ଥିଲା ୧୦୦୦ : ୯୫୩। ଅର୍ଥାତ୍ ପ୍ରତି ହଜାରେ ପୁଅରେ ୯୫୩ ଜଣ ଝିଅ ରହିଥିଲେ। ବିଡ଼ମ୍ବନା ହେଉଛି ଉକ୍ତ ରିପୋର୍ଟ ଅନୁଯାୟୀ ଶିକ୍ଷିତ ଜିଲ୍ଲା ଗୁଡ଼ିକରେ ଲିଙ୍ଗଗତ ତାରତମ୍ୟ ଅଧିକ ମାତ୍ରାରେ ପରିଲକ୍ଷିତ ହୋଇଥିଲା। ବିଶେଷକରି କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ଯାଜପୁର ଭଳି ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ଲିଙ୍ଗଗତ ତାରତମ୍ୟ ଅଧିକ ରହିଥିଲା। ମାତ୍ର ଅବିଭକ୍ତ କଳାହାଣ୍ଡି, କୋରାପୁଟ ଆଦି ଆଦିବାସୀ ପ୍ରବଣ ଜିଲ୍ଲାରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଅଧିକ ରହିଥିଲା। ଯଦିବା ଲିଙ୍ଗଗତ ପ୍ରଭେଦ ଦୂର ପାଇଁ ତଥା ପୁରୁଷ ମହିଳାଙ୍କ ମଧ୍ୟରେ ତାରତମ୍ୟ ହ୍ରାସ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପମାନ ନିଆଯାଇଥିଲା। ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ବାସ୍ତବିକ ପ୍ରଶାସନିକ ଆନ୍ତରିକତା ଅଭାବରୁ ଏସବୁ ଆଶା ଜନକ ଫଳପ୍ରଦ ହୋଇପାରିନାହିଁ। ଯେଉଁଥିପାଇଁ ଏ ପର୍ଯ୍ୟନ୍ତ ଲିଙ୍ଗଗତ ତାରତମ୍ୟ କମିବା ବଦଳରେ କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ସମ୍ପ୍ରତି ରାଜ୍ୟରେ ପ୍ରତି ହଜାରେ ପୁରୁଷରେ ମହିଳାଙ୍କ ସଂଖ୍ୟା ୯୭୯ ଥିବା ବେଳେ ଶିଶୁମାନଙ୍କ ମଧ୍ୟରେ ଏହି ତାରତମ୍ୟ ଅତି ସାଙ୍ଘାତିକ ସ୍ଥିତିରେ ପହଞ୍ଚିଥିଲା। ଏହି ଜନଗଣନା ଅନୁଯାୟୀ ଶୂନ୍ୟରୁ ୬ ବର୍ଷର ପ୍ରତି ହଜାରେ ପୁଅଙ୍କ ମଧ୍ୟରେ ଝିଅଙ୍କ ସଂଖ୍ୟା ଥିଲା ୯୪୧। ଯଦ୍ୱାରା ରାଜ୍ୟରେ ପୁରୁଷ ଓ ମହିଳାଙ୍କ ସଂଖ୍ୟାରେ ବଡ଼ ଧରଣର ତାରତମ୍ୟ ପରିଲକ୍ଷିତ ହୋଇଛି। ଗତ ୨୦୧୧ ମସିହା ଜନଗଣନା ଅନୁଯାୟୀ ରାଜ୍ୟାରେ ୪କୋଟି ୨୯ ଲକ୍ଷ ଲୋକଙ୍କ ମଧ୍ୟରୁ ୨ କୋଟି ୧୨ ଲକ୍ଷ ୧୨ ହଜାର ୧୩୬ ଜଣ ପୁରୁଷ ରହିଥିବା ବେଳେ ମହିଳାଙ୍କ ସଂଖ୍ୟା ରହିଛି ୨କୋଟି ୭ଲକ୍ଷ ୬୨ ହଜାର ୮୨। ଅର୍ଥାତ୍ ପୁରୁଷଙ୍କ ତୁଳନାରେ ପ୍ରାୟ ସାଢ଼େ ୪ଲକ୍ଷ ମହିଳା କମ ରହିଛନ୍ତି। ସେଥିମଧ୍ୟରୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା କମ ଥିବାରୁ ଗତ କିଛି ବର୍ଷ ଧରି ବିବାହ ପାଇଁ ପୁରୁଷମାନେ ସମସ୍ୟାର ସମ୍ମୁଖୀନ ହେବା ଆରମ୍ଭ ହେଲାଣି। ତେବେ ଆଗାମୀ ଦିନରେ ଏହି ପରିସ୍ଥିତି ଜଟିଳ ହେବାରେ ଆଶଙ୍କା କରାଯାଉଛି। ଗତ ଦଶବର୍ଷ ତଳର ଜନଗଣନା ରିପୋର୍ଟକୁ ତର୍ଜମା କଲେ ଯାହା ଜଣାଯାଏ ରାଜ୍ୟରେ ଶୂନ୍ୟରୁ ଛଅ ବର୍ଷ ବୟସ ମଧ୍ୟରେ ଯେଉଁମାନଙ୍କ ଜନ୍ମ ୨୦୦୫ରୁ ୨୦୨୧ ମସିହା ମଧ୍ୟରେ ହୋଇଛି ମୋଟ ୫୨ଲକ୍ଷ ୭୩ ହଜାର ୧୯୪ ଶିଶୁ ରହିଥିବାବେଳେ ସେମାନଙ୍କ ମଧ୍ୟରେ ପୁଅ ସଂଖ୍ୟା ରହିଛି ୨୭ଲକ୍ଷ ୧୬ ହଜାର ୪୯୭ ଓ ଝିଅଙ୍କ ସଂଖ୍ୟା ରହିଛି ୨୫ ଲକ୍ଷ ୫୬ ହଜାର ୬୯୭। ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ୧ଲକ୍ଷ ୫୯ ହଜାର ୮୦୦ କମ ରହିଛି। ଦଶ ବର୍ଷ ତଳେ ଯେଉଁ ମାନଙ୍କ ବୟସ ୬ ବର୍ଷରୁ କମ ଥିଲା ସେମାନେ ଆଉ କିଛି ବର୍ଷ ମଧ୍ୟରେ ବିବାହଯୋଗ୍ୟ ହେବେ। ଫଳରେ ସେମାନଙ୍କ ପାଇଁ ବିବାହ ସମସ୍ୟା ଜଟିଳ ହୋଇପାରେ। ସେହିଭଳି ୨୦୦୧ ମହିଳା ଅର୍ଥାତ୍ ପୂର୍ବ ଜନଗଣନା ରିପୋର୍ଟ ଆଧାରରେ ଶୂନ୍ୟରୁ ୬ ବର୍ଷ ମଧ୍ୟରେ (ଯେଉଁ ମାନଙ୍କ ଜନ୍ମ ୧୯୯୫ ରୁ ୨୦୦୧ ମସିହା ମଧ୍ୟରେ ହୋଇଛି) ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ୧ଲକ୍ଷ ୩୦ ହଜାର ୨୯୪ କମ ରହିଥିଲା।

ରିପୋର୍ଟ ଅନୁଯାୟୀ ରାଜ୍ୟରେ ଶୂନ୍ୟରୁ ୬ ବର୍ଷ ବୟସର ମୋଟ ୫୩ ଲକ୍ଷ ୫୮ ହଜାର ୮୧୦ ଶିଶୁ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ୨୭ ଲକ୍ଷ ୪୪ ହଜାର ୫୫୨ ଜଣ ପୁଅ ଓ ୨୬ ଲକ୍ଷ ୧୪ ହଜାର ୨୫୮ ଜଣ ଝିଅ ରହିଥିଲେ। ସେହି ସମୟରେ ଯେଉଁମାନଙ୍କ ବୟସ ଶୂନ୍ୟରୁ ୬ ବର୍ଷ ହୋଇଥିଲା ସେମାନଙ୍କ ବୟସ ଏବେ ୨୦ରୁ ୨୬ ବର୍ଷ ରହିଛି। ସେହିଭଳି ୨୦୦୧ରୁ ୨୦୦୫ ମଧ୍ୟରେ ଜନ୍ମ ହୋଇଥିବା ପୁଅ-ଝିଅଙ୍କ ସଠିକ ଆକଳନ ପହଞ୍ଚି ନଥିଲେ ମଧ୍ୟ ପୁଅ-ଝିଅଙ୍କ ମଧ୍ୟରେ ତାରତମ୍ୟ ପ୍ରାୟ ୧ଲକ୍ଷ ହେବ ବୋଲି ଆକଳନ କରାଯାଇଛି। ଏହିଭଳି ପ୍ରାୟ ୪ ଲକ୍ଷ ପୁଅଙ୍କ ପାଇଁ ପାତ୍ରୀଟିଏ ମିଳିବା ନେଇ ପ୍ରଶ୍ନ ଉଠିଛି। କନ୍ୟାରତ୍ନ ନେବା ଯତ୍ନ ଏହି ମହତ୍ ଆଦର୍ଶ ଓ ଚିନ୍ତନ ସମସ୍ତଙ୍କର ଧ୍ୟେୟ ହେବା କଥା।

*ସମ୍ପାଦିକା-ନିର୍ଦ୍ଦେଶିକା*
*ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ*
*ଦୂରଭାଷ : ୯୯୩୭୧୭୨୮୧୦*

## ପୋଷ୍ୟ ଗ୍ରହଣରେ ଓଡ଼ିଶା ତୃତୀୟ

ଏଣିକି ଆଉ ଅଲୋଡା ନାହାନ୍ତି କନ୍ୟା ସନ୍ତାନ। ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ମୂଳକ ପଦକ୍ଷେପ ଯୋଗୁଁ ଏବେ ନିସନ୍ତାନ ଦମ୍ପତିମାନେ କନ୍ୟା ସନ୍ତାନ ପୋଷ୍ୟ ଗ୍ରହଣ କରିବାରେ ବେଶୀ ଆଗ୍ରହ ଦେଖାଉଛନ୍ତି। ଓଡ଼ିଶାର ୨୬ଟି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୩୧ଟି ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର କାମ କରୁଛି। ବିଭିନ୍ନ ସିଡ଼ବ୍ଲ୍ୟୁସିରୁ ଉଦ୍ଧାର ହୋଇ ଆସୁଥିବା ପିଲାମାନେ ଏହି କେନ୍ଦ୍ରରେ ରହି ଯତ୍ନ ପାଉଥିବା ବେଳେ ପରବର୍ତ୍ତୀ ସମୟରେ ଏହି ଅନୁଷ୍ଠାନ ଅନାଥ ପିଲାମାନଙ୍କୁ ଓଡ଼ିଶାର ବିଭିନ୍ନ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରକୁ ପଠାଇଥାନ୍ତି। କରୋନାର ଯାବତୀୟ ପ୍ରତିବନ୍ଧକ ସତ୍ତ୍ୱେ ଓଡ଼ିଶା ପୋଷ୍ୟ ଗ୍ରହଣ ପ୍ରୋତ୍ସାହନ ଓ ସଚେତନତା କ୍ଷେତ୍ରରେ ସାରା ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ସୂଚନା ଅନୁସାରେ ଗତ ୪ ବର୍ଷ ଭିତରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପାଖାପାଖି ୭୨୯ ଜଣ ପିଲାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି। ୨୦୧୭ ମସିହାରେ ୨୦୭ ଜଣ ଅନାଥ ଶିଶୁଙ୍କୁ ଦେଶ ଭିତରେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଥିବା ବେଳେ ସେଥି ମଧ୍ୟରୁ ୧୧୯ ଜଣ ବାଳିକା ଥିଲେ। ୨୦୧୮ ମସିହାରେ ସମୁଦାୟ ୧୦୧ ଜଣ ବାଳିକାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ସେହିପରି ୨୦୧୯ ମସିହାରେ ୧୨୦ ଜଣ ବାଳିକା ଓ ୨୦୨୦ରେ ୯୫ ଜଣ ବାଳିକାଙ୍କୁ ପୋଷ୍ୟ ଗ୍ରହଣ କରାଯାଇଛି। ଅନୁରୂପ ଭାବରେ ୭୬ ଜଣ ପିଲାଙ୍କୁ ବିଦେଶୀ ନାଗରିକ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଗତ ଦୁଇ ବର୍ଷ ହେବ କରୋନା ଯୋଗୁଁ ଯଦିଓ ଏହି ପ୍ରକ୍ରିୟାରେ ସାମାନ୍ୟ ଧିମେଇ ଯାଇଛି ତଥାପି ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଷ୍ୟ ସନ୍ତାନ ଗ୍ରହଣ ଅବଧିକୁ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନସ୍ଥ ସେଣ୍ଟ୍ରାଲ ଆଡ଼ପ୍ସନ ରିସୋର୍ସ ଅଥୋରିଟି ପକ୍ଷରୁ ଦୁଇଥର ବୃଦ୍ଧି କରାଯାଇଛି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଷ୍ଟେଟ ଆଡ଼ପ୍ସନ ରିସୋର୍ସ ଏଜେନ୍ସି ପୋଷ୍ୟ ସନ୍ତାନ କାର୍ଯ୍ୟର ପରିଚାଳନା କରିଥାଏ। ପୂର୍ବରୁ କେବଳ ଅନାଥ ପରିତ୍ୟକ୍ତ ଓ ପିତାମାତା ଛାଡ଼ି ଯାଇଥିବା ପିଲାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଉଥିବା ବେଳେ ଏବେ ଏହି ନିୟମରେ ଅନେକ ପରିବର୍ତ୍ତନ ଆସିଛି। ଦିବ୍ୟାଙ୍ଗ, ଏଚ୍‌ଆଇଭି ପୋଜେଟିଭ, ହେପାଟାଇଟିସ୍ ବି ଆକ୍ରାନ୍ତ ପିଲା ବି ଏହାଦ୍ୱାରା ପୋଷ୍ୟ ଭାବେ ଗ୍ରହଣୀୟ ହେଉଛନ୍ତି। ୩୫ ବର୍ଷ ବୟସରୁ ଅଧିକ ବୟସ୍କ ପୁରୁଷ, ମହିଳା ବା ଦମ୍ପତି ପୋଷ୍ୟ ଗ୍ରହଣ କରିବା ପାଇଁ ଯୋଗ୍ୟ। ଏଥିପାଇଁ ଇଚ୍ଛୁକ ଦମ୍ପତି ପ୍ରଥମେ ଅନ୍‌ଲାଇନରେ ସିଆରଏକୁ ଆବେଦନ କରିପାରିବେ। ଭାରତୀୟ ନାଗରିକ ହୋଇଥିଲେ ଦୁଇଟି କିସ୍ତିରେ ୪୦ ହଜାର ଟଙ୍କା ଓ ବିଦେଶୀ ନାଗରିକ ହୋଇଥିଲେ ୫ ହଜାର ଡଲାର ଦାଖଲ କରିବେ। ପ୍ରାଥମିକ ଭାବେ ଆବେଦନ ବେଳେ ସେମାନଙ୍କୁ ୬ ହଜାର ଟଙ୍କା ଦେବାକୁ ପଡ଼ିବାର ପ୍ରାବଧାନ ରହିଛି।

# ଆତ୍ମା

ପଙ୍କଜ କୁମାର ପାଣିଗ୍ରାହୀ

ଆତ୍ମା ସଜୀବ ଶରୀରର ନିୟନ୍ତ୍ରଣ କେନ୍ଦ୍ର ଭାବେ ସର୍ବଜନ ଗ୍ରହୀତ।
ତା'ର ଅନୁଭବ ବିହୀନ ଉପସ୍ଥିତି ମଣିଷ ଶରୀର ମଧ୍ୟରେ
କେଉଁ କାର୍ଯ୍ୟ ସମ୍ପାଦନ କରିଥାଏ ଅଦ୍ୟାବଧି ଏକ
ଅଲୌକିକ ରହସ୍ୟ ହୋଇ ରହିଛି ମଣିଷ ମନରେ!

ଆତ୍ମା ମଣିଷ ଶରୀରରେ କେଉଁଠି କେଉଁ ଅବସ୍ଥାରେ ରହିଥାଏ ଏପର୍ଯ୍ୟନ୍ତ କାହାକୁ ଜଣାନାହିଁ। ଆତ୍ମାର କାର୍ଯ୍ୟକଳାପ ବିଷୟରେ ଅନେକେ ଭିନ୍ନ ଭିନ୍ନ ମତ ପୋଷଣ କରୁଥିବା ବେଳେ ତା'ର ଉପସ୍ଥିତି, କାର୍ଯ୍ୟଧାରା ଉପରେ ପ୍ରୟୋଗାତ୍ମକ ପ୍ରମାଣ ସାପେକ୍ଷ ଜ୍ଞାନ କାହାର ନାହିଁ। ତଥାପି ବିଶ୍ୱାସ ଆମ ସମସ୍ତଙ୍କ ମନରେ ଦେଖିବାକୁ କିଛି କମ୍ ମିଳୁନାହିଁ। ମନେହୁଏ ସତେ ଯେମିତି କୌଣସି ଗୋଟିଏ ଉପସ୍ଥିତିକୁ ବୁଝିବା କ୍ଷମତା ବିହୀନ ସେହି ଅଦୃଶ୍ୟ ଶକ୍ତି ପରୋକ୍ଷରେ ପରିଚାଳିତ କରିଥାଏ ଆମ ଶାରୀରିକ ପ୍ରକ୍ରିୟା। ଏହିଭଳି ବିଚାର ଆମ ବ୍ୟକ୍ତିଗତ ନୁହେଁ। ଏହା କୌଣସି ସୂତ୍ରରୁ ଗ୍ରହଣ କରାଯାଇଥିବା ସାମାଜିକ ଗ୍ରହଣୀୟତା ଯାହା ଆମେ ସମସ୍ତେ ମାନିବାକୁ ବାଧ ହେଉଛେ, କାହିଁକି? କାରଣ, ଯେହେତୁ ପ୍ରତ୍ୟେକ ମଣିଷ ନିଜର ପ୍ରାକୃତିକ ପରିଚୟ ଜାଣନ୍ତି ନାହିଁ କିମ୍ବା ନିଜ ସ୍ଥିତି ସମୀକ୍ଷା କରି ସତ୍ୟକୁ ଉନ୍ମୋଚନ କରିବା କ୍ଷମତା ପ୍ରାପ୍ତ ନୁହନ୍ତି, ତେଣୁ ବିଭିନ୍ନ ଚତୁରଙ୍କ ମତବାଦ ଉପରେ ନିର୍ଭର କରି ନିଜର ପରିଚିତି ବିଶ୍ଳେଷଣ କରିବା ଉଦ୍ଦେଶ୍ୟରେ ସେସବୁ କଥା ଅନ୍ଧ ଭଳି ବିଶ୍ୱାସ କରି ଗ୍ରହଣ କରିବାକୁ ବାଧ୍ୟ ହୋଇଥା'ନ୍ତି। ହେଲେ ତା'ର ସତ୍ୟାସତ୍ୟ ଜାଣିବା ପାଇଁ ଆଗ୍ରହ, କ୍ଷମତା ବିହୀନ ମଣିଷ କେବଳ ଅନ୍ୟର ସାହାରାରେ ନିଜକୁ ସଂସାର ପାର କରିବା ଲକ୍ଷ ରଖିଥିବା ହେତୁ ଚତୁର ଯାହା ବଖାଣନ୍ତି ସେଗୁଡିକୁ ସର୍ବେସର୍ବା ମନେ କରିଥା'ନ୍ତି ନିର୍ବୋଧ। କିନ୍ତୁ ନିଜର ପ୍ରାକୃତିକ ପରିଚୟ ପାଇବା ଲକ୍ଷ ରଖିଥିବା ମଣିଷ ହୁଏତ ସେସବୁ ନିଃସନ୍ଦେହରେ ଗ୍ରହଣ କରିପାରୁ ନାହାନ୍ତି। ହେଲେ ଗ୍ରହୀତାଙ୍କ ସଂଖ୍ୟା ୯୯ ପାରି ହେଉଥିବା ବେଳେ ତର୍ଜମାରତ ୧ ପ୍ରାକୃତିକ ବାସ୍ତବ ସତ୍ୟକୁ ପ୍ରୟୋଗାତ୍ମକ ଉପାୟରେ ସମ୍ପୂର୍ଣ୍ଣ ଭାବେ ଉନ୍ମୋଚନ କରି ସମାଜରେ ପ୍ରତିପାଦନ କରିବା କ୍ଷମତା ରଖି ନଥିବା ମନେ ହୁଏ। ତେଣୁ ସମୟ ସ୍ରୋତରେ ମଣିଷ ଭଲ-ମନ୍ଦ ନବୁଝି ସତ୍ୟ-ଅସତ୍ୟ ନଜାଣି ସାମୁହିକ ଗ୍ରହଣୀୟତାକୁ ସର୍ବେସର୍ବା ବୋଲି ବିଚାର କରି ବିଶ୍ୱାସ ଜନିତ ଅନ୍ଧ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି। ହେଲେ ବାସ୍ତବ, ସତ୍ୟକୁ ଉନ୍ମୋଚନ କରିବା ଏବଂ ପ୍ରକୃତିର ନିୟମକୁ ଜାଣିବା କ'ଣ ଆଜି ସମୟରେ ସମ୍ଭବ ନାହିଁ? ନା ଆମର ଆଗ୍ରହ ନାହିଁ ବିଚାର କରି ଦେଖିବା ...

ପୃଥିବୀ ପୃଷ୍ଠରେ ଉପଲବ୍ଧ କୌଣସି ଆଧାର ଗ୍ରହଣ କରି ସ୍ୱତଃ କ୍ରମବର୍ଦ୍ଧିଷ୍ଣୁ ବସ୍ତୁକୁ ଜୀବନ୍ତ ବୋଲି କୁହାଯାଇଥାଏ। ସେହି କ୍ରମବର୍ଦ୍ଧିଷ୍ଣୁ ବସ୍ତୁ ଗୁଡିକରେ ଜୀବନ ରହିଥିବା ବ୍ୟାଖ୍ୟା କରା ଯାଇଥାଏ। ଜୀବନ ଅର୍ଥାତ ସ୍ୱୟଂ ସମ୍ପାଦନକାରୀ କ୍ଷମତା ଯୁକ୍ତ ଶକ୍ତି। ଜୀବନ ଧାରଣ କରିଥିବା ବସ୍ତୁ ଗୁଡିକ ମଧ୍ୟରେ ସ୍ୱୟଂ ସଞ୍ଚାଳିତ ଏବଂ ସ୍ଥିର ଅବସ୍ଥାରେ ରହିଥିବା ବିଭାଜନ ମଧ୍ୟ ଦେଖିବାକୁ ମିଳେ। ଜୀବନ ଯୁକ୍ତ ପ୍ରାଣୀ ସ୍ୱୟଂ ସଞ୍ଚାଳିତ ହେଉଥିବା ବେଳେ ଉଦ୍ଭିଦ ଭଳି କେତେକ ଜୀବନ୍ତ ସ୍ଥିର ରହି ଜୀବନ ଧାରଣ କରିଥା'ନ୍ତି। ଆହୁରି କେତେକ କ୍ଷୁଦ୍ର ଜୀବନ୍ତ କଣିକା ଦେଖିବାକୁ ମିଳନ୍ତି ଯାହାର ସ୍ୱୟଂ ସଞ୍ଚାଳିତ କିମ୍ବା ପ୍ରଜନନ କ୍ଷମତା ନଥାଇ ମଧ୍ୟ ସେମାନେ ବଂଶ ବିସ୍ତାର କରିପାରନ୍ତି। ଉଦାହରଣ ସ୍ୱରୂପ ଜୀବାଣୁ, ଭୁତାଣୁ ଇତ୍ୟାଦି କୌଣସି ପ୍ରାଣ ନଥାଇ ମଧ୍ୟ ସ୍ୱୟଂ ସଂଚାରିତ ହେଉଥିବା ହେତୁ ସେମାନଙ୍କୁ ପ୍ରାଣୀ ବୋଲି କୁହା ଯାଇଥାଏ। ଏହିସବୁ ପ୍ରାଣୀ ମାନଙ୍କ ମଧ୍ୟରେ କେତେକ ମସ୍ତିଷ୍କ ଯୁକ୍ତ ପ୍ରାଣୀ ରହିଛନ୍ତି ତ ଆଉ କେତେକଙ୍କ ମସ୍ତିଷ୍କ ନାହିଁ। କେତେକ ପ୍ରଜନନ କ୍ଷମତା ରଖିଥିବା ବେଳେ ଅନ୍ୟ କେତେକରେ ସ୍ୱୟଂ ପ୍ରଜନନ କ୍ଷମତା ନଥାଇ ପରୋକ୍ଷରେ ବଂଶ ବିସ୍ତର କରିଥା'ନ୍ତି। ଏମିତି କହିବାକୁ ଗଲେ ଅନେକ ଜୀବନ ଯୁକ୍ତ ପ୍ରାଣୀଙ୍କ ଅସଂଖ୍ୟ ଭିନ୍ନ ଗୁଣ, ଚରିତ୍ର ପ୍ରବାହ ଦେଖିବାକୁ ମିଳୁଛି ପୃଥିବୀ ପୃଷ୍ଠରେ। ସେଥିମଧ୍ୟରୁ କେବଳ ସ୍ୱତଃ ପ୍ରଜନନ କ୍ଷମ ସ୍ୱୟଂ ଚାଳିତ ମସ୍ତିଷ୍କ ଯୁକ୍ତ ପ୍ରାଣୀଙ୍କ ଠାରେ ଗୋଟିଏ ଆତ୍ମାର ଠାବ କରୁଥିବା ମଣିଷ ମସ୍ତିଷ୍କର ବିଚକ୍ଷଣତା କିଛି ଭିନ୍ନ। କାରଣ ଏତଦ୍ ବ୍ୟତୀତ ଅସଂଖ୍ୟ ଅନ୍ୟାନ୍ୟ ଗୁଣ, ଚରିତ୍ର ପ୍ରବାହ କରୁଥିବା ପ୍ରାଣୀଙ୍କ ଆତ୍ମା ବିଷୟରେ କୌଣସି ପାରମ୍ପରିକ ବିଷଦ ବ୍ୟାଖ୍ୟା ନାହିଁ ଆମ ସମାଜରେ। ହେଲେ ଏହି ସ୍ୱତଃ ପ୍ରଜନନ କ୍ଷମ ସ୍ୱୟଂ ସଞ୍ଚାଳିତ ମସ୍ତିଷ୍କ ଯୁକ୍ତ ପ୍ରାଣୀଙ୍କ ବ୍ୟତୀତ ଅନ୍ୟ ପ୍ରାଣୀ ମାନଙ୍କ ଠାରେ କାହିଁକି ଆତ୍ମା ନାହିଁ ସେବିଷୟରେ କୌଣସି ଆଲୋଚନା, ସମାଲୋଚନା, ଯୌକ୍ତିକ ବିଚାର ବିହୀନ ସାଧାରଣ ନିର୍ବୋଧ ପ୍ରଚଳିତ ସାମାଜିକ ଗ୍ରହଣୀୟତାକୁ ନିଜର ଅନୁଭୁତିରେ ଯୋଡି ବ୍ୟକ୍ତିଗତ ଦୃଷ୍ଟିକୋଣ ସୃଷ୍ଟି କରୁଥିବା ଅଲୌକିକ ବିଷୟକୁ ଅନୁଶୀଳନ କରି ଦେଖିଲେ ଜାଣି ହେବ ଯେ ...

କେବଳ ମଣିଷ ଏକମାତ୍ର ସମ୍ପୂର୍ଣ୍ଣ ପ୍ରାଣୀ ଯିଏ ସଂସାରର ସବୁକଥା ଜାଣିପାରେ ଏବଂ ମୁଖ୍ୟତଃ ମଣିଷର ଏହି ଜ୍ଞାନ, ଚତୁରତା କେବଳ ମସ୍ତିଷ୍କର ଯଥେଷ୍ଟ ସ୍ମରଣ ଶକ୍ତିର ଆଧାରରେ ସମ୍ଭବ ହୋଇ ପାରୁଛି। କହିବାକୁ ଗଲେ ମଣିଷ ବ୍ୟତୀତ ଅନ୍ୟାନ୍ୟ କୌଣସି ପ୍ରାଣୀ ପାଖରେ ମଣିଷର ସମସ୍ତ ଗୁଣ, ଚରିତ୍ର ଥାଇ ମଧ୍ୟ କେବଳ ଯଥେଷ୍ଟ ସ୍ମରଣ ଶକ୍ତିର ଅଭାବ ଯୋଗୁଁ ସେମାନେ ମଣିଷ ପାଖରେ ହାର ମାନିବାକୁ ବାଧ୍ୟ ହୋଇଥା'ନ୍ତି। ମଣିଷର ଯଥେଷ୍ଟ ସ୍ମରଣ ଶକ୍ତି ହେତୁ ସିଏ ସଂସାରର ସବୁଠାରୁ ଉନ୍ନତ ପ୍ରାଣୀ ଭାବେ ପରିଚିତ। ମଣିଷ ଆଜି ଯେଉଁ ସ୍ତରରେ ପହଂଚି ପାରିଛି ସେସବୁ କେବଳ ସ୍ମରଣ ଶକ୍ତିର ଆଧାର ମାତ୍ର। ତେଣୁ ଅତ୍ୟଧିକ ସ୍ମରଣ ଶକ୍ତି ଯୁକ୍ତ ମଣିଷର ସାମାଜିକ ମାନ୍ୟତା ଅଧିକ ରହିଥବା ବେଳେ ସ୍ମରଣଶକ୍ତି ରହିତ ମଣିଷ ଗୁଡିକ ମଧ୍ୟ ସମାଜରେ ପାଶୁଭଳି ବଂଚୁଥିବା ଅନୁଭୂତି ବ୍ୟକ୍ତିଗତ ଭାବେ ସମସ୍ତଙ୍କର ରହିଛି। ଇତି ମଧ୍ୟରେ ମଣିଷ ନିଜର ଚତୁରତା, ଜ୍ଞାନ, କୌଶଳ ବ୍ୟବହାର କରିବା ଶିକ୍ଷା ଲାଭ କରି ସାମାଜିକ ମାନ୍ୟତା ସହିତ ଅପୂର୍ବ ସ୍ମୃତି ଗୁଡିଏ ସଂଗଠିତ କରିବାରେ ସକ୍ଷମ ହୋଇପାରିଲା। କାଳକ୍ରମେ ସଂଗଠିତ ସେହି ସ୍ମୃତି, ସାମାଜିକ ମାନ୍ୟତା ଗୁଡିକ ସମୟ ସହିତ ତାଳଦେଇ ପରିପକ୍ୱ ଅବସ୍ଥାରେ ଘନୀଭୂତ ହେବାକୁ ଲାଗିଲା। ତେଣୁ ପ୍ରକୃତିର ନିୟମ ଅନୁଯାୟୀ ମୃତ୍ୟୁକୁ ଉପେକ୍ଷା କରିବା କ୍ଷମତା ବିହୀନ ମଣିଷ ନିଜସ୍ୱ ସଂଗୃହିତ ସାମାଜିକ ତତ୍ତ୍ୱ, ତଥ୍ୟ ଗୁଡିକୁ ପରିତ୍ୟାଗ କରି ସେହି ଚିରନ୍ତନ ସତ୍ୟକୁ କୋଳାଗ୍ରତ କରିବାରେ ଅଗ୍ରାହ୍ୟ ପ୍ରକାଶ କଲା। ତେଣୁ ମୃତ୍ୟୁଞ୍ଜୟ ପ୍ରଚେଷ୍ଟାରେ ନିମଗ୍ନ ଆବହମାନ କାଳରୁ ଅହରହ ଚେଷ୍ଟାରତ ମଣିଷ ସହଜରେ ମୃତ୍ୟୁକୁ ଗ୍ରହଣ କରିପାରିଲା ନାହିଁ। ଅନ୍ୟାନ୍ୟ ପ୍ରାଣୀ ମାନଙ୍କର ମଣିଷ ଭଳି କୌଣସି ସାମାଜିକ ସମ୍ପଦ, ବୀମା ବ୍ୟବସ୍ଥା ନଥାଇ କେବଳ ଜୀବନ ଧାରଣ କରି ଶେଷରେ ସଂସାର ତ୍ୟାଗ କରିବା ପ୍ରାକୃତିକ ନିୟମକୁ ମଣିଷ ନିଜ କ୍ଷେତ୍ରରେ ସହଜରେ ଗ୍ରହଣ କରିପାରିଲା ନାହିଁ। ତଥାପି ମୃତ୍ୟୁଞ୍ଜୟ ହେବା ପ୍ରଚେଷ୍ଟା ଜାରି ରଖି ପିଢ଼ିକୁ ପିଢ଼ି ମଣିଷ ନୂତନତ୍ୱର ଆବିର୍ଭାବ ହେଉଥାଇ ଆଜିକୁ ପ୍ରାୟ ୨ ଲକ୍ଷ ବର୍ଷ ହେବ ପ୍ରତ୍ୟେକେ ପ୍ରାଣୀ ଚକ୍ର ପ୍ରଣାଳୀରେ ଜନ୍ମ ମୃତ୍ୟୁ ହେଉଥିବା ମଣିଷ ମନକୁ ଆସିଲା। ତେଣୁ ପୃଥିବୀର ସମସ୍ତ ଶକ୍ତିର ଆଧାର ଗୋଟିଏ ସୀମିତ ବଳୟ ଭିତରେ କାର୍ଯ୍ୟକ୍ଷମ ରହି କୌଣସି ଶକ୍ତିର ଉତ୍ପନ୍ନ, କ୍ଷୟ ହେବା ସମ୍ଭାବନା ରହି ନଥିବା କେବଳ ରୂପ, ଗୁଣ ପରିବର୍ତ୍ତନ କରୁଥିବା ଦେଖିବାକୁ ମିଳିଲା। ଅର୍ଥାତ ମଣିଷ ମଧ୍ୟ ସମ୍ପୂର୍ଣ୍ଣ ଭାବେ କ୍ଷୟ ନହୋଇ କେବଳ ରୂପାନ୍ତରୀଣ ହେଉଥିବା ଅନୁମାନ କରି ସେହି ରୂପାନ୍ତରୀଣ ପ୍ରକ୍ରିୟାର ମୂଳ ଆଧାର ସ୍ୱରୂପ ଆତ୍ମାର ପରିଚୟ ସୃଷ୍ଟି କଲା! ହେଲେ ଆତ୍ମାର କୌଣସି ପ୍ରୟୋଗାତ୍ମକ ଅନୁଭୂତି ନଥାଇ କେବଳ ଦାର୍ଶନିକ ମତବାଦ ଉପରେ ଆଧାରିତ ଆନୁମାନିକ ତତ୍ତ୍ୱର ସତ୍ୟତା କ'ଣ ଏପର୍ଯ୍ୟନ୍ତ କେହି ଜାଣିନାହାନ୍ତି!

ଆବହମାନ କାଳରୁ ଅଦ୍ୟାବଧି ମଣିଷ ସମାଜରେ ଆତ୍ମା ଉପରେ ଦିଆଯାଇଥିବା ବିଭିନ୍ନ ଦାର୍ଶନିକ ତତ୍ତ୍ୱର କୌଣସି ତଥ୍ୟ ଭିତ୍ତିକ ଆଧାର ନଥାଇ କେବଳ ଆନୁମାନିକ ବିଶ୍ୱାସରେ ଚାଲିଛି ଆମ ସଂସାର। ବିଶିଷ୍ଟ ଅନ୍ତର୍ଜ୍ଞାନୀ ତଥା ଦାର୍ଶନିକ ମାନେ ମଧ୍ୟ ସେହି ଆତ୍ମା ଉପରେ କୌଣସି ତଥ୍ୟ ଭିତ୍ତିକ ଉପାଦେୟ ଜ୍ଞାନ ବାହାର କରିବାରେ ଅସମର୍ଥ ରହିଥିବା ବେଳେ ସାଧାରଣ ନିର୍ବୋଧ ସେମାନଙ୍କ ଦ୍ୱାରା ପ୍ରେରିତ ସେହି ସୀମିତ ଜ୍ଞାନକୁ ଜାବୁଡି ଧରି ରଖିଛନ୍ତି। ଏହାର କାରଣ ହେଉଛି ମଣିଷ ନିଜ ଜୀବନରେ ଅର୍ଜନ କରିଥିବା ସମସ୍ତ ସାମାଜିକ ସମ୍ପଦକୁ ପରିତ୍ୟାଗ କରି ଦୁନିଆ ଛାଡି ଚାଲିଯିବାକୁ ଆଦୌ ଇଚ୍ଛୁକ ନୁହେଁ। କିନ୍ତୁ ଜନ୍ମଦାତ୍ରୀ ପ୍ରକୃତିର ନିୟମକୁ ଅବମାନନା କରି ମୃତ୍ୟୁ ସଂଜୀବନୀ ସୂତ୍ରର କୋଣସି ଅନୁସନ୍ଧାନ ନପାଇ ଅଦ୍ୟାବଧି ସମସ୍ତ ମଣିଷ ସମୟରେ ଇହଲୀଳା ସମ୍ବରଣ କରୁଥିବା ସମସ୍ତେ ଜାଣୁଛନ୍ତି। ତେଣୁ ନିଜେ ମଧ୍ୟ ସେହି ବିଭିଷୀକାରୁ ବାଦ ପଡିବା ସମ୍ଭାବନାକୁ ଅଗ୍ରହଣୀୟ କଲେ ମଧ୍ୟ କୌଣସି ଫଳପ୍ରଦ ହେବନାହିଁ ବୋଲି ଜାଣୁଛନ୍ତି। କିନ୍ତୁ ନିଜସ୍ୱ ଅର୍ଜିତ ସାମାଜିକ ସମ୍ପଦ ଗୁଡିକୁ ସବୁଦିନ ପାଇଁ ଛାଡି ଚାଲିଯିବା ଆଗ୍ରହ ହେଉନଥିବା ହେତୁ ବସ୍ତୁବାଦୀ ବିଚାର ବ୍ୟତୀତ ଅତି କମ୍‌ରେ ସେହି ଆତ୍ମା ସହିତ ନିଜର ଦକ୍ଷତା, କ୍ଷମତା, ଶିକ୍ଷା, ଜ୍ଞାନ, ଗୁଣ ଆଦି ନେଇ ଅନ୍ୟତ୍ର ଜନ୍ମ ଗ୍ରହଣ କରିବା ଲକ୍ଷ ରଖି ସବୁବେଳେ ଆତ୍ମାର ସମ୍ମାନ କରୁଥିବା ଗୋଟିଏ ସାମାଜିକ ସର୍ବ ଗ୍ରହଣୀୟ ବିଷୟ ଭାବେ ଦେଖିବାକୁ ମିଳୁଛି ସମସ୍ତଙ୍କ ଭାବଧାରରେ। କିନ୍ତୁ ଏପର୍ଯ୍ୟନ୍ତ ସେମିତି କୌଣସି ଘଟଣା କାହାର ଦୃଷ୍ଟି ଗୋଚର ହୋଇନଥିଲେ ମଧ୍ୟ ଏକ ସମ୍ବେଦନଶୀଳ ଦୃଷ୍ଟିକୋଣରେ ଆତ୍ମାକୁ ସବୁବେଳେ ସାଇତି ରଖିଥିବା ମଣିଷର ଏକ ଅଲୌକିକ ଭାବନାର ଅନ୍ତ ହେଉନାହିଁ। ଏହାର କାରଣ, ନିରାକରଣ ବ୍ୟାପକ ହୋଇଥିବା ବେଳେ ସାଧାରଣରେ ସତ୍ୟକୁ ଉନ୍ମୋଚନ କରି ବାସ୍ତବତାକୁ ଆପଣେଇବାକୁ କେହି ରାଜି ନୁହନ୍ତି କି ସକ୍ଷମ ନୁହନ୍ତି। ତେଣୁ ଆତ୍ମାର ପ୍ରାଧାନ୍ୟତା ସର୍ବ କ୍ଷେତ୍ରରେ ଅଦ୍ୟାବଧି ଚିର ସ୍ମରଣୀୟ ହୋଇ ରହିଛି। ତାହାର ବାସ୍ତବତା ଜାଣିବାକୁ ହେଲେ ଅନେକ ଉପାୟ ରହିଥିବା ବେଳେ ଜାଣିବାର ଆଗ୍ରହ ସୃଷ୍ଟି ହେଲେ ସତ୍ୟକୁ ଜାଣିହେବ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭବ ବ୍ୟକ୍ତ କରିବେ ବୋଲି ଆଶା... !

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଂଜାମ*
*ଦୂରଭାଷ.: ୯୪୩୭୩୨୪୯୧୭*

*ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।*



**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**



ଭାଗ-୪୧

# ବେଳ ଭଲ ନାହିଁ

ଯାହା ହେଉ, ପିଲାମାନେ ଗୋଟେ ଭଲ କାମ କଲେ।

ଆଉ ଗୋଟେ କଥା ଶୁଣିଲଣି ଗୋଲେଖ ଭାଇ।

କ'ଣ ?

ଅବଶ୍ୟ କଥାର ସତ୍ୟାସତ୍ୟ ମୁଁ ଜାଣିନି, କେବଳ ଶୁଣିଛି ବୋଲି କହୁଛି, ଏ ଯୁବକ ସଂଘର ପିଲାମାନେ କୁଆଡେ ସୁଦର୍ଶନ ବାବୁଙ୍କୁ କଲେଜ ସେକ୍ରେଟାରୀ କରିବାର ପ୍ରସ୍ତାବ ନେଇ ଯାଇଥିଲେ ତାଙ୍କ ପାଖକୁ।

ସତରେ ! ସେ ରାଜି ହେଲେ ?

ରାଜି ତ ହୋଇ ନଥିଲେ, ସେମାନଙ୍କୁ 'ଦେଖିବା' ବୋଲି କହିଥିଲେ। ହେଲେ ମୁଁ ଭାବୁଛି ନୀହାର ସାଙ୍ଗରେ ଏବେ ଯେଉଁ ଯୁଦ୍ଧଟି ଆରମ୍ଭ ହୋଇଛି, ତାକୁ କଲେଜରେ ସେକ୍ରେଟାରୀ ପଦରୁ ହଟାଇବା ପାଇଁ, ସେ ନିଶ୍ଚୟ ପିଲାମାନଙ୍କର ପ୍ରସ୍ତାବରେ ରାଜି ହୋଇଯିବେ।

ସେ ପଦବୀଟା ଗଲେ ନୀହାରର ପତନ ଆରମ୍ଭ ହୋଇଗଲା ଜାଣ। କଲେଜ ସେକ୍ରେଟାରୀ ପଦବୀକୁ ଏପଟେ ସରପଞ୍ଚଙ୍କୁ ଧରି ସେ ଯେଉଁ ନାଟ ଲଗାଇଥିଲା ତା' ଶେଷ ହୋଇଯିବ। ଅଟଳକୁ ସରପଞ୍ଚ କରିବାକୁ ଇଏ ଯେଉଁ ପାଣି ପରି ପଇସା ଖର୍ଚ୍ଚ କରିଥିଲା, ତା'ର ସୁଧମୂଳ କରି ଶୋଷି ଚାଲିଛି ପାଞ୍ଚ ବର୍ଷ ହେଲାଣି। ସେ ସିନା ନାଆଁକୁ ସରପଞ୍ଚ, ହେଲେ ଅସଲ ସରପଞ୍ଚ ତ ଇଏ। ଇଏ ନ ଚାହିଁଲେ କିଏ ଗୋଟେ ବି.ପି.ଏଲ କାର୍ଡ ପାଇବ ବା ଇନ୍ଦିରା ଆବାସ ଘର। ପଞ୍ଚାୟତର ଯାହା ରାସ୍ତା ଘାଟ, କୂଅ, ପୋଖରୀ ଖୋଳା ସବୁର କଣ୍ଟ୍ରାକ୍ଟର ତ ନୀହାର। ରାସ୍ତା ଉପରେ ଚୋଟେ ଚୋଟେ ମାଟି ପକାଇଥିବ କି ନାହିଁ ବିଲ୍ କରି ପଇସା ଉଠାଇ ନେବ। ପାଖ ପଞ୍ଚାୟତମାନଙ୍କର ରାସ୍ତା କଂକ୍ରିଟ୍ ହେଲା, ଆମ ଗାଆଁରେ ଫୁଟେ ରାସ୍ତା କଂକ୍ରିଟ୍ ହେଲା ? କିଏ କହିବ ତାଙ୍କୁ ? କହିଲେ ତ ଫଅଁ କରି ଉଠିବେ। ଶେଷକୁ ଦେଖୁନା ମରୁଡି ମହାବନ୍ଧ ନାଆଁରେ ତା' ବାଡିପଟ ଜମିରେ ପୋଖରୀ ଖୋଳାଇ ଏଇନେ ମାଛ ଚାଷ କରୁଛି।

ବୁଝିଲ ବିଚ, ଅଟଳର ତ ଆସି ବେଳ ସରିବା ସରିବା ହେଲାଣି, ଯଦି ସୁଦର୍ଶନ ବାବୁ ରାଜି ହୁଅନ୍ତି ତେବେ ଲୋକ ତାଙ୍କୁ ଏଥର ସରପଞ୍ଚରେ ଠିଆ କରାଇବେ।

ସେ ରାଜି ହେଲେ ତ ?

ମୁଁ ଭାବୁଛି ସେ ରାଜି ହେବେ କାରଣ ଏ ଯେଉଁ ଅନ୍ୟାୟ ଚାଲିଛି ଦେଖିବା ପରେ ସେ ରାଜି ହେବାକୁ ବାଧ ହେବେ।

ହଉ ତମ କଥା ସତ ହେଉ। ଜଣେ ଭଦ୍ରଲୋକ ସରପଞ୍ଚ ହେଲେ ଗାଁରୁ ଗୁଣ୍ଡାଗର୍ଦ୍ଦି ଅନ୍ତତଃ କମିଯିବ।

ଏବେ ପଞ୍ଚାୟତମାନଙ୍କୁ ଯେତେ କ୍ଷମତା ଓ ଅର୍ଥ ଦିଆଯାଉଛି, ଜଣେ ସଚ୍ଚୋଟ ବ୍ୟକ୍ତି ସରପଞ୍ଚ ହେଲେ ପଞ୍ଚାୟତର ବହୁତ ଉନ୍ନତି ମଧ୍ୟ ହୋଇପାରିବ।

ହେଲେ ନୀହାରକୁ ବାଜିମାତ୍ କରି ଅଟଳକୁ ହରାଇବା କ'ଣ ସହଜ ?

ସୁଦର୍ଶନ ବାବୁ ରାଜି ହୋଇଯାଆନ୍ତୁ, ଯେଉଁମାନଙ୍କୁ ହରାଇବା କଷ୍ଟ ବୋଲି ତମେମାନେ ଭାବୁଛ, ଦେଖିବ କେତେ ସହଜରେ ସେମାନେ ଚିତ୍‌ପଟାଙ୍ଗ ହେବେ।

ତା'ଯଦି ହୁଏ ତା'ହେଲେ ତ ଆମେ ଭାବିବୁ ଏ ଗାଆଁ ପାଇଁ ଭଲ ବେଳ ଆସିଗଲା ବୋଲି।

ତମେମାନେ କ'ଣ ଭାବୁଛ ସବୁଦିନ ଏମିତି ଖରାପ ସମୟ ଲାଗି ରହିଥିବ, ଏହାର ଅନ୍ତ ଘଟି ତ ଦିନେ ନା ଦିନେ ଭଲ ବେଳ ଆସିବ।

ଏହି ସମୟରେ ଜଣେ ଧପାଳି ଆସିଲା ମଟର ସାଇକେଲରେ। ମଣ୍ଡପ ପାଖରେ ଟିକିଏ ବ୍ରେକ୍ ଦେଇ ପଚାରିଲା - ଆଚ୍ଛା ନୀହାର ବାବୁଙ୍କ ଘର ପାଖକୁ ଯିବାକୁ ରାସ୍ତା କେଉଁଟା ?

କ'ଣ ନୀହାର ବାବୁଙ୍କୁ ଖୋଜୁଛନ୍ତି ଆପଣ ?

ହଁ-

କେଉଁଠି ଆସିଛନ୍ତି, କ'ଣ ବନ୍ଧୁବାନ୍ଧବ ହେବେ ନୀହାର ବାବୁଙ୍କର ?

ନା-ନା, ମୁଁ ତାଙ୍କର ବନ୍ଧୁବାନ୍ଧବ ନୁହେଁ। ବ୍ଲକରୁ ବି.ଡି.ଓ. ପଠାଇଛନ୍ତି, ତାଙ୍କୁ ଡାକି କରି ନେବା ପାଇଁ।

ଆଚ୍ଛା-ଆଚ୍ଛା, ଏଇ ରାସ୍ତାରେ ସିଧା ଯାଇ ବାଆଁ ପଟ ମୋଡଣିରେ ବୁଲିଗଲେ ଯେଉଁ କୋଠା ଘରଟି ପଡିବ, ସେଇଟା ତାଙ୍କ ଘର। ହେଲେ ସେ କ'ଣ ଏବେ ଘରେ ଥିବେ ?

ଲୋକଟି ଆଉ କିଛି ଶୁଣିବାକୁ ପ୍ରସ୍ତୁତ ନଥିଲା। ଠିକଣା ଜାଣିବା କ୍ଷଣି ଫୁର୍‌କିନା ଉଡିଗଲା ମଟରସାଇକେଲରେ।

ସେ ଯାଉ ଯାଉ ଦଶରଥ ଚଟ୍‌କିନା କହିଲା- ସୁଦର୍ଶନ ବାବୁଙ୍କ ଛୋଟ ବୋଧେ ମଞ୍ଜରେ ବାଜିଛି ?

(କ୍ରମଶଃ)

କିଶୋର କବିତା



# ଏବଂ ଶେଷରେ ଶହୀଦ ସୀତାରାମଙ୍କ ପାଇଁ

**କମଳିନୀ ମଲ୍ଲିକ**



ତୁମକୁ କି ଜଣା ନଥିଲା
ଘଂଚ ଅରଣ୍ୟର ନିର୍ଜନତା
ବଢିଲା ନଈରେ ସୁଅର ପ୍ରଖରତା
ତୁମେ କି ଛୁଇଁ ନଥିଲ
ଉଚ୍ଚ ପର୍ବତର ଶୀଖରତା
ନା ସାଗରର ଗଭୀରତା।
ତୁମେ ତ କେବେ ଡରି ନଥିବ
ଜଙ୍ଗଲର ଖାଁ ଖାଁ ଅନ୍ଧାରକୁ
ହିଂସ୍ରଜନ୍ତୁଙ୍କ ଭୟଙ୍କର ଗର୍ଜନକୁ
ଝଡିକୁ, ବଢିକୁ,ବିଜୁଳି ଘଡଘଡିକୁ
ନା କେବେ ପାହାଡ ଉପରୁ
ପଥର ଖସିବାର ରଡିକୁ
କେବେ ପାଦତଳେ ଚାପି ହୋଇ
ଭିଡିମୋଡି ହେଉଥିବା ଅଜଗରକୁ।
ବରଂ ତୁମେ ଧାଇଁ ଯାଇଥିବ
ସୋରିଷ, ମାଣ୍ଡିଆ ଓ କାନ୍ଦୁଲ ଫସଲରେ
ପେଟେଇ ପଡିଥିବା ଡଙ୍ଗରକୁ
ପୁଣି କେବେ ମସ୍‌ଗୁଲ୍‌ରେ ଖୋଜିଥିବ
ସବୁଜିମା ତଳର ଛାପିଛାପିକା
ଜହ୍ନ ଆଲୁଅର ଶୀତଳ ଦହନକୁ
ମାଦଳ, ମହୁରୀର ନିର୍ଦ୍ଧାରିତ ତାଳ, ଲୟ
ଓ ଛନ୍ଦର ବିଭୋର ପଣକୁ
ମହୁଲିଆ ନିଶାର ନିର୍ଜନ ପ୍ରହରରେ
ତୁମ ଧାଙ୍ଗେଡିର ନିବିଡ ବନ୍ଧନକୁ।
ଶହ ଶହ ଜୀବନକୁ
ଉଦ୍ଧାର କରିବାର ସଙ୍କଳ୍ପରେ
ତୁମେ କଣ ଜାଣିଥିଲ
ଏଇ ମୁଣ୍ଡଳୀରେ ହିଁ
ତୁମ ଜନ୍ମ କୁଣ୍ଡଳୀର
କଷା ହେଇଥିବା ପୃଷ୍ଠାଟି ସରି ଯାଇଛି
ନିୟତି, ପ୍ରକୃତି ଅବା ପରିସ୍ଥିତି
କେଜାଣି କିଏ ଜାଣେ
ତୁମ ଆଶା,ଅଭିଳାଷ ଓ ସ୍ୱପ୍ନକୁ
ଭସେଇ ନେଇ ଅତୁଠରେ ପୋତି ଦେଇଛି
କିଏ ଆଉ ଦେଖିବ ଯେ
ମୁଖାପିନ୍ଧା ଶାସକ ଓ
ବାଟମାରୁଣିଆ ଶାସନ କାଳରେ
ରୋଜଗାରିଆ ଭେଣ୍ଡାପୁଅର
ଶବକୁ କାନ୍ଧରେ ବୋହି
ବୁଢା ବାପଟିର ଜୀବନ
ଆଗକୁ କେତେ ବାଟ ଯାଉଛି
ମୁଣ୍ଡ ଉପରୁ ଖସି ପଡିଥିବା
ଆକାଶର ଆଖି ଆଢୁଆଳରେ
ରାଜରାସ୍ତାର ଭିଡ ଭିତରେ
ତୁମ ଛୋଟ ଛୋଟ ଶାବକ ଦୁଇଟିଙ୍କୁ
ବସା ବାନ୍ଧିବାର ଠିକଣା କିଏ ଦେଉଛି
ଦେଖୁନ ଏବେଠୁ ତ ଜଳଚକ୍ର ନୁହଁ
କାଳଚକ୍ର ହିଁ କେମିତି ତୁମ ଆତ୍ମା ଓ
ଆତ୍ମୀୟତାକୁ ନିଖୋଜ କରୁଛି।
ହୋ ସୀତାରାମ, ବୀରପୁରୁଷ
ତୁମେ କଣ ଭାବୁଛ
ଏତିକିରେ ସରିଗଲା ତୁମ ଆୟୁଷ
ଜମା ନୁହେଁ ମ',
ହୁଏତ ଗଭୀର ଜଳର ବୁଦ୍‌ବୁଦିରେ
ବନ୍ଦ ହେଇ ଯାଇଛି ତୁମ ନିଃଶ୍ୱାସ
ତୁମକୁ ପୁଣି ଫେରିବାକୁ ହେବ
ନିଆଁ, ପାଣି ଓ ପବନର ଦୁନିଆଁକୁ
ଦୈବ ଓ ଦୁର୍ବିପାକରୁ ସାଉଁଟିବା ପାଇଁ
ଜୀବନ ଓ ଜଗତର ନିର୍ଯ୍ୟାସ।
ନ ମିଳୁ ହୋ, ତୁମ ବିଜୟରେ
ଫୁଲମାଳ, କରତାଳି
ନ ଦିଅନ୍ତୁ ହୋ, ତୁମ ହାରିଯିବାରେ
ଶୋକବାର୍ତ୍ତା, ସହାନୁଭୂତି କି ଶ୍ରଦ୍ଧାଞ୍ଜଳି
ପ୍ରକୃତିର ପ୍ରେମିଳ ଛନ୍ଦରେ
ଅବା ପ୍ରଳୟର ହୁଁକାର ନାଦରେ
ତୁମେ ଜୀବନର ତରୀ
ବାହି ନେଉଥିଲା ବେଳେ
ଅନ୍ତତଃ ମୋ ଲେଖନୀରୁ ଶ୍ରଦ୍ଧା ଓ ସମ୍ମାନର
ରାଶି ରାଶି ଫୁଲସବୁ
ଶବ୍ଦ ହୋଇ ଝରି ପଡୁଥିବ
ହୁଏତ ମୁକ୍ତାଝରିର କଙ୍କରିତ ରାସ୍ତାରେ
ମୋ ସ୍ମୃତିର ଅଭୁଲା ପ୍ରିୟ ଶହୀଦ ପାଇଁ
ମହକଟିଏ ହୋଇ ଛାଇ ଯାଉଥିବ।

*ଘ.ନଂ.୪୫/୧,ୟୁନିଟ୍ - ୧,ଭୁବନେଶ୍ୱର*
*ଦୂରଭାଷ : ୯୮୫୩୫୨୩୮୮୩*



# ଭୁଲି ହୁଏନା

**ଅନୀତା ପଟ୍ଟନାୟକ**



ମୁଁ ନବ ଶ୍ରେଣୀର ଛାତ୍ରୀ। ଆମ ଶ୍ରେଣୀରେ ନୂଆକରି ଝିଅଟିଏ ନାଁ ଲେଖାଇଲା। ନାଆଁ ଟି ଥିଲା ଚିନ୍ମୟୀ। ତାର ବାପା ବଦଳି ହୋଇ ଆସିଥାନ୍ତି। ଅଳ୍ପ ଦିନ ଭିତରେ ଚିନ୍ମୟୀ ପଢ଼ାପଢ଼ି ଖେଳାବୁଲା ଓ ପୂଜା ପାର୍ବଣରେ ଭାଗ ନେଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା। ବିଦ୍ୟାଳୟର ପ୍ରତ୍ୟେକ କ୍ଷେତ୍ରରେ ସେ ପରିଚିତ ହୋଇଗଲା। ଅନେକ ତାପ୍ରତି ଈର୍ଷାନ୍ୱିତ ହୋଇ ଉଠିଲେ। ସେ ସମସ୍ତଙ୍କ ସହ ମିଶୁଥିଲା। କିନ୍ତୁ ତାର ଅନ୍ତରଙ୍ଗ ବନ୍ଧୁ ଥିଲା ମିନାକ୍ଷୀ ଯେ କି ଥିଲା ଗରିବ ଓ ନିରୀହ। ମିନାକ୍ଷୀ ଭଲ ପଢୁଥିଲା ସତ କିନ୍ତୁ ବେଶୀ କାହା ସହିତ ମିଶିପାରୁନଥିଲା। ନୀରବରେ ଶିକ୍ଷକଙ୍କ ପଢ଼ା ଶୁଣେ ଓ ଶିକ୍ଷକ ଚାଲିଗଲା ପରେ ମୁଁ ତା ସହିତ ଚଗଲାମି କଲେ ସେ କୌଣସି ପ୍ରତିକ୍ରିୟା ଦେଖାଇ ନଥାଏ। ନିଜ ଆସନରେ ନୀରବରେ ବସିବାକୁ ଭଲ ପାଉଥିଲା। ଥଟାରେ ମୁଁ ତାକୁ ଲୀଳାବତୀ ଡାକେ। କିନ୍ତୁ ମୁଁ ତାକୁ କେବେ ଚିଡ଼ିବା ଦେଖିନାହିଁ। ସେ ଟିକେ ହସି ଦିଏ ବାସ ସେତିକି ଚିନ୍ମୟୀ ଆସିବା ପୂର୍ବରୁ ମିନାକ୍ଷୀ ଶ୍ରେଣୀରେ ପ୍ରଥମ ହେଉଥିଲା। ମୁଁ ତାକୁ ଖାତିର କରୁନଥିଲି। ସେ ସ୍କୁଲରେ ଅନ୍ୟ କାମରେ ପଛରେ ଥିଲା। ମୁଁ ଆଗଭର ହୋଇ ସବୁ କାମ କରିଯାଉଥିଲି ତେଣୁ ଶିକ୍ଷକଙ୍କ ପାଖରେ ମୋର ମୂଲ୍ୟ ବଢ଼ି ଯାଉଥିଲା। କୌଣସି କୌଣସି ଶିକ୍ଷକ ମିନାକ୍ଷୀକୁ ପୁସ୍ତକକୀଟ ବୋଲି କହୁଥିଲେ। ସେମାନଙ୍କ ମତରେ ବହିକୁ ଛାଡ଼ିଦେଲେ ମିନାକ୍ଷୀକୁ ଦୁନିଆର ଅନ୍ୟ କିଛି ମାଲୁମ ନାହିଁ। ଏପରି ଶୁଣିଲେ ମୋର ମନ କୁଣ୍ଢେମୋଟ ହୁଏ ତୃପ୍ତିର ହସ ହସେ। ଭଲ ପାଠ ନପଢ଼ିବାର ଆତ୍ମଗ୍ଲାନି ମୋର ଉଭେଇଯାଏ। ଚିନ୍ମୟୀ ଆସିବା ପରେ ସବୁ ବଦଳିଗଲା। ପାଠ, ଖେଳ, କସରତ, ପୂଜା ପାର୍ବଣ ସବୁଥିରେ ଚିନ୍ମୟୀ ମତେ ଓ ଅନ୍ୟ ସାଥୀମାନଙ୍କୁ ପଛରେ ପକାଇ ଆଗେଇଲା। ମୋର ବାହାଦୂରୀ ନେବାର ବଳ ରହିଲା ନାହିଁ। ରାଗ ଆସୁଥିଲା କିନ୍ତୁ ମୁହଁ ଖୋଲି କିଛି କହିପାରୁ ନଥିଲି। ଚିନ୍ମୟୀ ମୋ ସହିତ ମିଶୁଥିଲା କିନ୍ତୁ ମନେ ମନେ ମୁଁ ମରୁଥିଲି ଯେତେ ରାଗିଥିଲେ ମଧ୍ୟ ତା ହସରେ ସବୁକିଛି ମିଳାଇ ଯାଉଥିଲା। ସେଥିପାଇଁ ଆଶ୍ଚର୍ଯ୍ୟ ବି ହେଉଥିଲି। ମତେ ଆଶ୍ଚର୍ଯ୍ୟ ଲାଗୁଥିଲା ଚିନ୍ମୟୀ ସହିତ ମିନାକ୍ଷୀର ମିଳାମିଶା। ମିନାକ୍ଷୀ ଯିଏ ଦଶପଦ କହିଲେ ପଦେ ଉତ୍ତର ଦିଏ କ୍ୱଚିତ୍ ହସେ କିପରି ସେ ଚିନ୍ମୟୀ ସହିତ ଘଣ୍ଟା ଘଣ୍ଟା ଧରି କଥାବାର୍ତ୍ତା ହୁଏ ମନ ଖୋଲି ହସେ ମୁଁ ଭାବେ ଚିନ୍ମୟୀ କ'ଣ କିମିଆ ଜାଣେ ? ଚିନ୍ମୟୀର ଜାଦୁକରୀ ସ୍ପର୍ଶ ମିନାକ୍ଷୀ ଦେହରେ ରଙ୍ଗ ବୋଳିଦେଲା ଓ ମଧୁର ସଙ୍ଗୀତ ଶୁଣାଇଲା। ଶିକ୍ଷକମାନେ ମଧ୍ୟ କମ ଆଶ୍ଚର୍ଯ୍ୟ ହେଉନଥିଲେ। ମିନାକ୍ଷୀ ଖେଳିଲା, ବୁଲିଲା, ଗୀତ ଗାଇଲା ତାର ମୌନତା କଟିଗଲା। ଯିଏ ଛୁଟି ଘଣ୍ଟା ବାଜିଲେ ଏକ ମୁହାଁ ହୋଇ ଘରକୁ ଯାଉଥିଲା ସେ ଚିନ୍ମୟୀ ସହିତ ବୁଲିଯିବାର ଦେଖାଗଲା। ଖେଳ ପଡ଼ିଆରେ ସେ ଏକାନ୍ତ ନ ହୋଇ ସେ ଖଣ୍ଡିଉଡା ଦେଲା ଓ ଚିନ୍ମୟୀ ତାକୁ ସ୍ନେହରେ ଚାହିଁ ରହୁଥିଲା। ସେ ପ୍ରେମର ବନ୍ଧୁତାକୁ ମୁଁ ବୁଝି ପାରୁନଥିଲି। ବାଲିଘର ଗଢ଼ି ଉଠିବା ଦେଖି ମନେ ଯେତିକି ଆନନ୍ଦ ଲାଗୁଥିଲା ଭାଙ୍ଗି ପକାଇବାରେ ମଧ୍ୟ ମତେ ଆନନ୍ଦ ଲାଗୁଥିଲା। କାରଣ ପିଲାଳିଆ ବୁଦ୍ଧିରେ ଭଙ୍ଗା ଜିନିଷ ଯେ ଗଢ଼ିବା କିଛି ମୁଁ ଜାଣିପାରୁନଥିଲି। ଭାଙ୍ଗିବାର ସ୍ୱପ୍ନ ଦେଖିଲି। ଚିନ୍ମୟୀ ଓ ମିନାକ୍ଷୀଙ୍କ ବନ୍ଧୁ ତାହା ବାଲିଘରକୁ ଭାଙ୍ଗିବାକୁ। ସୂକ୍ଷ୍ମବୁଦ୍ଧି ଦରକାର ମୁଁ ଭାବିଲି।

ବାର୍ଷିକ ପରୀକ୍ଷା ସମୟର ନିଶା ସମସ୍ତଙ୍କୁ ଧରିଥାଏ ଓ କେମିତି ପାଶ କରିଯିବି ତାହା ହିଁ ଥିଲା ଚିନ୍ତା। ଶ୍ରେଣୀରେ ଯୁକ୍ତି ଲାଗିଥାଏ ଚିନ୍ମୟୀ ପ୍ରଥମ ହେବ ନଚେତ ମିନାକ୍ଷୀ। ସେମାନେ ଏକାଠି ବସି ଅଙ୍କ କଷିବା ଓ ବିଭିନ୍ନ ବିଷୟ ବୁଝାଶୁଝି ହେବା ମୁଁ ଲକ୍ଷ୍ୟ କଲି। ଭିତରୁ ମତେ କିଏ ଜଣେ କହିଲା ଯେତେ ଚେଷ୍ଟା କଲେ ମଧ୍ୟ ଏ ଯୋଡ଼ିକୁ ତୁ ଭାଙ୍ଗି ପାରିବୁନାହିଁ। ମୋର ନାରୀତ୍ୱରେ ଆଘାତ ଲାଗିଲା ଓ ମନରେ ଆହାତର ଝଡ଼ ଉଠିଲା। ତା ପରଦିନ ପରୀକ୍ଷା ଦୁଇଦିନ ବାକିଥାଏ। ଚିନ୍ମୟୀ ଏକ ଖାତା ମନଧ୍ୟାନ ଦେଇ ପଢୁଥାଏ। ଇଂରାଜୀ ଓ ଓଡ଼ିଆର ବିଭିନ୍ନ ପ୍ରଶ୍ନୋତ୍ତର ସେ ଖାତରେ ଥିଲା। ପରୀକ୍ଷା ସମୟରେ ଚିନ୍ମୟୀ ଖାତାଟିକୁ ହାତଛଡ଼ା କରିନଥାଏ। ପିରିୟଡ଼ ଘଣ୍ଟି ବାଜିଲା କ୍ରୀଡ଼ା ପାଇଁ ସବୁପିଲା ଶ୍ରେଣୀରୁ ବାହାରିଗଲେ ମୁଁ ପଛେଇ ରହିଗଲି। ଚିନ୍ମୟୀର ଖାତାଟିକୁ ସମସ୍ତଙ୍କ ଅଲକ୍ଷ୍ୟରେ ମିନାକ୍ଷୀର ବ୍ୟାଗରେ ରଖିଦେଲି ଓ ପଛେ ପଛେ ଶ୍ରେଣୀ ଛାଡ଼ି ପଡ଼ିଆକୁ ଚାଲିଗଲି। ଖେଳପରେ ଥିଲା ଇଂରାଜୀ ପିରିୟଡ଼। ଲକ୍ଷ୍ୟ କଲି ଚିନ୍ମୟୀ ଗୋଟିକ ପରେ ଗୋଟିଏ ଖାତା ବ୍ୟାଗରୁ ବାହାର କରୁଛି ଓ ରଖୁଛି ଓ ବିବ୍ରତ ହୋଇପଡୁଛି। ମତେ ଖୁବ୍ ହସ ଲାଗୁଥିଲା ଓଠ ଚାପି ରହିଗଲି। *(କ୍ରମଶଃ)*

# ବାପାଙ୍କ ଗାମୁଛା



**ରମେଶ ଚନ୍ଦ୍ର ନାୟକ**



ବାପାଙ୍କର ପ୍ରିୟ ନାଲି ଗାମୁଛା
ଚାରିହାତ ଲମ୍ବା ଧୂଳି ମଳିଛା।
ସାତ ସିଆଁ କରି ତାକୁ ପିନ୍ଧଇ
ତେଲ ଚିକିଟାର ବାସ ଛାଡଇ।
ଯେଉଁ ଜାଗା ବାପା ବୁଲି ଯାଆନ୍ତି
ସଦା ହାତେ ଧରି ତାକୁ ନିଅନ୍ତି।
କେତେବେଳେ ଥାଏ କାନ୍ଧ ଉପରେ
ଶୋଇଥିବା ବେଳେ ମଥା ତଳରେ।
କାମ ଦାମ ବେଳେ ଥାଏ ଅଣ୍ଟାରେ
ଖରା ବର୍ଷା ଶୀତେ ବନ୍ଧା ମୁଣ୍ଡରେ।
ଖାଇ ମୁହଁ ଧୋଇ ଓଦା ହାତକୁ
ପୋଛି ଥାନ୍ତି ବାପା ଧରି ତାହାକୁ।
ପିଲା ଛୁଆଙ୍କର ଲୁହ ସିଂଘାଣି
ଲାଗିଥାଏ ପରା କେତେ କେଜାଣି।
କେବେ ବାପା ତାକୁ ଛାଡି ପାରେନି
ନାଲି ଗାମୁଛାର ମୋହ ତୁଟେନି।

*କେଶରପୁର , ବକ୍ସି ବଜାର , କଟକ*
*ଦୂରଭାଷ :- ୭୯୭୮୧୫୧୭୧୦*

# କବିତାର କଥା

(ଭାଗ-୪୨)



**ଉମାକାନ୍ତ ରାଉତ**



## ଶ୍ଳେଷ ସହ ଶାନ୍ତି ଓ ଆନନ୍ଦ ସହ କ୍ଲାନ୍ତିର କକଟେଲ୍

ଚିତ୍ରକଳ୍ପ, ରୂପକ, ପ୍ରତୀକ ଓ ମିଥ୍ ଆଦିର ସରଳ, ସଫଳ ଓ ବୋଧଗମ୍ୟ ପ୍ରୟୋଗ ଗୁରୁପ୍ରସାଦଙ୍କ କବିତାରେ ଏଭଳିଭାବେ ପ୍ରକୀର୍ତ୍ତିତ ଯାହା ତାଙ୍କର ଅନୁଭବର ତୀବ୍ରତାକୁ ସ୍ପଷ୍ଟଭାବେ ପ୍ରତିପାଦିତ କରିଥାଏ। ତାଙ୍କର ଅନେକ କବିତାରେ ଥାଏ ଜୀବନରେ ମୃତ୍ୟୁ ଚେତନା। ପୁଣି ଆଉ କିଛି କବିତାରେ ଠିକ୍ ଓଲଟା। ଅର୍ଥାତ୍ ମୃତ୍ୟୁର ପରିସରରେ ଜୀବନର ସବୁଜ ସଂଭାବନା। ଏଇ ଯେମିତି "କାଳ ପୁରୁଷ"ର କେଇଟି ପଂକ୍ତିରେ ସେ କହନ୍ତି-

"ଆସ ଆଜି,ତମେ ଆସ, ମୁଁ ତୁମର ଅପେକ୍ଷାରେ
ଶ୍ରାବଣର ଛିନ୍ନଭିନ୍ନ,ଫୁଲ ଓ କବିତା
ମୁଁ ଯଦିବା ଏତେଦିନେ ତୁମକୁ ପାଇଛି ଖୋଜି
ମୋ' ଦେହରେ ଜଳିଯାଏ,ଆଜି କିନ୍ତୁ ଜୀବନର ଚିତା।"

ଅନ୍ୟ ଏକ ପଂକ୍ତିରେ ସେ କହନ୍ତି --

"ଏ ବର୍ଷାରେ ଆଶା ଅଛି , ଆଶିର୍ବାଦ ଅଛି
ସ୍ୱାସ୍ଥ୍ୟ ନିରୋଗ ବିଶ୍ରାମ ନିଘୋଡ଼ ଅନ୍ଧାର
ଅଛି ବୁଢ଼ୀ ଅସୁରୁଣୀ
ଭୂତକଥା ବାଘକଥା ଅଛି ବୁଢ଼ୀ ମାଆ
ଏ ବର୍ଷାର ଦେହ ତଳେ ଅଛି
ଅଛି ଧାନକ୍ଷେତ ଅଛି
ଅଛି ଆମ୍ବତୋଟା।"

ସତରେ ମୃତ୍ୟୁ ସମ୍ପର୍କରେ ଏକ ସ୍ୱଷ୍ଟ ସଚେତନତାର ସ୍ଥୁଳ ପରିପ୍ରକାଶକୁ ସୁନ୍ଦରଭାବେ ପରିବେଷଣ କରିପାରନ୍ତି କବି ଗୁରୁପ୍ରସାଦ। ନିଃସଙ୍ଗତା, ଅସ୍ଥିରତା, ଦ୍ୱନ୍ଦ୍ୱ ଆଦିର ବିଚାର ଓ ବିଶ୍ଳେଷଣ ମଧ୍ୟ ତାଙ୍କର ଅନେକ କବିତାର ବିଭବ। ଦୁଇଟି ପାରସ୍ପରିକ ବିରୋଧାଭାସର ଉପାଦାନକୁ କବିତାର ଚିତ୍ରମୟତାରେ ସେ ଏଭଳି ନିଖୁଣଭାବେ ଛନ୍ଦି ଦେଇପାରନ୍ତି ଯେ, ଉଭୟର ପାରସ୍ପରିକ ସଂହତିରେ ତାଙ୍କର କାବ୍ୟାନୁଭୂତି ଓ କାବ୍ୟଦୃଷ୍ଟି ଅତ୍ୟନ୍ତ ପ୍ରସାରିତ ଓ ରସୋତ୍ଛଳ। ସେ ଦୁଇଟି କଥା ହେଲା - ଗୋଟିଏ ପଟେ ସୌନ୍ଦର୍ଯ୍ୟ ପ୍ରତି ଖୁବ୍ ସଚେତନତା, ଅତ୍ୟାଗ୍ରହ, ଆନନ୍ଦ ଓ ପ୍ରଶାନ୍ତିର ଅନୁଭବ। ଅନ୍ୟପଟେ କ୍ଲାନ୍ତି, ଶ୍ଳେଷ, ବ୍ୟଥା, ନିଃସଙ୍ଗତା ଓ ଦ୍ୱନ୍ଦ୍ୱ ଆଦିର ନିର୍ମମ ଅନୁଭବ। ଉଭୟ କିନ୍ତୁ କବିତାର ଚିତ୍ରମୟତାରେ ଜୀବନ୍ତ ଓ ଅନନ୍ୟଭାବେ ଛନ୍ଦାୟିତ। ନିମ୍ନ ଉଦାହରଣରୁ ଏକଥାକୁ ସ୍ପଷ୍ଟ ବୁଝିହେବ।

"ଚକ୍ରବାକ କାନ୍ଦେ ବୋଲି ସମୁଦ୍ରରେ ଜହ୍ନରାତି ହେଲେ
କେତେଥର ଦେଖିଛି ମୁଁ କାଶଫୁଲ ଭାଙ୍ଗେ ଆସି ଢେଉ
ଏ ବାଲିରେ ବୁଲି ବୁଲି ମିଠା ମିଠା ଶାମୁକା ଗୋଟାଇ
କେତେଥର ଖୋଜିଛି ମୁଁ ଜହ୍ନରାତି ଦିନ ଥାଉଁ ଥାଉଁ।"

ଉପରୋକ୍ତ ପଂକ୍ତିଟି ସୌନ୍ଦର୍ଯ୍ୟ, ଆନନ୍ଦ ଓ ପ୍ରଶାନ୍ତିର ଅନୁଭବ ସାଉଁଟୁଥିଲାବେଳେ ଅନ୍ୟ ପଂକ୍ତିରେ ବ୍ୟଥା,କ୍ଳାନ୍ତି ଓ ଶ୍ଳେଷର ଅନୁଭବକୁ ଲକ୍ଷ୍ୟ କରିବା।

"ଚମ୍ପାଫୁଲ ମହକରେ ପଡ଼େ ସେ ଯେ ଦାରୁଣ କୁହୁକ
ରକ୍ତେ ଯାଏ ନିଆଁ ଲାଗି, ଛାତି ଆଉ ନିଃଶ୍ୱାସରେ ନିଆଁ
ଛାତି ଆଉ ନିଃଶ୍ୱାସରେ ନିଆଁ ସେ ଯେ ଦେହେ ଦେହେ ବିଜୁଳି ଚମକ
ବିଜୁଳି ଚମକ ସେ ଯେ ବଣନିଆଁ, ସବୁଯାଏ ଛିନ୍ନଭିନ୍ନ ହୋଇ
ପୃଥିବୀ ଛାତିରେ ଲୋଟି ପୋଡିଯାଏ ଜଳିଯାଏ ସବୁ
ମାଂସ ଫୁଟେ ଫୁଲ ହୋଇ ମନ ପଡ଼େ ରୋମାଞ୍ଚରେ ଶୋଇ।"

୧୯୪୦ ମସିହା ପୂର୍ବରୁ ସେ ଲେଖିଥିବା "ସଜଳ ଆଖିର ନୀରେ, ଅସ୍ତରାଗ, ଅଲାକୁକୀ,ସପନତରୀ ଓ ଅପରାଜିତା ଆଦି କବିତାଗୁଡ଼ିକ ତାଙ୍କର ସଂକଳନରେ ମିଳେନାହିଁ। ଏଗୁଡ଼ିକ ହୁଏତ ଏବେ ଦୁର୍ଲ୍ଲଭ। ଯଦି କେହି ସହୃଦୟ ପାଠକ କୌଣସି ସୂତ୍ରରୁ ଏସବୁ ପାଆନ୍ତି, ତା'ହେଲେ ତାକୁ ପ୍ରକାଶ କଲେ କାବ୍ୟ ସାହିତ୍ୟ ପାଇଁ ମଙ୍ଗଳକର ହେବ। "କାଳପୁରୁଷ" ଭଳି ସିଏ ଆଉ ଏକ ଦୀର୍ଘ କବିତାର ପରିକଳ୍ପନା କରିଥିଲେ, ଯାହାର ନାମ ଥିଲା "ଯାତ୍ରା"। ବିଭିନ୍ନ ସମୟରେ ତାଙ୍କର ଟୀକାଟୀପ୍ପଣୀ, ବନ୍ଧୁମାନଙ୍କ ସହ ସେ ସମ୍ପର୍କିତ ଆଲୋଚନା ଏବଂ ଅନ୍ୟ କେଇଟି ସ୍ଥାନରେ ଏ ସମ୍ପର୍କିତ ସୂଚନାରୁ ଗବେଷକମାନେ ଦେଶାନ୍ତକରଣ ଓ ତାର ସମ୍ଭାବ୍ୟ ପରିଣତି, ସେସବୁର ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ପ୍ରଭାବ, ଜାତି ବର୍ଣ୍ଣ ଗୋଷ୍ଠୀ ଏବଂ ପରିସ୍ଥିତି ସହ ଏହାର ସମ୍ପର୍କର ସ୍ଥୁଳ, ମାର୍ମିକ ଓ ତାତ୍ତ୍ୱିକ ବିଶ୍ଳେଷଣ ହିଁ "ଯାତ୍ରା"ର ପ୍ରଧାନ ଉପଜୀବ୍ୟ ଥିଲା ବୋଲି ମତପୋଷଣ କରନ୍ତି। ତାହା ସମ୍ପୂର୍ଣ୍ଣ ହୋଇଥିଲେ ହୁଏତ ଓଡ଼ିଆ ସାହିତ୍ୟ ସାମ୍ରାଜ୍ୟରେ ଆଉ ଏକ ଅସାମାନ୍ୟ କାବ୍ୟତାରାର ଉଦଭାସ ହୋଇପାରିଥାନ୍ତା। ହେଲେ "ଯାତ୍ରା"ର ଯାତ୍ରା ପୂର୍ବରୁ ହୁଏତ କବିଙ୍କର ମହାଯାତ୍ରା ବିଧି ନିର୍ଦ୍ଦିଷ୍ଟ ଥିଲା। ସେଥିପାଇଁ ଅନ୍ତିମ ଯାତ୍ରାର ପୂର୍ବରୁ ବୋଧହୁଏ ଜୀବନର ଶେଷ ଗୀତ ଭାବେ ସେ ଲେଖିଦେଇଗଲେ "ମୋର ସବୁ ସ୍ନେହ।"

*(କ୍ରମଶ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ହାତ ଛାଡି ଶଙ୍ଖ ଧରିଲେ ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ



**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳିରେ କଂଗ୍ରେସ ଦଳର ଗୋଷ୍ଠୀ କନ୍ଦଳ ଦଳ ପାଇଁ ଭାରି ପଡିଛି । ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା କଂଗ୍ରେସ ଦଳ ଛାଡି ବିଜେଡିରେ ମିଶିଛନ୍ତି । ଦୀର୍ଘ ଦିନ ଧରି ଦଳ ସହ ଶ୍ରୀଯୁକ୍ତ କୁଲେସିକାଙ୍କ ତୁତୁ ମେଁ ମେଁ ଶେଷରେ ଅନ୍ୟ ରୂପ ନେଇଛି । ସିଏ ବୁଧବାର ଦିନ ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ କଂଗ୍ରେସ ଦଳକୁ ବାଏବାଏ କରି ବିଜେଡିରେ ଯୋଗ ଦେଇଛନ୍ତି । ଶ୍ରୀଯୁକ୍ତ କୁଲେସିକା ବିଜେଡିରେ ଯୋଗ ଦେବା ସମୟରେ ହସ୍ତ ଶିଳ୍ପ ମନ୍ତ୍ରୀ ପଦ୍ମିନି ଦିଆନ, ଜିଲ୍ଲା ବିଜେଡି ସଭାପତି ଇଶ୍ୱର ପାଣିଗ୍ରାହି, କୋରାପୁଟ ବିଧାୟକ ରଘୁରାମ ପାଡାଲ ଓ ଲକ୍ଷ୍ମୀପୁର ବିଧାୟକ ପ୍ରଭୁଜାନି ଉପସ୍ଥିତ ଥିଲେ । ଗତ ମଙ୍ଗଳବାର ଦିନ ୨୨ଟି ଗାଡିରେ ଶତାଧିକ କର୍ମିଙ୍କୁ ଧରି ଭୁବନେଶ୍ୱରରେ ପହଁଚିଥିଲେ । ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେସିକା ମଧ ତାଙ୍କର ଏଇ ନିଷ୍ପତିକୁ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିବା ସହ ସିଏବି ଶଙ୍ଖ ଧରିଛନ୍ତି । ଏଥିସହ ପୂର୍ବତନ ବ୍ଲକ ଅଧକ୍ଷା ଶାନ୍ତିଲତା କୁଲେସିକା, ବ୍ଲକ ସାଧାରଣ ସମ୍ପାଦକ ଚୌବନ ଖସଲା, କୁଟିଙ୍ଗା ପଞ୍ଚାୟତ ସଭାପତି ପରମା ଖରା, ବନ୍ଧୁଗାଁ ବ୍ଲକ ସମ୍ପାଦକ ଗ୍ୟାନ ରଞ୍ଜନ ମିଶ୍ର, ଲକ୍ଷ୍ମୀପୁର ପୂର୍ବତନ ସରପଞ୍ଚ ଘାସିରାମ ମୁଦୁଲି, ଏସି ସେଲ୍ ଉପ ସଭାପତି ହରିସ୍ ଚନ୍ଦ୍ର ତୁରୁକ୍, ନାରାୟଣପାଟଣା ପୂର୍ବତନ ସଭାପତି ଦିବାକର ତୁରୁକ୍, ପୂର୍ବତନ ସମ୍ପାଦକ ଦୟା ପ୍ରଧାନ, ମହିଳା କଂଗ୍ରେସ ସଭାପତି ସଞ୍ଜୁ ବିଡିକା, ଓଡିଶା ପ୍ରଦେଶ କମିଟିର ପୂର୍ବତନ ଆବାହକ ବିଜୟ ସୁରଜ ନାୟରଙ୍କ ସମେତ ୧୦୭ଜଣ କର୍ମି ବିଧିବଦ୍ଧ ଭାବେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିଲେ । ପ୍ରକାଶଥାଉକି କିଛି ଦିନ ହେଲା ଜିଲ୍ଲାସ୍ତରୀୟ କଂଗ୍ରେସ ନେତାଙ୍କ ସହ ଶ୍ରୀଯୁକ୍ତ କୁଲେସିକାଙ୍କ ମନମାଳିନ ଲାଗି ରହିଥିଲା । କଂଗ୍ରେସ ଦଳର ଜିଲ୍ଲା ସ୍ତରରେ ଥିବା ନେତାଙ୍କ ହାବ ଭାବ ଦେଖି ସିଏ ପୁରା ଅଣ ନିଶ୍ୱାସ ହୋଇ ପଡିଥିଲେ । ସେମାନେ ଥିଲା ଯାଏ ଆମ ଅଞ୍ଚଳରେ କୌଣସି ବିକାଶ କାର୍ଯ୍ୟ ହେଇ ପାରିବନି । ଅଞ୍ଚଳର ବିକାଶ ମୋର ମୂଳ ଲକ୍ଷ, ତେଣୁ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ମୁଁ ବିଜେଡି ଦଳରେ ସାମିଲ ହେଲି । ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡିଳିରେ ଅନେକ କାମ ବାକି ଅଛି । ନିର୍ବାଚନ ମଣ୍ଡଳିର ଲୋକେ ମତେ ଚାହୁଁଛନ୍ତି । ମୁଁ ମୋ ଅଞ୍ଚଳର ବିକାଶ କରିବା ନିମନ୍ତେ ସ୍ୱଇଛାରେ କଂଗ୍ରେସ ଦଳ ଛାଡିଲି ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଶ୍ରୀଯୁକ୍ତ କୁଲେସିକା କଂଗ୍ରେସ ଛାଡିବା ଯୋଗୁଁ ଦଳ ପାଇଁ ଅନେକ କ୍ଷତି ଆଗାମୀ ନିର୍ବାଚନରେ ଦେଖା ଦେବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ରାଜ୍ୟରେ ସ୍ୱାସ୍ଥ୍ୟସେବାର ଅବସ୍ଥା ଚିନ୍ତାଜନକ : ବିଜେପି

**ଭୁବନେଶ୍ୱର :** ରାଜ୍ୟରେ ସ୍ୱାସ୍ଥ୍ୟସେବାର ଅବସ୍ଥା ଅତ୍ୟନ୍ତ ଚିନ୍ତାଜନକ । ବାସ୍ତବ କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କାର୍ଡର କୌଣସି ପ୍ରସଙ୍ଗିକତା ନଥିବାରୁ ସରଳ ରାଜ୍ୟବାସୀ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ ହେଉଛନ୍ତି । ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଣୟନ କରାଯାଇଥିବା ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡ 'ପୁସିଙ୍ଗ କାର୍ଡ' ସଦୃଶ । ଏହି ମୁଲ୍ୟହୀନ 'ପୁସିଙ୍ଗ କାର୍ଡ'ର ବଂଟନ ପାଇଁ ମୁଖ୍ୟମନ୍ତ୍ରୀ ଆଜି ମୟୁରଭଂଜ ଗସ୍ତ କରିଛନ୍ତି । ଅନ୍ୟ ପଟେ ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଅପମାନିତ କରିବାକୁ ଯାଇ ଶାସକ ବିଜେଡି ସମସ୍ତ ପ୍ରକାରର ଅଗଣତାନ୍ତ୍ରୀକ ପନ୍ଥାକୁ ଆପଣାଇବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କ୍ଷୋଭ ପ୍ରକାଶ କରି କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ମୟୁରଭଂଜ ଗସ୍ତ ଅବସରରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଜିଲ୍ଲାରୁ ନିର୍ବାଚିତ ଜନ ପ୍ରତିନିଧିମାନେ ଉପସ୍ଥିତ ରହିବା କଥା । ମାତ୍ର ମୟୁରଭଂଜ ଜିଲ୍ଲାର ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ଅଧକ୍ଷ ଓ ଉପାଧକ୍ଷ, ଅଧିକାଂବ୍ଲକ ଅଧକ୍ଷ ଓ ଉପାଧକ୍ଷ ଜନପ୍ରତିନିଧିମାନେ ଭାରତୀୟ ଜନତା ପାର୍ଟୀର ହୋଇଥିବା କାରଣରୁ ଜାଣିଶୁଣି ଅଭିସନ୍ଧମୂଳକ ଭାବେ ସରକାରୀ କାର୍ଯ୍ୟକ୍ରମରୁ ଦୁରେଇ ରଖାଗଲା । ବାରିପଦାରେ ବିଜେପି ମହିଳା କାର୍ଯ୍ୟକର୍ତାଙ୍କୁ ପ୍ରବେଶ କରିବାକୁ ବିରୋଧ କରାଯାଇଥିବାବେଳେ ଅନ୍ୟ ପଟେ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତାଙ୍କୁ ଅମାନୁଷିକ ଭାବେ ଆକ୍ରମଣ କରାଯାଇଛି । ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତାଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବା ଅତ୍ୟନ୍ତ ଦୁଃଖଦାୟକ । ଅପରାଧ ସାମ୍ରାଜ୍ୟ ଉପରେ ପରଦା ପକାଇବା ପାଇଁ ଶାସକ ବିଜେଡି ହିଂସାର ଆଶ୍ରୟ ନେଉଛି । ଏହି ଘଟଣାକୁ ବିରୋଧ କରାଯିବାରୁ ଶାସକ ବିଜେଡି ହିଂସାର ଆଶ୍ରୟ ନେଇଛି । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମୟୁରଭଂଜ ଜିଲ୍ଲାରେ ଶାସକ ବିଜେଡିର କାର୍ଯ୍ୟକର୍ତାମାନଙ୍କ ଦ୍ୱାରା ବିଜେପି କାର୍ଯ୍ୟକର୍ତାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ତାଙ୍କ ଦୋ ମୁହାଁ ଚରିତ୍ରର ଖୁଲାସା କରିଛି । ସେହିପରି ଆଜି କଟକ ଜିଲ୍ଲା ବଡମ୍ବାଠାରେ ମଧ ଶାସକ ବିଜେଡିର କାର୍ଯ୍ୟକର୍ତାମାନେ ବିଜେପି କାର୍ଯ୍ୟକର୍ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ବସି ଅହିଂସାର ନାଟକ କରୁଛନ୍ତି, ମାତ୍ର ରାଜ୍ୟ ସାରା ବୁଲି ବୁଲି ଶାସକ ବିଜେଡି ହିଂସାର ତାଣ୍ଡବ କରୁଛି ।

# ୬୨ତମ ଜିଲ୍ଲାସ୍ତରୀୟ ସହୀଦ ଦିବସ ପାଳିତ

**ଜଗତସିଂହପୁର :** ୬୨ତମ ଜିଲ୍ଲାସ୍ତରୀୟ ଜିଲ୍ଲାସ୍ତରୀୟ ସହୀଦ ଦିବସ ପୁନଙ୍ଗ ସ୍ଥିତ ରିଜର୍ଭ ପୋଲିସ ପ୍ୟାରେଡ ଗ୍ରାଉଣ୍ଡ ଠାରେ ଆନୁଷ୍ଠାନିକ ଭାବେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଜଗତସିଂହପୁର ଆରକ୍ଷ ଅଧୀକ୍ଷକ ଅଖିଳେଶ୍ୱର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶର ବିଭିନ୍ନ ଆରକ୍ଷୀ ବିଭାଗରେ ସହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସହୀଦ ଯବାନଙ୍କ ପରିବାର ବର୍ଗଙ୍କ ପ୍ରତି ମଧ୍ୟ ସମବେଦନା ଜଣାଇଥିଲେ । ଜିଲ୍ଲା ଆରକ୍ଷୀ ବାହିନୀ ପକ୍ଷରୁ ବୀର ସହୀଦ ଯବାନମାନଙ୍କ ପାଇଁ ଆନୁଷ୍ଠାନିକ ପ୍ୟାରେଡ ପ୍ରଦର୍ଶନ କରିବା ସହିତ ନୀରବ ପ୍ରାର୍ଥନା କରାଯାଇଥିଲା । ୧୯୫୯ ମସିହା ଆଜିର ଦିନରେ ଚୀନ ସୈନିକମାନଙ୍କ ଆକ୍ରମଣରେ ଲଦାଖ୍ ଅଂଚଳରେ ଭାରତୀୟ ସିଆରପିଏଫ ଯବାନଙ୍କ ପ୍ରାଣହାନି ହୋଇଥିଲା । ସେମାନଙ୍କ ସ୍ମୃତିରେ ସମଗ୍ର ଭାରତ ବର୍ଷରେ ପ୍ରତିବର୍ଷ ଅକ୍ଟୋବର ୨୧ତାରିଖରେ ପୋଲିସ ସହୀଦ ସ୍ମୃତି ଦିବସ ପାଳିତ ହୋଇଆସୁଅଛି । ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସିଂହ ମାନ୍ୟବର ରାଜ୍ୟପାଳ ଓ



ମୁଖ୍ୟମନ୍ତ୍ରୀଙ୍କ ବାର୍ତା ପାଠ କରିଥିଲେ । ଚଳିତ ବର୍ଷ ସାରା ଦେଶରେ କେନ୍ଦ୍ରୀୟ ପୋଲିସ ଦଳ ଓ ରାଜ୍ୟ ପୋଲିସର ୩୭୭ ଜଣ ଆରକ୍ଷୀ ପ୍ରାଣବଳି ଦେଇ ନିଜ ମାତୃଭୂମିକୁ ଗୌରାବନ୍ୱିତ କରିଛନ୍ତି । ସେହିପରି ସମସ୍ତ କରୋନା ଯୋଦ୍ଧା ମାନଙ୍କୁ ମଧ୍ୟ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଜଗତସିଂହପୁର ଜିଲ୍ଲାର ହାବିଲଦାର ମଳୟ କୁମାର ଦାସ କରୋନାରେ ଆକ୍ରାନ୍ତ ହୋଇ ସହୀଦ ହୋଇଥିବାରୁ ତାଙ୍କ ପତ୍ନୀଙ୍କୁ ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସିଂହ ୫୦୦୦ ଟଙ୍କା ଅର୍ଥ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ପାରାଦ୍ୱୀପ ନିମାଇଁ ଚରଣ ସେଠୀ, ଡିଏସପି ହେଡକ୍ୱାର୍ଟର ବି ବାଗ, ଡିଏସପି ଏସ.ଏନ. ପଟ୍ଟନାୟକ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ।

# ଜିଲ୍ଲାର ବିଭିନ୍ନ ମଣ୍ଡପରେ ଧନଦାତ୍ରୀ ମା' ଲକ୍ଷ୍ମୀ ବିରାଜିତ

**ଜଗତସିଂହପୁର :** ଜିଲ୍ଲାର ବିଭିନ୍ନ ସ୍ଥାନ ମାନଙ୍କରେ ଖୁବ୍ ଶାନ୍ତିଶୃଙ୍ଖଳା ତଥା ମହାମାରୀ କରୋନା ଯୋଗୁଁ ନିରାଡମ୍ବର ଭାବେ ଧନଦାତ୍ରୀ ଦେବୀ ମା ଲକ୍ଷ୍ମୀଙ୍କ ପୂଜା ପାଳିତ ହୋଇଯାଇଛି । ଯଦିଓ ୨ବର୍ଷ ଧରି କରୋନା ମହାମାରୀ ଯୋଗୁଁ ପୂଜା ମଣ୍ଡପ ମାନଙ୍କରେ ଦୃଷ୍ଟି ଆକର୍ଷଣ କଳାପରି ସୁଦୃଶ୍ୟ ତୋରଣ ବା ଲାଇଟ ମାନଙ୍କର ବ୍ୟବସ୍ଥା ଉପରେ ଅଙ୍କୁଶ ଲାଗିଛି ତଥାପି ସବୁ ସ୍ଥାନର ପୂଜାମଣ୍ଡପ ମାନଙ୍କରେ ଧନଦାତ୍ରୀ ମା ଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି ସୁଦୃଶ୍ୟ ଭାବେ ଦର୍ଶକମାନଙ୍କୁ ଆକର୍ଷିତ କରୁଛି । ଜିଲ୍ଲାର ସବୁଠାରୁ ଏକ ବୃହତ୍ ତଥା ଆକର୍ଷଣୀୟ ଧନଦାତ୍ରୀ ଉତ୍ସବ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ନବାପାଟଣା ଗ୍ରାମରେ ଦେଖିବାକୁ ମିଳିଥାଏ । ଏହି ଗ୍ରାମରେ ଘରକୁ ଘର ଲାଗି ୨୨ଗୋଟି ସ୍ଥାନରେ ମଣ୍ଡପ ସବୁ ହୋଇଥିବା ବେଳେ ତୋରଣ ଗୁଡିକର ଆକର୍ଷଣ ଦେଖିବାକୁ ମିଳିଥାଏ ।



ଏହି ଗ୍ରାମରେ ଖୁବ ଯାକଜମକରେ ପର୍ବ ପାଳନ ହୋଇଥିବା ବେଳେ ପୋଲିସ ସୁରକ୍ଷା ବ୍ୟବସ୍ଥା ସହିତ ପରିମଳ ଓ ସ୍ୱଛତା ପ୍ରତି ବିଶେଷଭାବେ ଧ୍ୟାନ ଦିଆଯାଇଥାଏ । ସେହିପରି ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର, ଚିକିଣିଆ, ତଅଁରା, ରେଢୁଆ, ଅଢେଇକୂଳ, ତରିକୁନ୍ଦ, ଜଗନ୍ନାଥପୁର, ରଘୁନାଥପୁର ଓ ଧରାଧରପୁର ଅଂଚଳ ମାନଙ୍କରେ ଖୁବ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି ।

# ଶିକ୍ଷକ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ



**ନବରଙ୍ଗପୁର :** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତବ୍ଲକ ଶିକ୍ଷା କାର୍ଯ୍ୟାଳୟ ଠାରେ ବ୍ଲକ ରେ କାର୍ଯ୍ୟରତ ୨୦୧୧ ମସିହା ଠାରୁ ୨୦୨୧ ମସିହା ପର୍ଯ୍ୟନ୍ତ ନିୟମିତ ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣ ପତ୍ର ଯାଞ୍ଚ ପ୍ରକ୍ରିୟା ଗୁରୁବାର ଠାରୁ ଆରମ୍ଭ ହୋଇଛି । ପ୍ରଥମ ଓ ଦିତୀୟ ଦିନରେ ମୋଟ ୪୪ ଜଣ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଛି । ଏହି ପ୍ରକ୍ରିୟା ୨୮ ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା ସୂଚନା ଦେଇଛନ୍ତି ।ସମସ୍ତ ଶିକ୍ଷକଙ୍କ ପ୍ରମାଣପତ୍ର ସମ୍ପୃକ୍ତ ବୋର୍ଡ ଓ କାଉନସିଲ କୁ ପଠାଯିବ । ସେଠାରୁ ଉତ୍ତର ଆସିବା ପରେ ହିଁ ପ୍ରକୃତ ତଥ୍ୟ ଆସିବ ବୋଲି ବିଇଓ କହିଛନ୍ତି । ଏହି କାର୍ଯ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସମରେନ୍ଦ୍ର ଭୌମିକ, ସେକ୍ସନ ଅଫିସର କୈଳାସ ଚନ୍ଦ୍ର ସିଂ ଲାଲ,ହେମନ୍ତ କୁମାର ସାହୁ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ସ୍ୱାସ୍ଥ୍ୟସେବା ଇତିହାସରେ ...

ଅନେକ ସମସ୍ୟାରୁ, ବିଶେଷକରି ଆର୍ଥିକ ସମସ୍ୟାରୁ ମୁକ୍ତ ହୋଇପାରିବେ । ଲୋକମାନେ ସ୍ୱାସ୍ଥ୍ୟ ସମସ୍ୟାରେ ପଡିଲେ ଚିକିତ୍ସା ପାଇଁ କିପରି ଜମିବାଡି ବିକିବାକୁ ବାଧ୍ୟ ହୁଅନ୍ତି, ପିଲାଙ୍କ ପାଠପଢା ବନ୍ଦ କରନ୍ତି, ସେ ସବୁ ସମସ୍ୟା ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ତାଙ୍କୁ ବହୁତ ଦୁଃଖ ଦେଇଥାଏ । ବର୍ତ୍ତମାନ ଲୋକମାନେ ବିନା କୌଣସି ଅସୁବିଧାରେ କାର୍ଡ ଖଣ୍ଡିଏ ଧରି ଦେଶର ୨୦୦ ବଡ ବଡ ହସ୍ପିଟାଲରେ ଭଲ ଚିକିତ୍ସା ପାଇପାରିବେ । ଏଥିପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡିବ ନାହିଁ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତାଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ । ଚାଷୀ ହେଉ ବା ମୂଲିଆ ବା ରିକ୍ସା ବାଲା - ସମସ୍ତେ ସମ୍ମାନର ସହ ବଞ୍ଚନ୍ତୁ । ଏହା ତାଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ । ମୟୁରଭଞ୍ଜ ଜିଲ୍ଲାରେ ବିକାଶ କାମକୁ ତ୍ୱରାନ୍ୱିତ କରାଯାଉଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଗତ ଜୁଲାଇରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପରେ କେନାଲରୁ ପାଣି ଛଡା ଯାଇଥିବା ବେଳେ, ୯୪ଟି ଗାଁର ୧୫ ହଜାର ହେକ୍ଟର ଜମି ପାଣି ପାଉଛି । ସେହିପରି ମୟୁରଭଂଜର ସବୁ ପରିବାରକୁ ପାଇପ ପାଣି ଯୋଗାଇ ଦେବା ପାଇଁ ୩୨୦୦ କୋଟି ଟଙ୍କାର ମେଗା ପାଇପ ପାଣି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଧାରାକୁ ଆଗେଇ ନେଇ ଆଜି ଆହୁରି ୨୩୦୦ କୋଟି ଟଙ୍କାର ୫୦୦ରୁ ଅଧିକ ପ୍ରକଳ୍ପର ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ଦିଆଯାଉଛି ବୋଲି ସେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ମୟୁରଭଞ୍ଜ ମାଟିରେ ଜନ୍ମ ନେଇଥିବା ମହାପୁରୁଷ ଓ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ମହାରାଜ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନକୁ ମନେ ପକାଇବା ସହ ଭାଷା ଓ ଜାତିକୁ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପଣ୍ଡିତ ରଘୁନାଥ ମୁର୍ମୁ, ଗୁରୁ ରୋହିଦାସ ସିଂ ନାଗ ଓ ଗୁରୁ ଲାକୋ ବଦ୍ରାଙ୍କ ଅବଦାନକୁ ସ୍ମରଣ କରିଥିଲେ । ମୟୁରଭଞ୍ଜର କଳା ଓ ସାହିତ୍ୟର ଉଚ୍ଚପ୍ରଶଂସା କରି ଝୁମର ଗୀତ ଓ ଛଉ ନାଚର ପ୍ରସିଦ୍ଧି ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ପ୍ରମୁଖ ଯୋଗ ଦେଇ ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାର ଉଚ୍ଚପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ଯୋଗୁ ଓଡିଶା କରୋନା ସମୟରେ ୧୮ଟି ରାଜ୍ୟକୁ ଅକ୍ସିଜେନ ଯୋଗାଇ ବହୁ ଜୀବନ ରକ୍ଷା କରିପାରିଥିଲା । ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇ ଦେବା ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି ସେମାନେ ବର୍ଣ୍ଣନା କରିଥିଲେ ।

### ନୂଆ ଭାରତର ...

ଏହା ଆମର ପାରିବାରପଣିଆକୁ ପ୍ରତିଫଳିତ କରୁଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଥିଲେ ଯେ ଏହା ନୂଆ ଭାରତର ଚିତ୍ର । ଏକ ଜଟିଳ ଲକ୍ଷ୍ୟ ସ୍ଥାପନ କରି ତାହା କିଭଳି ହାସଲ କରାଯାଏ ତାହା ଆମେ ଜାଣିଛୁ । ଅନେକ ଲୋକ ଆମର ଟିକାକରଣ ଅଭିଯାନକୁ ଅନ୍ୟ ରାଷ୍ଟ୍ରଗୁଡିକ ସହିତ ତୁଳନା କରୁଛନ୍ତି । ଭାରତର ଟିକାକରଣ କାର୍ଯ୍ୟକ୍ରମ ବିଜ୍ଞାନ ଦ୍ୱାରା ସୃଷ୍ଟି, ବିଜ୍ଞାନ ଦ୍ୱାରା ପରିଚାଳିତ ଏବଂ ବିଜ୍ଞାନ ଆଧାରିତ, ଯାହା ଆମମାନଙ୍କ ପାଇଁ ଗର୍ବର ବିଷୟ ହୋଇଛି । ଭାରତ ଆରମ୍ଭ କରିଥିବା କୋୱିନ ପ୍ଲାଟଫର୍ମ ସଂପ୍ରତି ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରୁଛି । ସେ କହିଥିଲେ ଯେ ମାଗଣା ଟିକାକରଣ ଅଭିଯାନ ଯୋଗୁଁ ବ୍ୟାପକ ପ୍ରଭାବ ପରିଲକ୍ଷିତ ହୋଇଛି । ଟିକାକରଣରେ କାହା ପ୍ରତି ଭେଦ ଭାବ କରାଯାଇନାହିଁ ।

### ଶେଷରେ ଚାକିରିରୁ ...

ନାଟକ ଆରମ୍ଭ ହୋଇଥିଲା, ତାହା ବେଆଇନ୍ ଭାବେ ଚାଲୁଥିଲା । ରାଜଧାନୀ ଭୁବନେଶ୍ୱର ଛାତି ଉପରେ ହାବିଲଦାର ଓ କନଷ୍ଟେବଲ ସଂଘ ସଂପାଦକ ନିଜ ଭାଇଙ୍କ ନାଁରେ ବେଆଇନ୍ ଭାବେ ଚଳାଉଥିଲେ ବାର । ଖାଲି ବାର୍ ଚାଲୁନଥିଲା, କୋଭିଡ୍ ନିୟମର ଖୋଲା ଉଲ୍ଲଙ୍ଘନ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଜମୁଥିଲା ଭିଡ୍ ଓ ଉଡୁଥିଲା ଟଙ୍କା । ହେଲେ ଏକଥା ପାଖ ଥାନାର ଥାନାବାବୁ ଜାଣିପାରୁନଥିଲେ । ତେବେ ଏଠି ପ୍ରଶ୍ନ, ଥାନା ବାବୁ ଜାଣିପାରୁନଥିଲେ ନା ଜାଣି ଚୁପ୍ ରହୁଥିଲେ । ସୂଚନାଥାଉ କି, ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ଅନୁରାଗ ସାଥୀମାନଙ୍କ ସହ ସାଉଥ୍ ସିଟି ହୋଟେଲ୍ ବାରକୁ ଯାଇଥିଲେ । ସେଠାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରହିଥିଲେ । ମାତ୍ର ବିଲ୍ ପୈଠ କରିନପାରିବାରୁ ବାର କର୍ତ୍ତୃପକ୍ଷ ତାଙ୍କୁ ଅଟକ ରଖିଥିଲେ । ପରେ ଟଙ୍କା ଦେବାରୁ ହୋଟେଲ୍ କର୍ତ୍ତୃପକ୍ଷ ଛାଡ଼ି ଥିଲେ । ଏହାକୁ ନେଇ ମନୀଷ ଓ ତାଙ୍କ ସାଙ୍ଗମାନଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା । ଯାହାଫଳରେ ମନୀଷଙ୍କ ମୃତ୍ୟୁ ହୋଇଥିବା ପୁଲିସ କହିଛି । ମନୀଷ ହତ୍ୟା ମାମଲାର ଖିଅ ଖୋଜି ଖୋଜି ପୁଲିସ ସାଉଥ୍ ସିଟି ହୋଟେଲ୍ ବାରରେ ପହଞ୍ଚିଥିଲା । ତଦନ୍ତରୁ ଜଣାପଡ଼ିଛି ବାର୍ ଲାଇସେନ୍ସ ସେପ୍ଟେମ୍ବର ମାସରୁ ସରି ଯାଇଛି । ଏହା ସତ୍ତ୍ୱେ ସେଠାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲୁଥିଲା ବାର ଆଉ ଜମୁଥିଲା ମଉଜ ମଜଲିସ୍ । ନାଚ ଗୀତରେ ମାତୁଥିଲେ ଯୁବକ ଓ ଯୁବତୀ । ବାର୍ ଗର୍ଲଙ୍କ ମୁଣ୍ଡ ଉପରେ ଉଡୁଥିଲା ପୁଳା ପୁଳା ଟଙ୍କା । ତେବେ ସେହି ଟଙ୍କା ଅସଲି କି ନକଲି ତାହା ତଦନ୍ତ ପରେ ଜଣାପଡିବ । ଅବକାରୀ ବିଭାଗ ଓ କମିଶନରେଟ୍ ପୁଲିସ ମିଳିତ ଭାବେ ସେହି ବାର୍‌ରେ ଚଢ଼ଉ କରିଥିଲେ । ଚଢ଼ଉ ସମୟରେ ଟଙ୍କା ପଡ଼ିଥିବା ଦେଖି ତାଜୁବ ହୋଇଥିଲେ । ଏଥିସହ ବାରରେ ଥିବା ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯିବା ସହ ବାରକୁ ସିଲ୍ କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାରର ଲିଜ୍ ଭୁବନେଶ୍ୱର ହାବିଲଦାର ଓ କନଷ୍ଟେବଳ ସଂଘ ସଂପାଦକ ପ୍ରସନ୍ନ ବେହେରାଙ୍କ ଭାଇଙ୍କ ନାଁରେ ରହିଛି । ଆଉ ଲାଇସେନ୍ସ ପ୍ରଦ୍ୟୁମ୍ନ ଜେନାଙ୍କ ନାଁରେ ରହିଥିଲା । କିନ୍ତୁ ଏହି ବାର ସେ ଚଳାଇ ପାରି ନଥିବାରୁ ହାବିଲଦାର ଓ କନଷ୍ଟେବଳ ସଂଘର ଟାଣୁଆ ନେତା ପ୍ରସନ୍ନଙ୍କ ବଡଭାଇ ନିରଞ୍ଜନ ବେହେରାଙ୍କ ନାଁରେ ଲିଜ୍ ନିଆଯାଇଥିଲା । ଉକ୍ତ ଘଟଣା ଗଣମାଧ୍ୟମର ଚର୍ଚ୍ଚାରେ ରହିବା ଦ୍ୱାରା ପ୍ରସନ୍ନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯାଇଛି । ଶେଷରେ ପ୍ରସନ୍ନ ଚାକିରିରୁ ନିଲମ୍ବିତ ହୋଇଛନ୍ତି । ଏହା ପ୍ରସନ୍ନଙ୍କ ଚାକିରି ଜୀବନରେ ପ୍ରଥମ ଘଟଣା ନୁହେଁ । ପୂର୍ବରୁ ବି ସେ ନିଲମ୍ବିତ ଓ ଗିରଫ ହୋଇଥିଲେ । ତାଙ୍କ ବିରୋଧରେ ମାଳମାଳ ଅଭିଯୋଗ ରହିଛି । ପ୍ରସନ୍ନଙ୍କ ବିଶୃଙ୍ଖଳାପୂର୍ଣ୍ଣ କାର୍ଯ୍ୟ ପାଇଁ ପୂର୍ବରୁ ସେ ନିଲମ୍ବିତ ହୋଇଥିଲେ । ୨୦୦୧ ଫେବୃଆରୀ ୧୫ରେ ବାଲିଅନ୍ତାରେ ବିଷାକ୍ତ ମଦ ପିଇ ପ୍ରାୟ ୨୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ପୋଲିସ ଏହି ମଦ ମାଫିଆ ଘରେ ଚଢ଼ାଉ କରିବାକୁ ଯାଇଥିଲା । ତେବେ ପ୍ରସନ୍ନ ମଦ ବେପାରୀଙ୍କୁ ଆଗୁଆ ସୂଚନା ଦେଇଥିବା ଜଣାପଡିବା ପରେ ତାଙ୍କ ବିରୋଧରେ ଆଭ୍ୟନ୍ତରୀଣ ତଦନ୍ତ କରି ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା । କିନ୍ତୁ ପ୍ରସନ୍ନଙ୍କ ସୂଚନା ପାଇ ମଦ ମାଫିଆ ଖସି ଯାଇଥିଲା । ସେହିଭଳି ୨୦୧୮ରେ ପ୍ରସନ୍ନ ଜଣେ ଓକିଲଙ୍କୁ କଟକରେ ନିସ୍ଥୁକ ମାଡ ମାରିବା ପ୍ରତିବାଦରେ ଓକିଲ ସଂଘ ସେତେବେଳେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲା । ଫଳରେ ପୋଲିସ ଓ ବରିଷ୍ଠ ଅଧିକାରୀ ସଂଘ ପାଖରେ ମିଳିତ କ୍ଷମାପ୍ରାର୍ଥନା କରିଥିଲା ପ୍ରସନ୍ନ । ସେହିଭଳି ୨୦୨୦ରେ କରୋନା କଟକଣା ସମୟରେ ସଚିବାଳୟ ମାର୍ଗ ନିକଟରେ ପ୍ରସନ୍ନ ମଦ ପିଉଥିବାର ଭିଡିଓ ଭାଇରାଓ ହୋଇଥିଲା । ଫଳରେ ସେତେବେଳେ ମଧ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା । ଚାକିରିରେ ଥାଇ ବାରମ୍ବାର କ୍ଷମତାର ଅପବ୍ୟବହାର ସାଙ୍ଗକୁ ବିଶୃଙ୍ଖଳିତ ଆଚରଣ ପାଇଁ ପ୍ରସନ୍ନଙ୍କ ଉପରେ ଚାରିଥର ବ୍ଲାକମାର୍ଗ ଲାଗି ସାରିଲାଣି । ତେଣୁ ଆଗକୁ ପ୍ରସନ୍ନଙ୍କ ଚାକିରି ରହିବ କି ନାହିଁ ତାହା ସମୟ କହିବ । ମନୀଷ ହତ୍ୟାକାଣ୍ଡ ମାମଲାରେ ତମାଣ୍ଡୋ ଥାନା ଅଧିକାରୀଙ୍କ ଭୂମିକାକୁ ନେଇ ସବୁଠି ସନ୍ଦେହ ପ୍ରକଟ କରାଯାଉଛି । କାରଣ ମହାମାରୀ କରୋନା ସମୟରେ ଥାନା ନିକଟରେ ଥିବା ଏକ ବାରରେ ଏଭଳି ଅନୈତିକ କାର୍ଯ୍ୟ ଚାଲୁଥିଲେ ସୁଦ୍ଧା ତମାଣ୍ଡୋ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଆଇଆଇସିଙ୍କ ଭୂମିକାକୁ ନେଇ ମଧ ସନ୍ଦେହ ଦେଖାଦେଇଛି । ତେବେ ଶେଷ ସୂଚନା ଅନୁଯାୟୀ ତମାଣ୍ଡୋ ଥାନା ଆଇଆଇସି ପ୍ରମୋଦ ପଟ୍ଟନାୟକଙ୍କୁ ଡିସିପି ଅଫିସକୁ ବଦଳି କରାଯାଇଛି ।

### ଓଡ଼ିଶାକୁ ...

ପକ୍ଷୀଙ୍କ ଶିକାର ବହୁ ପରିମାଣରେ ବଢ଼ିଛି । ତାହାକୁ ନଜରରେ ରଖି ଚିଲିକା, ଭିତରକନିକା, ହୀରାକୁଦ, ଅଂଶୁପା ଆଦି ସ୍ଥାନକୁ ପକ୍ଷୀଙ୍କ ଆଗମନ ହେବା କ୍ଷଣି ବନ ବିଭାଗ ସୁରକ୍ଷା ସ୍କ୍ୱାଡ୍ ଗଠନ କରିବା ସହ ସ୍ୱତନ୍ତ୍ର କ୍ୟାମ୍ପ୍ ପକାଇ ନଜର ରଖିଥାଏ । ମାତ୍ର ଏଥର ଏଯାଏ ସେଭଳି କେ?ଣସି ପଦକ୍ଷେପ ନିଆଯାଇ ନାହିଁ । ବିଭାଗୀୟ ମନ୍ତ୍ରୀ କିମ୍ବା ସଚିବ କୌଣସି ସମୀକ୍ଷା ବୈଠକ ବି କରି ନାହାନ୍ତି । ବିଭାଗୀୟ ଅଧିକାରୀମାନେ ମଧ ଚୁପ୍ ବସି ପଡ଼ିଛନ୍ତି । ଫଳରେ ପୂର୍ବବର୍ଷ ପରି ଏଥର ମଧ ପକ୍ଷୀ ଶିକାର ବଢ଼ିବାର ଆଶଙ୍କା ପ୍ରକାଶ ପାଇଛି । ସୂଚନା ଅନୁଯାୟୀ ୨୦୧୯-୨୦ ତୁଳନାରେ ୨୦୨୦-୨୧ ବର୍ଷରେ ଚିଲିକା, ଭିତରକନିକା ଓ ହୀରାକୁଦକୁ ଅଧିକ ବିଦେଶାଗତ ପକ୍ଷୀ ଆସିଥିଲେ । ଚିଲିକାକୁ ସର୍ବାଧିକ ୧୨ଲକ୍ଷ ୪ହଜାର ପକ୍ଷୀ ଆସିଥିବା ବେଳେ ଭିତରକନିକାକୁ ୧ଲକ୍ଷ ୩୬ ହଜାର ଓ ହୀରାକୁଦକୁ ୧ ଲକ୍ଷ ୩ ହଜାର ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥିଲା । ଚିଲିକା ହ୍ରଦକୁ ଦୁଇଟି ନୂଆ ପ୍ରଜାତିର ପକ୍ଷୀ ଯଥା ମାଲାର୍ଡ ଓ ଫାଲକାଟେଡ୍ ଟିଲ୍ ଆସିଥିବା ବେଳେ ହୀରାକୁଦ ଓ ଭିତରକନିକାକୁ କୌଣସି ନୂତନ ପ୍ରଜାତିର ପକ୍ଷୀ ଆସି ନ ଥିଲେ । ଗତ ଜାନୁଆରିର ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ରାଜ୍ୟର ବିଭିନ୍ନ ବନଖଣ୍ଡରେ ପକ୍ଷୀମାନଙ୍କ ସଂଖ୍ୟା ଆକଳନ କରାଯାଇଥିଲା । ଏଥର ନିର୍ଦ୍ଧାରିତ ସମୟର ଅଳ୍ପ ଦିନ ବିଳମ୍ବରେ ଶୀତ ପଡ଼ିଥିବାରୁ ବିଦେଶାଗତ ପକ୍ଷୀଙ୍କ ଆଗମନ ସଂଖ୍ୟା ବଢ଼ିବ ବୋଲି ଅନୁମାନ କରାଯାଉଛି ।

### ବ୍ଲକ ମୁଖ୍ୟାଳୟରେ ...

ଏଥିନିମନ୍ତେ ୧ କୋଟି ୧୬ ଲକ୍ଷ ଟଙ୍କା ଜିଲ୍ଲାଗୁଡ଼ିକୁ ପ୍ରଦାନ କରାଯାଇଛି ଏବଂ ତା. ୨୦୨୧ ନଭେମ୍ବର ୧୫ ତାରିଖ ସୁଦ୍ଧା ଏ ସମସ୍ତ କାର୍ଯ୍ୟ ସଂପନ୍ନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ପରେ ଭୋଟଗଣତି ସଂପର୍କରେ ନିର୍ବାଚନ କମିସନ ଏକ ବିସ୍ତୃତ ନିୟମାବଳୀ ଜାରି କରିଛନ୍ତି। ଏଥର ପଞ୍ଚାୟତ ନିର୍ବାଚନ ଭୋଟଗଣତି ବ୍ଲକ୍ ମୁଖ୍ୟାଳୟଠାରେ ଅନୁଷ୍ଠିତ ହେବା ଏଥରେ ସମସ୍ତ ଜିଲ୍ଲାପାଳ ଭୋଟଗଣତି ସଂପର୍କରେ ଜାରି କରାଯାଇଥିବା ବିସ୍ତୃତ ନିୟମାବଳୀକୁ ଅନୁଧାନ କରିବା ପାଇଁ କମିଶନ ତରଫରୁ କୁହାଯାଇଛି। ଜିଲ୍ଲାପାଳମାନେ ବ୍ଲକ୍ ମୁଖ୍ୟାଳୟରେ ଭୋଟଗଣତି କେନ୍ଦ୍ର ଚିହ୍ନଟ ସହ ପ୍ରସ୍ତୁତ କରି ରଖିବାକୁ କମିସନ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ନିର୍ବାଚନ କମିଶନ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ନିମନ୍ତେ ଜାନୁଆରି ୨୦୨୧ରେ ପ୍ରକାଶ ପାଇଥବା ବିଧାନସଭା ନିର୍ବାଚନ ମଣ୍ଡଳୀ ଭୋଟର ତାଲିକା ସମସ୍ତ ଜିଲ୍ଲାଗୁଡ଼ିକୁ ସି.ଡ଼ି (ଏକ୍ସଲ୍ ଫର୍ମାଟ୍) ଜରିଆରେ ପଠାଯାଇଛି । ଏହାକୁ ଆଧାର କରି ଜିଲ୍ଲା ସମୂହ (ଏକ୍ସେଲ ଫର୍ମାଟ)ରେ ଆସନ୍ତା ୨୦୨୨ରେ ହେବାକୁ ଥବା ପଞ୍ଚାୟତ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତ କରିବାକୁ କମିସନ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ କମିସନ ପଞ୍ଚାୟତ ନିର୍ବାଚନ ପାଇଁ ନିର୍ବାଚନ ପଞ୍ଜୀକରଣ ଅଧକାରୀମାନଙ୍କୁ ନିଯୁକ୍ତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି । ଏହି କାର୍ଯ୍ୟ ଆସନ୍ତା ୨୫ ତାରିଖ ସୁଦ୍ଧା ସମାପ୍ତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ କମିସନଙ୍କ ପକ୍ଷରୁ ପଞ୍ଚାୟତ ନର୍ବାଚନ ନିମନ୍ତେ ଭୋଟ ଗ୍ରହଣ କେନ୍ଦ୍ର ଚିହ୍ନଟ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଜଣାଇ ଦିଆଯାଇଛି ଓ ଏହି କାର୍ଯ୍ୟ ଆସନ୍ତା ନଭେମ୍ବର ୫ ତାରିଖ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁଠାରେ ଭୋଟ ଗ୍ରହଣ ନିମନ୍ତେ ସୁବିଧା ନଥବ ସେଠାରେ ଅସ୍ଥାୟୀ ଭୋଟ ଗ୍ରହଣ କେନ୍ଦ୍ର ନିର୍ମାଣ କରାଇବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାସ୍ତରରେ ବାଲାଟ ବକ୍ସ କଭର କିଣିବା ପାଇଁ କମିସନ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି କାର୍ଯ୍ୟ ଆସନ୍ତା ନଭେମ୍ବର ୩୦ ତାରିଖ ସୁଦ୍ଧା ଶେଷ କରିବାକୁ କମିସନ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟ କଲାବେଳେ ଆବଶ୍ୟକ ନିର୍ଦ୍ଦେଶାବଳୀକୁ ଅନୁପାଳନ କରିବାକୁ ହେବ ବୋଲି କମିସନ ସ୍ପଷ୍ଟ କରିଛନ୍ତି । ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ନିର୍ବାଚନ କମିସନଙ୍କ ସହ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ପଞ୍ଚାୟତ ଅଧକାରୀ, ନିର୍ବାଚନ କମିସନଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ, ଉପସଚିବ ଆଜାଦ୍ ହିନ୍ଦ ପାଣିଗ୍ରାହୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥଲେ ।

### କେବେ ହେବ ...

ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ତଦନ୍ତ ରିପୋର୍ଟ ଆସିବାର ତିନିମାସ ପର୍ଯ୍ୟନ୍ତ ବିଇଓ ଶ୍ରୀ ଟୁଡୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ତାଙ୍କ ଠାରୁ ଉତ୍କୋଚ ନେଇ ପଦୋନ୍ନତି ଦେଇଥିବାର ଚର୍ଚ୍ଚା ହେଉଛି । ନିୟମିତ କାର୍ଯ୍ୟାଳୟ ଆସୁନଥିବା ବିଇଓ ଶ୍ରୀ ତରେଇ ନିଜ କାର୍ଯ୍ୟାଳୟ ସାମ୍ନାରେ ପାଣି କାଦୁଅ ଭର୍ତ୍ତି ହୋଇଥିବା ଦେଖୁଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି । ବରଂ ଏହି କାର୍ଯ୍ୟ ପାଇଁ ଆସିଥିବା ଅର୍ଥ ନିଜେ ହଡପ କରିଥିବା ଅଭିଯୋଗ ହେଉଛି । ମାସକୁ ଯେଉଁ ଦୁଇ ଚାରିଦିନ ବିଇଓ ମହାଶୟ ଅଫିସ ଆସନ୍ତି, ବନ୍ତ ବ୍ଲକ ଅଧିନରେ ଥିବା ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଡାକି ହଇରାଣ କରିବା, ମିଛ ତ୍ରୁଟି ଦର୍ଶାଇ କାରଣ ଦର୍ଶାଅ ନୋଟିସ ଜାରି କରିବା ଭଳି ଅନେକ ଭୟର ବାତାବରଣ ସୃଷ୍ଟି କରୁଥିବା ନେଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଭିଯୋଗ କରୁଛନ୍ତି । ପ୍ରତ୍ୟେକ କାର୍ଯ୍ୟ ପାଇଁ, ଯଥା- ପଦୋନ୍ନତି, ଛୁଟି ମଞ୍ଜୁରୀ, ବକେୟା ଅର୍ଥ ପ୍ରଦାନ ପାଇଁ ବିଇଓ ଲାଞ୍ଚ ମାଗୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଥିବା ବିଆରଟି ସେକ୍ସନର କମ୍ପ୍ୟୁଟର କିଣା ବାବଦକୁ ଆସିଥିବା ପଚାଶ ହଜାର ଟଙ୍କାକୁ ମିଛ ବିଲ ଜରିଆରେ ବିଇଓ ହଡପ କରିବା ନେଇ ମଧ ଅଭିଯୋଗ ହେଉଛି । ସମ୍ପୃକ୍ତ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅଗୋଚରରେ ଏଭଳି କରାଯାଇଥିବା ନେଇ ସନ୍ଦେହ ଦେଖାଦେଇଛି । ଏହି ପ୍ରସଙ୍ଗରେ ବିଇଓଙ୍କୁ ପ୍ରଶ୍ନ କରାଗଲେ ଏ ନେଇ ସେ କାହାକୁ କିଛି ଜଣାଇବା ଆବଶ୍ୟକ ନାହିଁ ବୋଲି କହୁଛନ୍ତି । ଆରଟିଆଇ ତଥ୍ୟରୁ ମିଳିଥିବା ତଥ୍ୟ ଅନୁସାରେ ବିଇଓଙ୍କର ଅନେକ ତ୍ରୁଟି ସତ୍ତ୍ୱେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନହେବା ବିସ୍ମୟ ସୃଷ୍ଟି କରିଛି । ତେବେ ପ୍ରଶ୍ନ ଉଠୁଛି, ୫-ଟି ଶାସନ ସମୟରେ ଜଣେ ବ୍ଲକ ଶିକ୍ଷାଧିକାରୀଙ୍କର ଏଭଳି କଳା କାରନାମା ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ଆଗାମୀ ଦିନରେ ବିଇଓଙ୍କ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

### ସଂରକ୍ଷଣ ...

ଜୋନ ୩ ଆସନଟି ଅଣସଂରକ୍ଷିତ ଓ ଜୋନ ୪ ଆସନଟି ଅଣସଂରକ୍ଷିତ ରହିଛି । କୁଜଙ୍ଗ ବ୍ଲକର ୪ଗୋଟି ଜୋନ ମଧ୍ୟରୁ କୁଜଙ୍ଗ ୧ ଆସନଟି ଅଣସଂରକ୍ଷିତ, କୁଜଙ୍ଗ ୨ ଆସନଟି ମହିଳା, କୁଜଙ୍ଗ ୩ ଆସନଟି ଅଣସଂରକ୍ଷିତ ଓ କୁଜଙ୍ଗ ୪ ଆସନଟି ଅନୁସୂଚିତ ଜାତି ମହିଳାମାନଙ୍କ ନିମନ୍ତେ ରହିଛି । ସେହିପରି ଜଗତସିଂହପୁର ୪ଗୋଟି ଜୋନ ମଧ୍ୟରୁ ଜଗତସିଂହପୁର ୧ ଆସନଟି ପଛୁଆବର୍ଗ ମହିଳା, ଜଗତସିଂହପୁର ୨ ଆସନଟି ମହିଳା, ଜଗତସିଂହପୁର ୩ ଆସନଟି ଅନୁସୂଚିତ ଜାତି ଓ ଜଗତସିଂହପୁର ୪ଆସନଟି ପଛୁଆବର୍ଗ ମହିଳାଙ୍କ ପାଇଁ ରହିଛି । ତିର୍ତୋଲ ବ୍ଲକର ୪ଗୋଟି ଜୋନ ମଧ୍ୟରୁ ତିର୍ତୋଲ ୧ ଆସନଟି ମହିଳା, ତିର୍ତୋଲ ୨ ଆସନଟି ଅନୁସୂଚିତଜାତି ମହିଳା, ତିର୍ତୋଲ ୩ ଆସନଟି ଅଣସଂରକ୍ଷିତ ଓ ତିର୍ତୋଲ ୪ଆସନଟି ପଛୁଆବର୍ଗଙ୍କ ପାଇଁ ରହିଛି । ବାଲିକୁଦା ବ୍ଲକର ୪ଗୋଟି ଜୋନ ମଧ୍ୟରୁ ୧ ଆସନଟି ମହିଳା, ୨ଆସନଟି ପଛୁଆବର୍ଗ, ୩ ଆସନଟି ପଛୁଆବର୍ଗ ମହିଳା ଓ ୪ଆସନଟି ଅଣସଂରକ୍ଷିତ ରହିଛି । ନାଉଗାଁ ବ୍ଲକର ୨ଗୋଟି ଜୋନ ମଧ୍ୟରୁ ୧ ଆସନଟି ଅନୁସୂଚିତଜାତି ଓ ୨ ଆସନଟି ପଛୁଆବର୍ଗଙ୍କ ପାଇଁ ରହିଛି । ବିରିଡି ବ୍ଲକର ୨ଗୋଟି ଜୋନ ମଧ୍ୟରୁ ବିରିଡିର ୧ ଆସନଟି ମହିଳା ଓ ୨ଆସନଟି ବି ମହିଳାଙ୍କ ପାଇଁ ରହିଛି । ରଘୁନାଥପୁର ବ୍ଲକର ୨ଗୋଟି ଜୋନମଧ୍ୟରୁ ୧ଆସନଟି ଅନୁସୂଚିତଜାତି ମହିଳା ଓ ୨ଆସନଟି ଅନୁସୂଚିତଜାତିଙ୍କ ପାଇଁ ନିର୍ଦ୍ଧାରଣ କରାଯାଇଛି । ଏପରିକି ଚଳିତ ପଂଚାୟତ ନିର୍ବାଚନରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯାଇ ୨୬ଗୋଟି ଜୋନମଧ୍ୟରୁ ୧୨ଗୋଟି ମହିଳାମାନଙ୍କ ସଂରକ୍ଷିତ କରାଯାଇଅଛି । ଜିଲ୍ଲା ପରିଷଦ ଆସନରେ ଯେପରି ଅବ୍ୟବସ୍ଥା କରାଯାଇଛି ଠିକ ସେହିପରି ୮ଗୋଟି ପଂଚାୟତ ସମିତି ଅଧ୍ୟକ୍ଷ ପଦରେ ବି ବିଭ୍ରାଟ କରାଯାଇଥିବାର ଶୁଣିବାକୁ ମିଳୁଛି । ଏରସମା ବ୍ଲକର ଅଧ୍ୟକ୍ଷ ପଦ ମହିଳା, କୁଜଙ୍ଗ ବ୍ଲକ ଅଧ୍ୟକ୍ଷ ପଦ ଅନୁସୂଚିତଜାତି ମହିଳା, ଜଗତସିଂହପୁର ବ୍ଲକ ଅଧ୍ୟକ୍ଷ ପଦ ପଛୁଆବର୍ଗ, ତିର୍ତୋଲ ବ୍ଲକ ଅଧ୍ୟକ୍ଷ ପଦ ଅସଂରକ୍ଷିତ, ନାଉଗାଁ ବ୍ଲକ ଅଧ୍ୟକ୍ଷ ପଦ ମହିଳା, ବାଲିକୁଦା ବ୍ଲକ ଅଧ୍ୟକ୍ଷ ପଦ ଅସଂରକ୍ଷିତ, ବିରିଡି ବ୍ଲକ ଅଧ୍ୟକ୍ଷ ପଦ ପଛୁଆବର୍ଗ ମହିଳା ଥିବା ବେଳେ ରଘୁନାଥପୁର ବ୍ଲକ ଅଧ୍ୟକ୍ଷ ପଦଟିକୁ ଏକପ୍ରକାର ସ୍ଥାଣୁ କରାଯାଇ ଅନୁସୂଚିତଜାତି ମାନଙ୍କ ନିମନ୍ତେ ନିର୍ଦ୍ଧାରଣ କରାଯାଇଛି । ଯାହାଫଳରେ ରଘୁନାଥପୁର ବ୍ଲକ ବିଜେଡି ଶିବିରରେ ଆନନ୍ଦର ଲହରି ଖେଳିବା ପରିବର୍ତେ ଗୋଷ୍ଠୀ କନ୍ଦଳକୁ ନେଇ ନେତାମାନଙ୍କୁ ମାତ୍ କରିଦିଆଯାଇଛି । ଯେଉଁଥିପାଇଁ ରଘୁନାଥପୁର ବ୍ଲକରେ ବିଜେଡିର ଗୋଷ୍ଠୀ କନ୍ଦଳ ଆଗାମୀ ପଂଚାୟତ ନିର୍ବାଚନ ବେଳକୁ ବି ଜାରିରହିବ ।

ଏକ ଅନନ୍ୟ ପରମ୍ପରା

# କୁମାର ପୂର୍ଣ୍ଣିମାରେ କୁମାରୀ ବିବାହ

**ଅଧ୍ୟାପକ ପବିତ୍ର ମୋହନ ବାରିକ**

ଐତିହାସିକ ସହର ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ସଂସ୍କୃତି ସଂପନ୍ନ ଗ୍ରାମ ଶ୍ୟାମପୁର । ଭୁବନେଶ୍ୱର ପଶ୍ଚିମ ଦିଗରେ ଏହି ଗ୍ରାମଟି ଅବସ୍ଥିତ । ଶ୍ୟାମପୁର ଗ୍ରାମର ପୂର୍ବ-ଦକ୍ଷିଣ କୋଣରେ ରାଜଧାନୀ ଭୁବନେଶ୍ୱର । ଐତିହ୍ୟ ବିମଣ୍ଡିତ ଖଣ୍ଡଗିରି ଉଦୟଗିରି ପାହାଡ, ପଶ୍ଚିମ ଦିଗରେ ଗଡମଳିପଡା ଓ ପ୍ରସିଦ୍ଧ ଚନ୍ଦକା-ଡମପଡା ହସ୍ତୀ ଅଭୟାରଣ୍ୟ । ଦକ୍ଷିଣ ଦିଗରେ ପାଇକରାପୁର ଏବଂ ଉତ୍ତରଦିଗରେ ଗଡ ଅନ୍ଧାରୁଆ । ଭୁବନେଶ୍ୱର ମହାନଗର ନିଗମ ମଧ୍ୟରେ ଅନ୍ତର୍ଭୁକ୍ତ ଏହି ଗ୍ରାମଟି ତାର ନିଜସ୍ୱ ସାଂସ୍କୃତିକ ପରମ୍ପରା ପାଇଁ ସ୍ୱତନ୍ତ୍ର ସ୍ଥାନ ଦାବି କରିଛି । ଏହି ଗ୍ରାମର ଉତ୍ତର-ପଶ୍ଚିମ ଦିଗରେ ପଣ୍ଡାକୁଦିଆଠାରୁ ଏକ ଜୋର (ନାଳ) ଉତ୍ତରରୁ ଦକ୍ଷିଣ ଦିଗରେ ପ୍ରବାହିତ ହୋଇ ତମାଣ୍ଡୋ ନିକଟରେ ପାଞ୍ଚ ନମ୍ବର ଜାତୀୟ ରାଜପଥକୁ ଅତିକ୍ରମ କରି ପରିଶେଷରେ କାକୁଡିଆ ନିକଟରେ ନିଜକୁ ଦୟାନଦୀରେ ହଜାଇ ଦେଇଛି । ଏହି ଜୋରର ଜଳକୁ ବ୍ୟବହାର କରି ଏ ଅଞ୍ଚଳର ଗ୍ରାମଗୁଡିକ ଯଥା: ଶ୍ୟାମପୁର, ମଳିପଡା, ନୁଆଗାଁ, ପାଇକରାପୁର, ଘାଟିକିଆ, ନାରଗଦା, ତମାଣ୍ଡୋ ଓ କାଇମାଟିଆର କୃଷକମାନେ ଖରିଫ ଧାନ ଚାଷ କରିଥାନ୍ତି । ଏ ଅଞ୍ଚଳର ଜୀବନ ଜୀବିକା ସହିତ ଏହି ଜୋରର ସଂପର୍କ ଅତି ନିବିଡ । ଜୋରର ଉଭୟ କୂଳରେ ଶିବାଳୟମାନ ଦେଖାଯାଏ । ମଳିପଡାର ଚନ୍ଦ୍ରଶେଖର ଦେବ ଓ ଶ୍ୟାମପୁରର ସିଦ୍ଧେଶ୍ୱର ଦେବଙ୍କ ମନ୍ଦିର ଜୋରର ଉଭୟ କୂଳରେ ସାମ୍ନା- ସାମ୍ନୀ ହୋଇ ଅବସ୍ଥିତ । ପାଇକରାପୁର ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ଜୋରର ଅନତି ଦୂରରେ ଅବସ୍ଥିତ । ତମାଣ୍ଡୋ ବାଲୁଙ୍କେଶ୍ୱର ଶିବ ମନ୍ଦିରର ପାଦସ୍ପର୍ଶ କରି ଏହି ଜୋର ଶାନ୍ତ, ସ୍ନିଗ୍ଧ ବେଗରେ ଆଗକୁ ଗତି କରିଛି । ରଘୁନାଥ ପୁର ନିଳକଣ୍ଠେଶ୍ୱର ମନ୍ଦିର ଏହି ଜୋରର ଅଳ୍ପଦୂରରେ ଅବସ୍ଥିତ । ନଅଁପୁଟର ପ୍ରସିଦ୍ଧ ନିଳକଣ୍ଠେଶ୍ୱର ମନ୍ଦିର ଏହି ଜୋରର କୂଳରେ ଅବସ୍ଥିତ । ଏ ସମସ୍ତ କୃତିତ୍ୱ ସହିତ ଶ୍ୟାମପୁର ଗ୍ରାମ ତାର ପାରମ୍ପରିକ ରୀତି, ନୀତ. ପ୍ରଥା, ବିଶ୍ୱାସ ଓ ଭକ୍ତିରେ ଅନେକ ପର୍ବ-ପର୍ବାଣୀକୁ ନିଷ୍ଠା ଓ ଆଗ୍ରହର ସହିତ ପାଳନ କରିଆସୁଅଛି । ଏହି ଗ୍ରାମର ଏକ ନିଜସ୍ୱ ସାଂସ୍କୃତିକ ଚିନ୍ତାଧାରା ଯାହା ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର । ପ୍ରତିବର୍ଷ କୁମାର ପୂର୍ଣ୍ଣିମା ଅବସରରେ କୁମାରୀ ବିବାହ ଏହି ଗ୍ରାମର ଏକ ନିଆରା ପରମ୍ପରା । ବର ଓ କନ୍ୟା ଉଭୟେ କୁମାରୀ । ଉତ୍ସବ ମୁଖରିତ ଆଶ୍ୱିନ ମାସର ପବିତ୍ର ପୂର୍ଣ୍ଣିମାରେ ସମଗ୍ର ଶ୍ୟାମପୁର ଗ୍ରାମ ଓ ଏହାର ଆଖପାଖ ଅଞ୍ଚଳ କୁମାରୀ ବିବାହ ଉତ୍ସବ ପାଇଁ ଚଳଚଞ୍ଚଳ ହୋଇ ଉଠେ । କୁମାରୀ ବିବାହର ବୈଶିଷ୍ଟ୍ୟ ଏହି ଯେ, ବର-କନ୍ୟା, ବ୍ରାହ୍ମଣ, ବାରିକ, ବରଯାତ୍ରୀ, ବର-କନ୍ୟାଙ୍କ ପିତା ମାତା ସମସ୍ତେ କୁମାରୀ । ଶ୍ୟାମପୁର ଗ୍ରାମର ବେହେରା ସାହି ଓ ସାହୁ ସାହିରେ ଏହି କୁମାରୀ ବିବାହ ପ୍ରଥା ପ୍ରଚଳିତ ହୋଇଆସୁଛି । ବେହେରା ସାହିରେ ଅନୁଷ୍ଠିତ ଏହି କୁମାରୀ ବିବାହ ଉତ୍ସବ ଦୀର୍ଘ ୩୦ ବର୍ଷ ଧରି ପାଳିତ ହୋଇ ଆସୁଥିବାର ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କଠାରୁ ଶୁଣାଯାଏ । ଶ୍ୟାମପୁରର କୁମାର ପୁର୍ଣ୍ଣିମା ବାଳିକା ସଂଘ ଦ୍ୱାରା ଏହି ବିବାହ ଉତ୍ସବ ଆୟୋଜିତ ହେଉଥିବାର ଜଣାଯାଏ । ଗ୍ରାମର ଶୁଭ କାମନା କରି ବହୁ ଚର୍ଚ୍ଚିତ କୁମାରୀ ବିବାହ ଉତ୍ସବ ପାଳନ କରାଯାଇ ଥିବାର ଶୁଣିବାକୁ ମିଳେ । ଏଥିପାଇଁ ଗ୍ରାମବାସୀଙ୍କ ମତରେ ଅଭୁତପୂର୍ବ ଉତ୍ସାହ ଉଦ୍ଦୀପନା ଓ ଆନନ୍ଦ ଦେଖାଯାଏ । ହିନ୍ଦୁ ରୀତି, ନୀତି ଅନୁଯାୟୀ ଏହି ବିବାହର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ । ଆଶ୍ୱିନ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ଦିନକୁ ବିବାହ ପାଇଁ ଦିନ ଧାର୍ଯ୍ୟ ହୋଇଥାଏ । ଏହାର ପନ୍ଦର ଦିନ ପୂର୍ବରୁ ନିର୍ବନ୍ଧ କାର୍ଯ୍ୟ ସଂପନ୍ନ ହୋଇଥାଏ । ବରଘର ପକ୍ଷରୁ କନ୍ୟାଘରକୁ ମିଠା ଓ ଲଡୁର ବେଭାର ପଠାଇ ସ୍ୱୀକୃତି ପ୍ରଦାନ କରାଯାଇଥାଏ । ନିମନ୍ତ୍ରଣ କାର୍ଡ ଛପାଯାଇ ବନ୍ଧୁବାନ୍ଧବ, ଗ୍ରାମବାସୀ ଓ ନିକଟସ୍ଥ ଗ୍ରାମମାନଙ୍କର ଭଦ୍ରବ୍ୟକ୍ତିମାନଙ୍କୁ ବଣ୍ଟନ କରାଯାଇଥାଏ । ବିବାହ ଦିନ ବାଜା, ବାଣ ଓ ରୋଷଣିର ସମାରୋହରେ ବରଯାତ୍ରୀମାନଙ୍କ ସହିତ ବର ମୁଣ୍ଡରେ ପଗଡି ବାନ୍ଧି କନ୍ୟାଘର ଅଭିମୁଖେ ଯାତ୍ରା କରିଥାନ୍ତି । ବରକୁ ବାଟ ବରଣା କରି କନ୍ୟାଘର ପାଛୋଟି ନେଇଥାନ୍ତି ।ଏହା ସହିତ ବରଯାତ୍ରୀରେ ଆସିଥିବା ଝିଅ ମାନଙ୍କୁ ମଧ୍ୟ ଅନୁରୂପ ଭାବରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଏ । ଫୁଲ, ଚନ୍ଦନ ଇତ୍ୟାଦିରେ ବରଯାତ୍ରୀ ଦଳକୁ ଚର୍ଚ୍ଚା କରାଯାଏ । ଏହାପେ ଭୋଜି ମହୋତ୍ସବର ଆୟୋଜନ ହୋଇଥାଏ । ବରଯାତ୍ରୀ ନିମନ୍ତ୍ରିତ ଅତିଥି ବୃନ୍ଦ, ଶ୍ରଦ୍ଧାଳୁ, ଗ୍ରାମବାସୀମାନେ ଆନନ୍ଦ ମନରେ ଭୋଜି ଭାତରେ ଯୋଗ ଦେଇଥାନ୍ତି । ସାଜସଜ୍ଜା ଓ ଆଲୋକ ମାଳାରେ ସମଗ୍ର ପରିବେଶ ଆନନ୍ଦ ମୁଖର ହୋଇଉଠିଥାଏ । ଏହାପରେ ବିବାହ କାର୍ଯ୍ୟ ଆରମ୍ଭ ହୁଏ । ଏହାପୂର୍ବରୁ ଗ୍ରାମ ଦେବୀଙ୍କୁ ଦିଅଁ ମଙ୍ଗୁଳା କାର୍ଯ୍ୟ ସଂପାଦିତ ହୋଇ ସାରିଥାଏ । ବେଦି ଉପରେ ବ୍ରାହ୍ମଣ ବୈଦିକ ରୀତିରେ ମନ୍ତ୍ର ଉଚ୍ଚାରଣ କରିଥାନ୍ତି ଏବଂ ଏହି କାର୍ଯ୍ୟ ସଂପନ୍ନ କରନ୍ତି । ଶଙ୍ଖ, ହୁଳହୁଳି ଶବ୍ଦର ଆନନ୍ଦ ମୟ ଆବେଗ ମଧ୍ୟରେ ହସ୍ତଗଣ୍ଠି ପଡିଥାଏ । ବର-କନ୍ୟା ଧର୍ମକୁ ସାକ୍ଷୀ ରଖି ହୋମକୁଣ୍ଡର ଚତୁଃପାର୍ଶ୍ୱରେ ସାତଥର ପ୍ରଦକ୍ଷଣ କରିଥାନ୍ତି । ବେଦି ଉପରେ ଗ୍ରାମର ମହିଳାମାନେ ନିଜ ସାମର୍ଥ୍ୟମତେ ଅର୍ଥ ଓ ଉପହାର ମାଧ୍ୟମରେ ବନ୍ଦାପନା କରିଥାନ୍ତି । ଏହାପରେ ବର-କନ୍ୟା ମଧ୍ୟରେ କଉଡି ଖେଳ ହୁଏ । ପାରମ୍ପାରିକ ନୀତି ଅନୁଯାୟୀ ଗୁଆ ଚଳିବା ସହ ଯାନି-ଯୌତୁକ ଦେବାର ବ୍ୟବସ୍ଥା ହୋଇଥାଏ । ଏକ ସୁସଜ୍ଜିତ ମଣ୍ଡପରେ ବର-କନ୍ୟାଙ୍କୁ ବସାଯାଇ ରଙ୍ଗ ସଭାର ଆୟୋଜନ ହୁଏ । ଆଗନ୍ତୁକ ଅତିଥିବୃନ୍ଦ ଉପହାରମାନ ପ୍ରଦାନ କରି ବର-କନ୍ୟାଙ୍କୁ ଆର୍ଶିବାଦ ପ୍ରଦାନ କରିଥାନ୍ତି । ଏହାପରେ ବିବାହ କାର୍ଯ୍ୟ ସଂପନ୍ନ ହୁଏ । ସଂପୁର୍ଣ୍ଣ ଲୋକାଚାର ଓ ପାରମ୍ପାରିକ ହିନ୍ଦୁ ରୀତି, ନୀତି ଅନୁଯାୟୀ ବିବହା କାର୍ଯ୍ୟ ସଂପାଦିତ ହୁଏ । ଏହି ନିଆରା କୁମାରୀ ବିବାହ ପରମ୍ପରା କୁମାରୀମାନଙ୍କ ମଧ୍ୟରେ ବିବାହ ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ଭବିଷ୍ୟତରେ ସୁଗୃହିଣୀ ହେବାରେ ସାହାଯ୍ୟ କରିଥାଏ ବୋଲି ସ୍ଥାନୀୟ ବ୍ୟକ୍ତିମାନଙ୍କଠାରୁ ପ୍ରକାଶ । କୁମାରୀ ବିବାହ ଉତ୍ସବ ବାଳିକାମାନଙ୍କର ଏକ ନିଜସ୍ୱ ଉତ୍ସବ । ଏଥିରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କୌଣସି ବାଦ ବିଚାର ନ ଥାଏ । ସାମାଜିକ ଏକତା ଓ ସଂହତି ପ୍ରତିଷ୍ଠା ଆଗରେ ଏହି ପରମ୍ପରା ଯୋଗଦାନ କେବେ ବି ଅସ୍ୱୀକାର କରାଯାଇ ପାରିବ ନାହିଁ । ଏକ ସାର୍ଥକ ପରିବାର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ଗଠନର ବାର୍ତ୍ତା କୁମାରୀ ବିବାହ ଉତ୍ସବ ମାଧ୍ୟମରେ ପ୍ରଚାରିତ ଓ ପ୍ରସାରିତ । ଏଥିପାଇଁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପ୍ରକାଶ ପାଇଥାଏ । ସମାଜର ସବୁ ବର୍ଗର ମଧ୍ୟରେ ଶାନ୍ତି, ସଂହତି, ସହାନୁଭୂତି ଓ ସଂପ୍ରୀତିର ବାର୍ତ୍ତା ପ୍ରଚାର କରିବା କୁମାରୀ ବିବାହ ଉତ୍ସବର ଅନ୍ୟତମ ଲକ୍ଷ୍ୟ । ପରସ୍ପର ମଧ୍ୟରେ ସ୍ନେହ, ପ୍ରେମ, ଭ୍ରାତୃଭାବ ଓ ଭଲ ପାଇବାର କାଳଜୟୀ ଆଦର୍ଶକୁ ଜନସାଧାରଣଙ୍କ ମଧ୍ୟରେ ଉଜ୍ଜୀବିତ ରଖିବା କୁମାର ପୂର୍ଣ୍ଣିମା ଅବସରରେ ଆୟୋଜିତ କୁମାରୀ ବିବାହ ଉତ୍ସବ ମୂଳମନ୍ତ୍ର । ବାଲିପାଟଣା ଅର୍ନ୍ତଗତ ଗୁଆପୁର ଗ୍ରାମରେ ମଧ୍ୟ କୁମାର ପୂର୍ଣ୍ଣିମା ଅବ୍ୟବହିତ ପୂର୍ବରୁ କୁମାରୀ କନ୍ୟା ବିବାହ ଉତ୍ସବ ପାରମ୍ପାରିକ ରୀତିରେ ପାଳିତ ହୋଇ ଆସୁଛି । ସେହିପରି କୁଳନ୍ତି ଗ୍ରାମ, ନୂଆପଡା, ବାରିଜଙ୍ଗ ଗ୍ରାମ ମାନଙ୍କର ଏହି ପରମ୍ପରା ବହୁ ପୁରାତନ ବୋଲି ସ୍ଥାନୀୟ ଜନସାଧାରଣଙ୍କଠାରୁ ଶୁଣିବାକୁ ମିଳେ । କୁମାରୀ ବିବାହ ଉତ୍ସବ ଗ୍ରାମବାସୀମାନଙ୍କ ମଧ୍ୟରେ ନିବିଡ ସଂପର୍କ ସ୍ଥାପନ ପାଇଁ ଉଦ୍ଦିଷ୍ଟ ଏଥିରେ କୌଣସି ଦ୍ୱିମତ ନାହିଁ ।









*ଇତିହାସ ବିଭାଗ*
*ସନାତନ ହରିଚନ୍ଦନ ମହାବିଦ୍ୟାଳୟ*
*ମଦନପୁର, ଖୋର୍ଦ୍ଧା- ୭୫୨୦୫୪*
*ଦୂରଭାଷ- ୮୮୯୫୧୯୦୪୭୫*

# ଭ୍ରାତୃଭାବର ଜ୍ୱଳନ୍ତ ନିଦର୍ଶନ ସୁବର୍ଣ୍ଣପୁରର ପ୍ରସିଦ୍ଧ ହରଗୌରୀ ଯାତ୍ରା

**ସୁବର୍ଣ୍ଣପୁର, (ଉଗ୍ରସେନ କର୍ମୀ):** ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ଯାନିଯାତ୍ରା ମଧ୍ୟରୁ ସୁବର୍ଣ୍ଣପୁର ସହରରେ ପାଳିତ ହେଉଥିବା ହରଗୌରୀ ଯାତ୍ରା ଅନ୍ୟତମ। ସୁବର୍ଣ୍ଣପୁର ସହରରେ ଥିବା ଢେରା ସମ୍ପ୍ରଦାୟଙ୍କ ଦ୍ୱାରା ଆୟୋଜିତ ହେଉଥିବା ଏହି ଯାତ୍ରାକୁ ସେମାନଙ୍କ ଭାଷାରେ ଗୌରାମ୍ମା ସାମ୍ରାଲୁ ମଧ୍ୟ କୁହାଯାଇଥାଏ। ସହରର ଢେରାପଡ଼ାରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା ବୁଢୀମାଙ୍କ ମନ୍ଦିର ପ୍ରାଙ୍ଗଣ ଏହି ଯାତ୍ରାର ଆଦି ପୀଠ। ଇତିହାସ କହେ ସୋନପୁର ଗଡଜାତର ତତ୍କାଳୀନ ରାଜା ନୀଳାଧର ସିଂଦେଓଙ୍କ ପୁତ୍ର ପ୍ରତାପରୁଦ୍ରଙ୍କ ବିବାହ ଉପଲକ୍ଷେ ଅନେକ ପ୍ରକାର ପାଟଶାଢ଼ୀର ଆବଶ୍ୟକତା ହେଲା। ସେହି ସମୟରେ ଭାରତ ବର୍ଷରେ ବନାରସୀ ପାଟ, ବ୍ରହ୍ମପୁରୀ ପାଟ ଓ ଖଣ୍ଡୁଆ ପାଟ ଆଦି ଶାଢ଼ୀର ନାଁ ଥିବାରୁ ମହାରାଜା ବିଭିନ୍ନ ପାଟଶାଢ଼ୀ ସଂଗ୍ରହ କରିଥିଲେ ମଧ୍ୟ ବ୍ରହ୍ମପୁରୀ ପାଟଶାଢ଼ୀ ମିଳି ନ ଥିଲା। ତେଣୁ ତତ୍କାଳୀନ ବ୍ରହ୍ମପୁରର ପାଟ କାରିଗର ଭଗବାନ ସେନାପତିଙ୍କ ସହ ଯୋଗାଯୋଗ କରି ରାଜା ନିଜର ଆବଶ୍ୟକତା ଅନୁଯାୟୀ ପାଟଶାଢ଼ୀ ମଗାଇଥିଲେ। ତେବେ ରାଜା ବ୍ରହ୍ମପୁରୀ ପାଟଶାଢୀରେ ଅତ୍ୟନ୍ତ ପ୍ରୀତ ହୋଇ ଭଗବାନ ସେନାପତିଙ୍କୁ ସୋନପୁର ରାଜ୍ୟରେ ବସତି ସ୍ଥାପନ ପାଇଁ ନିମନ୍ତ୍ରଣ କରିଥିଲେ। ରାଜାଙ୍କ ଅନୁରୋଧ ରକ୍ଷା କରି ଭଗବାନ ସେନାପତି ନିଜ ପରିବାର ସହ କିଛି ଜ୍ଞାତି କୁଟୁମ୍ବଙ୍କୁ ଧରି ସୋନପୁର ରାଜାଙ୍କ ଗଡ଼ଖାଇ ପାର୍ଶ୍ୱରେ ବସବାସ କରିଥିଲେ। ମହାରାଜାଙ୍କ ଅନୁରୋଧ ରକ୍ଷା କରି ସେମାନେ ଆସିଥିବାରୁ ରାଜା ଏକ ବିଶେଷ ଉତ୍ସବରେ ସେହି ସେନାପତିଙ୍କୁ ପାତ୍ର ଉପାଧିରେ ଭୂଷିତ କରିଥିଲେ। ସେହି ଦିନଠାରୁ ଆଜିପର୍ଯ୍ୟନ୍ତ ଢେରା ସମ୍ପ୍ରଦାୟର ସମସ୍ତେ ପାତ୍ର ସଂଜ୍ଞା ବ୍ୟବହାର କରୁଛନ୍ତି। ଅନ୍ୟ ପକ୍ଷରେ ଭଗବାନ ସେନାପତି ବ୍ରହ୍ମପୁରରୁ ସୋନପୁରକୁ ଆସିବା ସମୟରେ ତାଙ୍କର ଇଷ୍ଟଦେବୀ ମା ବୁଢ଼ୀମାଙ୍କୁ ସାଙ୍ଗରେ ନେଇ ଆସି ଏଠାରେ ଏକ ବିରାଟ ତେନ୍ତୁଳି ଗଛ ମୂଳରେ (ବର୍ତ୍ତମାନ ଥିବା ମନ୍ଦିର) ସ୍ଥାପନ କରି ସେ ଓ ତାଙ୍କର ବଂଶୀୟ ଲୋକେ ପୂଜାର୍ଚ୍ଚନା କରୁଥିଲେ। ସମୟାନୁକ୍ରମେ ଏହା ହରଗୌରୀ ଯାତ୍ରା ବା ବୁଢ଼ୀମା ଯାତ୍ରା ଭାବରେ ପରିଚୟ ଲାଭ କରିଥିଲା। ପରମ୍ପରା ଅନୁଯାୟୀ ଆଶ୍ୱିନ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ସନ୍ଧ୍ୟା ପରେ ସୁବର୍ଣ୍ଣପୁର ସହରର ଇଷ୍ଟଦେବୀ ଶ୍ରୀ ଶ୍ରୀ ସୁବର୍ଣ୍ଣମେରୁଙ୍କ ନିଜସ୍ୱ ଜମିରୁ ଧାନଗଛକୁ ମା ଗୌରୀଙ୍କ ରୂପରେ ପୁଷ୍ପ ଚନ୍ଦନ ଦେଇ ବରଣ କରାଯାଇ ଏକ ଥାଳ ମଧ୍ୟରେ ସ୍ଥାପନ କରାଯାଇଥାଏ। ପରେ ଏକ ବିରାଟ ଶୋଭାଯାତ୍ରାରେ ଜଣେ ଅବିବାହିତ ପୁରୁଷ ମସ୍ତକରେ ମା ଗୌରୀଙ୍କୁ ଧାରଣ କରିବାର ବିଧି ରହିଛି। ମା ଗୌରୀ ଶୋଭାଯାତ୍ରାରେ ଆସୁଥିବା ବେଳେ ପଡ଼ାର ସମସ୍ତେ ମା'ଙ୍କ ଶୁଭ ଆଗମନ ପାଇଁ ନିଜ ନିଜ ଘର ଆଗରେ ପୂର୍ଣ୍ଣ କଳସ ଓ ଜାଗର (ଦୀପ) ବସାଇ ସ୍ୱାଗତ କରିଥାନ୍ତି। ପରବର୍ତ୍ତୀ ଦିନ କୁମାର ପୁର୍ଣିମା ତିଥିରେ ସାହିର ସମସ୍ତଙ୍କ ଘରୁ ମା ଗୌରୀ ଙ୍କୁ ପ୍ରଥମ ଅର୍ଘ୍ୟ ସ୍ୱରୂପ ଖିରୀ ଓ ପିଠା ଭୋଗ ଲାଗି କରାଯାଇଥାଏ। ତହିଁ ପରଦିନ ସାହିର ଜଣେ ଯୁବକ ଡାକ୍ୱାଲା ସାଜି ସହର ଓ ନିକଟସ୍ଥ ଗ୍ରାମ ଗୁଡିକ ପରିକ୍ରମା କରି ହରଗୌରୀ ଯାତ୍ରାର ଶୁଭାରମ୍ଭର ସୂଚନା ଦେଇଥାନ୍ତି। ଦୀର୍ଘ ନଅ ଦିନ ଧରି ହେଉଥିବା ଏହି ଯାତ୍ରା ର ପରଦିନ ସହରର ତତ୍କାଳୀନ ବଣିଆ ସ୍ୱର୍ଗତ ଗାଲେଖ ସାହୁଙ୍କ ଘରୁ ଏରଭାର୍ଦ୍ଦୁଡୁ ସ୍ୱାମୀ ବା ଦେବ ଦେବ ମହାଦେବଙ୍କୁ ଆବାହନ କରି ଅଣାଯାଇ ଗୌରୀଙ୍କ ପାର୍ଶ୍ୱରେ ସ୍ଥାପନ କରାଯାଇଥାଏ। ପରବର୍ତ୍ତୀ ଦିନ ମାନଙ୍କରେ ହରଗୌରୀଙ୍କ ଠାରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇ ପରମ୍ପରା ଅନୁସାରେ ବିରିଚକୁଳି ମଧ୍ୟ ଭୋଗ ଲଗାଯାଇଥାଏ। ସନ୍ଧ୍ୟାରେ ଏକ ବର୍ଣ୍ଣଢ୍ୟ ଉତ୍ସବର ଆୟୋଜନ କରାଯାଇ ହର ଓ ଗୌରୀଙ୍କୁ ଦୁଇଜଣ ବିବାହିତା ନାରୀ (ଯୁବତୀ) ମୁଣ୍ଡରେ ଧାରଣ କରି ସାହି ପରିକ୍ରମା କରିଥାନ୍ତି। ଏହି ସମୟରେ ଦାଣ୍ଡକୁମୁ ବା ତେଲୁଗୁ ସ୍ତୋତ୍ର ଗାନ କରାଯାଇ ହରାଗୌରୀଙ୍କୁ ପ୍ରତ୍ୟେକଙ୍କ ଘର ଆଗରେ ବନ୍ଦାଣ କରାଯାଇଥାଏ। ପରଦିନ ପୁଣି ହରାଗୌରୀଙ୍କୁ ସାହି ପରିକ୍ରମା କରାଯାଇ ଏକ ଖୋଲା ସ୍ଥାନରେ ପୂଜାର୍ଚ୍ଚନା କରାଯାଇ ଚୁଡୁମୁଲୁ ନାମକ ଏକ ସ୍ୱତନ୍ତ୍ର ଧାରଣର ପିଠା ସାହିର ଲୋକେ ପ୍ରସ୍ତୁତ କରି ଠାକୁରଙ୍କ ଠାରେ ସମର୍ପଣ କରିଥାନ୍ତି। ଏହିସମସ୍ତ ପ୍ରକ୍ରିୟା ପରେ ହରଗୌରୀଙ୍କୁ ସ୍ୱସ୍ଥାନ ପ୍ରତ୍ୟାବର୍ତ୍ତନ କରାଯାଇଥାଏ। ପରମ୍ପରା ଓ ଦେବାଙ୍ଗ ସଂସ୍କୃତିର ମହାପାର୍ବଣ ସୁବର୍ଣ୍ଣପୁରର ପ୍ରସିଦ୍ଧ ଶ୍ରୀ ଶ୍ରୀ ହରଗୌରୀ ଯାତ୍ରା ଚଳିତ ଅକ୍ଟୋବର ମାସ ୧୯ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ କୋଭିଡ କଟକଣା ଅନୁପାଳନ ପୂର୍ବକ କେବଳ ନୀତିକାନ୍ତି ଅନୁସାରେ ପାଳନ କରାଯିବ ବୋଲି ଶ୍ରୀ ଶ୍ରୀ ହରଗୌରୀ ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି।





## ମମିତା ମେହେର ହତ୍ୟାକାଣ୍ଡ ମାମଲା

# କ୍ରାଇମ୍ ଡେମୋ ଦେଖାଇଲା ଗୋବିନ୍ଦ



**ଭୁବନେଶ୍ୱର :** କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍ ଅଧକ୍ଷା ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ଗିରଫ ହୋଇଥିବା ଗୋବିନ୍ଦ ସାହୁ ଦେଖାଇଛି ଡେମୋ। ଶୁକ୍ରବାର ଭୋରରେ ତାକୁ ମହାଲିଙ୍ଗ ଷ୍ଟାଡିୟମକୁ ଅଣାଯାଇଥିଲା, ଯେଉଁଠି ସେ ମମିତାଙ୍କୁ ପୋଡ଼ିବା ପରେ ପୋତି ଦେଇଥିଲା। ଷ୍ଟାଡିୟମରେ ପ୍ରାୟ ୧୫ ମିନିଟ୍ ଧରି ସିନ୍ ରିକ୍ରିଏସନ୍ କରାଯାଇଥିଲା। ମମିତାଙ୍କୁ ସେ କେମିତି ପୋଡ଼ିଥିଲା ଓ କେମିତି ପୋତିଥିଲା- ସବୁ କରି ଦେଖାଇଥିଲା। ଏହି ସମୟରେ ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାର ଓ ବଲାଙ୍ଗିର ଏସ୍‌ପି ନୀତୀନ କୁଶଲକର ସେଠାରେ ଉପସ୍ଥିତ ଥିଲେ। ସେହିପରି ଯେଉଁ ସ୍ଥାନରେ ଗୋବିନ୍ଦ ସାହୁ କାର୍ରେ ମମିତାଙ୍କୁ ତଣ୍ଟି ଚିପି ମାରିଥିଲା, ସେଠାରେ ବି ସିନ୍ ରିକ୍ରିଏସନ୍ କରାଯାଇଥିଲା।ଚାନ୍ଦୋତରା ଛକରୁ ଆରମ୍ଭ କରି ଷ୍ଟାଡିୟମ ପର୍ଯ୍ୟନ୍ତ କ୍ରାଇମ୍ ସିନ୍ ରିକ୍ରିଏସନ୍ କରାଯାଇଥିଲା। ଗତ ଗୁରୁବାର ମହାଲିଙ୍ଗ ଷ୍ଟାଡିୟମରେ ଦୀର୍ଘ ସମୟ ଧରି ଖାନ୍ତଲାସୀ କରାଯାଇଥିଲା। ଯେଉଁଠି ମମତାଙ୍କୁ ପୋତି ଦିଆଯାଇଥିଲା, ସେହି ସ୍ଥାନକୁ ଖୋଳାଖୋଳି କରାଯାଇଥିଲା। ସେହି ସ୍ଥାନରୁ ମୋବାଇଲ୍ ଭଳି କିଛି ଜିନିଷ ମିଳିଥିବା କୁହାଯାଉଛି। ଏହି ସମୟରେ ମଧ୍ୟ ଉତ୍ତରାଞ୍ଚଳ ଡିଆଇଜି ଓ ଏସ୍‌ପି ଉପସ୍ଥିତ ଥିଲେ। ପରେ ସେମାନେ ସନ୍‌ସାଇନ୍ ସ୍କୁଲ୍‌ର ଗର୍ଲସ ହଷ୍ଟେଲ ଯାଇ ଯାଞ୍ଚ କରିଥିଲେ। ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡ ମାମଲାରେ ଆଉ ଜଣଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ତାଙ୍କ ନାଁ ରାଧେ। ସେ ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ସହଯୋଗ କରିଥିଲା ବୋଲି ଜଣାପଡ଼ିଛି। ସେହିପରି ଏହି ଘଟଣାରେ ପୁଲିସ୍ ଅଟକ ରଖିଥିବା ଜେସିବି ଡ୍ରାଇଭର ପୁଷ୍କର ଭୋଇ ଓ ମୁନ୍ସୀ ଗୁପ୍ତେଶ୍ୱର ତାଣ୍ଡି ରାଜସାକ୍ଷୀ ହେବେ ବୋଲି ପୁଲିସ୍ କହିଛି। ସୂଚନାଯୋଗ୍ୟ, ପୁଲିସ୍ ଦେଇଥିବା ସୂଚନା ଅନୁଯାୟୀ, ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍ ସଭାପତି ଗୋବିନ୍ଦ ସାହୁର ପରକୀୟା ପ୍ରୀତି ବିଷୟରେ ମମିତା ମେହେର ଜାଣିଥିଲେ। ସେ ଏହାକୁ ପ୍ରଘଟ କରି ଦେବେ ବୋଲି ଗୋବିନ୍ଦଙ୍କୁ ଧମକ ଦେଇଥିଲେ। ତେଣୁ ଯୋଜନାବଦ୍ଧ ଭାବେ ଗୋବିନ୍ଦ ତାଙ୍କୁ ହତ୍ୟା କରିଥିବା ଜେରା ବେଳେ ପ୍ରକାଶ କରିଥିଲା।

# ବଲାଙ୍ଗୀରରେ ମହିଳା କମିଶନ ଅଧକ୍ଷା

**ବଲାଙ୍ଗୀର :** ମମିତା ମେହେର ହତ୍ୟାକାଣ୍ଡକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି। ତେଣୁ ଘଟଣାକୁ ଗୁରୁତର ସହ ନେଇଛି ରାଜ୍ୟ ମହିଳା କମିଶନ। ଶୁକ୍ରବାର ମହିଳା କମିଶନ ଅଧକ୍ଷା ମିନତି ବେହେରାଙ୍କ ନେତୃତ୍ୱରେ ଚାରିଜଣିଆ ପ୍ରତିନିଧି ଦଳ ବଲାଙ୍ଗୀର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସିଧାସଳଖ ଏସ୍‌ପି ଅଫିସକୁ ଆସି ଏସ୍‌ପି ନିତିନ କୁଶଳକରଙ୍କ ସହିତ ଆଲୋଚନା କରିଥିଲେ ମହିଳା କମିଶନ। ଶନିବାର ଦିନ ମୃତକଙ୍କ ପରିବାରକୁ ଭେଟିଥିଲେ। ଏହାସହିତ ଭବାନୀପାଟଣାକୁ ଯାଇ ହତ୍ୟାକାଣ୍ଡ ଘଟିଥିବା ଷ୍ଟାଡିୟମ ଏବଂ ମହାଲିଙ୍ଗ କଲେଜ ପରିଦର୍ଶନ କରିଥିଲେ। ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ଦେବା ପାଇଁ ଏସ୍‌ପିଙ୍କ ସହିତ ଆଲୋଚନା କରିଥିବା କହିଛନ୍ତି ମହିଳା କମିଶନ ଅଧକ୍ଷା। ଏହାସହିତ କଲେଜର ମହିଳା ହଷ୍ଟେଲରେ ରହିଥିବା ଛାତ୍ରୀମାନଙ୍କ ବିଷୟରେ ତଦନ୍ତ କରିବା ସହ ସେମାନଙ୍କ ସୁରକ୍ଷା ପାଇଁ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ସରକାରଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି ମହିଳା କମିଶନ ଅଧକ୍ଷା।

# ଓଡ଼ିଶାରୁ ଫେରିଗଲା ମୌସୁମୀ



**ଭୁବନେଶ୍ୱର :** ଓଡ଼ିଶାରୁ ବାହୁଡ଼ି ଗଲା ମୌସୁମୀ। ସ୍ୱାଭାବିକ ଭାବେ ଅକ୍ଟୋବର ୧୫ରେ ମୌସୁମୀ ଓଡ଼ିଶାରୁ ବିଦାୟ ନେଇଥାଏ। କିନ୍ତୁ ଚଳିତବର୍ଷ ଠିକ୍ ସମୟରେ ଓଡ଼ିଶାକୁ ପ୍ରବେଶ କରିଥିଲେ ହେଁ ଫେରିବାରେ ୭ଦିନ ବିଳମ୍ବ କରିଛି। ଚଳିତଥରର ମୌସୁମୀର ବ୍ୟବହାର ଟିକେ ବିଚିତ୍ର ଥିଲା। ଜୁଲାଇ ଓ ଅଗଷ୍ଟରେ ଭଲ ବର୍ଷା ହୋଇନଥିବା ବେଳେ ସେପ୍ଟେମ୍ବରର ବର୍ଷା ରେକର୍ଡ ସୃଷ୍ଟି କରିଥିଲା। ୧୯୪୫ମସିହାରୁ ୨୦୨୧ ମଧ୍ୟରେ ଚଳିତ ସେପ୍ଟେମ୍ବରରେ ହୋଇଥିବା ବର୍ଷା ହେଉଛି ୪ର୍ଥ ସର୍ବାଧିକ ବର୍ଷା। ଏହାବ୍ୟତୀତ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ସମୁଦାୟ ୧୧ଟି ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଅକ୍ଟୋବରରେ ମଧ୍ୟ ୨ଟି ଲଘୁଚାପ କାରଣରୁ ଅକ୍ଟୋବର ତୃତୀୟ ସପ୍ତାହ ବର୍ଷାରେ ଭିଜିଥିଲା। କେବଳ ଅକ୍ଟୋବର ୧୪ରୁ ୨୦ ମଧ୍ୟରେ ରାଜ୍ୟରେ ୪୭.୧ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକଠାରୁ ଖୁବ୍ ଅଧିକ। ତଥାପି ଅକ୍ଟୋବରର ବର୍ଷାର ପରିମାଣ ନିଅଣ୍ଟିଆ ସ୍ଥିତିରେ ରହିଛି। ଅକ୍ଟୋବରରେ ସ୍ୱାଭାବିକ ଭାବେ ୧୦୦.୨ମିମି ବର୍ଷା ହୋଇଥାଏ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କେବଳ ଅକ୍ଟୋବରରେ ୭୬.୫ମିମି ବର୍ଷା ରେକର୍ଡ ହୋଇଛି। ଆସନ୍ତା ୮ ଦିନ ରାଜ୍ୟରେ ବର୍ଷା ସମ୍ଭାବନା ନଥିବାରୁ ନିଅଣ୍ଟିଆ ବର୍ଷାରେ ଅକ୍ଟୋବର ସରିବ ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ଚଳିତ ମୌସୁମୀରେ ପୁରୀ ଓ ଜଗତସିଂହପୁରରେ ସ୍ୱାଭାବିକଠାରୁ ଖୁବ୍ ଅଧିକ ବର୍ଷା ହୋଇଥିବା ରେକର୍ଡ ହୋଇଛି। ଏଥିସହ ନବରଙ୍ଗପୁର, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡ଼ା, ସମ୍ବଲପୁର ଓ ଯାଜପୁର ଆଦି ୬ ଜିଲ୍ଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିଲା। ଅବଶିଷ୍ଟ ୨୨ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ୧୧୪୬ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକଠାରୁ ୯% କମ୍ ହୋଇଥିଲେ ବି ସ୍ୱାଭାବିକ ପରିସରଭୁକ୍ତ ବୋଲି କୁହାଯାଇପାରେ। କିନ୍ତୁ ମାସ ଅନୁଯାୟୀ ସମୀକ୍ଷା କଲେ, କେବଳ ସେପ୍ଟେମ୍ବର ଛଡ଼ା ବାକି ୩ ମୌସୁମୀ ମାସରେ ବର୍ଷା ସ୍ୱାଭାବିକଠାରୁ କମ୍ ରହିଛି। ଜୁନ୍‌ରେ ୩%, ଜୁଲାଇରେ ୧୯% ଓ ଅଗଷ୍ଟରେ ୨୯% ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ଅକ୍ଟୋବରରେ ବର୍ତ୍ତମାନ ସୁଦ୍ଧା ୧୧% ନିଅଣ୍ଟିଆ ବର୍ଷା ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ କେବଳ ସେପ୍ଟେମ୍ବରରେ ରାଜ୍ୟରେ ସ୍ୱାଭାବିକଠାରୁ ୭୦% ଅଧିକ ବର୍ଷା ରେକର୍ଡ ହୋଇଛି।

# ହାତ ଛାଡିଲେ ପ୍ରଦୀପ



**ନବରଙ୍ଗପୁର :** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଶୁକ୍ରବାର ଦିନ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫା ପତ୍ର କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇଛନ୍ତି। ଶ୍ରୀ ମାଝୀ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି, ସେ ଅତ୍ୟନ୍ତ ଦୁଃଖ ଓ ଯନ୍ତ୍ରଣାର ସହିତ ଏଭଳି ନିଷ୍ପତ୍ତି ନେଇଛନ୍ତି। ସାଧାରଣ ଲୋକଙ୍କ ସେବା କରିବା ଲକ୍ଷ୍ୟ ନେଇ ସେ କଂଗ୍ରେସରେ ଯୋଗ ଦେଇଥିଲେ। ଦଳ ମଧ୍ୟ ତାଙ୍କୁ ଯଥେଷ୍ଟ ସୁଯୋଗ ଦେଇଛି। ସେ ଦଳ ମଧ୍ୟରେ ଏବଂ ସାଧାରଣ ଲୋକଙ୍କ ଠାରୁ ଯଥେଷ୍ଟ ଭଲପାଇବା ଓ ସମ୍ମାନ ପାଇଛନ୍ତି। କଂଗ୍ରେସର କିଛି ନେତୃବର୍ଗ ଦଳୀୟ ନିୟମ ମାନୁନଥିବା ଏବଂ ବିଭିନ୍ନ ପଦପଦବି ଗୁଡ଼ିକୁ ମାଡ଼ି ବସିବା ଯୋଗୁଁ ଦଳ ଜନସାଧାରଣରେ ବିଶ୍ୱାସନୀୟତା ହରାଇ ବସିଛି। ଯାହା ଫେରାଇ ଆଣିବାକୁ ବହୁତ ସମୟ ଲାଗିପାରେ। ସେ କଂଗ୍ରେସର ଆଦର୍ଶକୁ ଅନୁସରଣ କରି ଲୋକଙ୍କର ସେବା କରିବେ ବୋଲି ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ଶ୍ରୀ ମାଝୀଙ୍କ ଇସ୍ତଫା ଅବିଭକ୍ତ କୋରାପୁଟ ଜିଲ୍ଲାରେ କଂଗ୍ରେସର ସାଂଗଠନିକ ସ୍ଥିତି ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହା କଂଗ୍ରେସ ଦଳ ପାଇଁ ମଧ୍ୟ ଶକ୍ତ ଧକ୍କା ବୋଲି କୁହାଯାଉଛି। ସୂଚନା ଥାଉକି, ଦକ୍ଷିଣ ଓଡ଼ିଶାର ଜଣେ ଟାଣୁଆ ନେତା ଭାବେ ପରିଚିତ ପ୍ରଦୀପ ମାଝୀ ୨୦୦୭ ମସିହାରେ କଂଗ୍ରେସ ଦଳରୁ ପ୍ରଥମଥର ପାଇଁ ଜଣେ ସର୍ବକନିଷ୍ଠ ଯୁବକ ଭାବେ ନବରଙ୍ଗପୁର ଜିଲ୍ଲାପରିଷଦ ଅଧକ୍ଷ ପଦରେ ନିର୍ବାଚିତ ହୋଇଥିଲେ। ଏହାପରେ ସେ ୨୦୦୯ ମସିହାରେ ନବରଙ୍ଗପୁର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୮ ମସିହାରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ସମ୍ପାଦକ ହୋଇ ଜାତୀୟ ରାଜନୀତିରେ ପାଦ ଥାପିବାରେ ସକ୍ଷମ ହୋଇଥିଲେ। ସେ ଆଜି ପର୍ଯ୍ୟନ୍ତ କଂଗ୍ରେସର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବିରେ ରହି ଆସିଛନ୍ତି। ସେ ସାଂସଦ ହେବାପରେ ରାହୁଲ ଗାନ୍ଧୀଙ୍କ ଅତି ନିକଟତର ହୋଇପାରିଥିଲେ। ଏଥିସହ ୨୦୧୦ ମସିହାରେ ରାଜ୍ୟ ଯୁବ କଂଗ୍ରେସ ସଭାପତି, ୨୦୧୩ ରୁ ୨୦୧୬ ପର୍ଯ୍ୟନ୍ତ ରାଜ୍ୟ କଂଗ୍ରେସର ଆଦିବାସୀ ସେଲ୍ ସଭାପତି ଏବଂ ୨୦୧୬ରୁ ରାଜ୍ୟ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଭାବେ ରହିଆସିଥିଲେ। ଶେଷରେ, ଆଜି ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। କଂଗ୍ରେସ ଛାଡ଼ିବା ପରେ ସେ କେଉଁ ଦଳକୁ ଯିବେ, ତାହାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ସେ ବିଜେଡିରେ ଯୋଗଦେଉଛନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ମାତ୍ର, ଏହିଭଳି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି ଶ୍ରୀ ମାଝୀ। ତେବେ, ଆଗାମୀ ୨୪ ତାରିଖ ଦିନ ଏନେଇ ସେ ଘୋଷଣା କରିପାରନ୍ତି ବୋଲି ଶ୍ରୀ ମାଝୀଙ୍କ ଜଣେ ନିକଟତମ ସମର୍ଥକ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କୋରାପୁଟ କଂଗ୍ରେସ ନେତାଙ୍କ ଇସ୍ତଫା ପର୍ବ ଚାଲିଥିବା ବେଳେ ଗତ ୪ ଦିନ ହେବ ନବରଙ୍ଗପୁର ଜିଲ୍ଲା କଂଗ୍ରେସର ଇସ୍ତଫା ପର୍ବ ଆରମ୍ଭ ହୋଇଯାଇଛି।

## ନୂଆ ଜିଲ୍ଲାପାଳଙ୍କୁ ନେଇ ଜଗତସିଂହପୁରରେ ଖୁସିର ଲହରୀ

# ବଦଳିଲେ ଚର୍ଚ୍ଚାରେ ଥିବା ଜିଲ୍ଲାପାଳ



**ଜଗତସିଂହପୁର :** ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ନିଜ ଜିଲ୍ଲାରେ ରହି ମାଟିର ପୁଅ କହି ସାଧାରଣରେ ନିନ୍ଦିତ ହୋଇ ଥିବା ଜିଲ୍ଲାପାଳ ସଂଗ୍ରାମୀ କେଶରୀ ମହାପାତ୍ରଙ୍କ ବଦଳିକୁ ନେଇ ସରକାରୀ କର୍ମଚାରୀ ଓ ଜନସାଧାରଣଙ୍କ ଆନନ୍ଦର ଲହରି ଖେଳିଯାଇଥିବା ବେଳେ ନୂତନ ଜିଲ୍ଲାପାଳ ଭାବେ ମହିଳା ଆଇ.ଏ.ଏସ ଅଫିସର ପାରୁଲ ପଟୱାରୀଙ୍କ ଯୋଗଦାନକୁ ନେଇ ଜିଲ୍ଲାରେ ଖୁସିର ଲହରି ଖେଳିଯାଇଛି। ଜିଲ୍ଲାରେ ଜଣେ ମହିଳା ଆଇ.ଏ.ଏସ ଅଧିକାରୀଙ୍କ ଯୋଗଦାନ ପରେ ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହେବା ସହିତ ଆଗାମୀ ପଂଚାୟତ ନିର୍ବାଚନ ଖୁବ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହେବ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି। ଜଣେ ବରିଷ୍ଠ ଓ.ଏସ ଅଧିକାରୀ ଭାବେ ପୂର୍ବତନ ଜିଲ୍ଲାପାଳ ଶ୍ରୀ ମହାପାତ୍ର ନିଜ ଜିଲ୍ଲାରେ ରହି କିଛି ଠିକାଦାର ଓ ଶାସକ ଦଳର ବିଧାୟକ ମାନଙ୍କ ହାତେଇ ଏକ ପ୍ରକାର ଚର୍ଚ୍ଚାରେ ଥିବାବେଳେ ତିର୍ତୋଲ ଉପ-ନିର୍ବାଚନ ବେଳେ ତାଙ୍କର ବଦଳି କରାଯାଇଥିଲା। ଉପ-ନିର୍ବାଚନ ପରେ ବି ଏଠାକୁ ପୁର୍ନବାର ବଦଳିକୁ ନେଇ ସେ ନିଜର ପାରିବାପଣିଆ ଦେଖାଉ ଥିଲ ବି ଶାସକ ଦଳର ମନ୍ତ୍ରୀ ଓ ନେତାମାନଙ୍କୁ ଅଣଦେଖା କରିଥିଲେ। ପୂର୍ବତନ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଏଠାରୁ ବଦଳି ପରେ ଯୋଗଦେଇ ଥିବା ପାରୁଲ ପଟୱାରୀ ତାଙ୍କର ଚାକିରୀ ଜୀବନ ଆରମ୍ଭ ପରେ ବିଭିନ୍ନ ଜିଲ୍ଲାରେ ଥିଲେ ବି ପ୍ରଥମ କରି ସେ ଜଗତସିଂହପୁର ଜିଲ୍ଲାର ଜିଲ୍ଲାପାଳ ଭାବେ ନିଯୁକ୍ତି ନେଇ ସେ ଖୁସି ହେବା ସହିତ ଜଗତସିଂହପୁର ପରି ଏକ ଜିଲ୍ଲାରେ ତାଙ୍କ ରହଣି କାଳରେ ଜନସାଧାରଣ ମାନଙ୍କ ଅଭିଯୋଗକୁ ପ୍ରାଥମିକତା ଦେବେ ବୋଲି କହିଥିଲେ। ସେ ଦାୟିତ୍ୱ ଗ୍ରହଣ ପରେ ବିଭାଗୀୟ ଅଧିକାରୀମାନେ ଆସି ଜିଲ୍ଲାପାଳଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହିତ ଅଭିନନ୍ଦନ ବି ଜଣାଇଥିଲେ।

# କୁକୁଡ଼ା ଦେହରୁ ବ୍ୟାପୁଛି ବିପଜ୍ଜନକ ଭୂତାଣୁ



**ନୂଆଦିଲ୍ଲୀ :** ୨୦୧୯ ଶେଷ ଆଡକୁ ବିଶ୍ୱରେ କରୋନା ଭାଇରସ ପ୍ରକୋପ ରଚିଥିଲା। ୨୦୨୦ ମାର୍ଚ୍ଚ ପରେ ଏହି ଭାଇରସ ଉଗ୍ର ରୂପ ଧାରଣ କରିଥିଲା। ଭାଇରସ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଗଲା। କରୋନା ଭାଇରସର ପ୍ରକୋପ ଏବେ ବି କମିନାହିଁ। ଇତି ମଧ୍ୟରେ ଖବର ଆସିଛି ଯେ କୁକୁଡ଼ା ଫାର୍ମରେ ୮ ପ୍ରକାର ଭୟଙ୍କର ଭାଇରସ ବଢୁଛି। ଯଦି ଏହି ଭାଇରସ ବ୍ୟାପେ ତାହେଲେ ପରିଣାମ କରୋନାଠୁ ମଧ୍ୟ ଭୟାବହ ହେବ। ଗତ ବର୍ଷ ଋଷରେ ଲେଖା ଲକ୍ଷ କୁକୁଡ଼ାଙ୍କୁ ହଠାତ ମାରିଦିଆ ଯାଇଥିଲା। ଏହି କୁକୁଡ଼ାଙ୍କ ମଧ୍ୟ ଏଭିୟନ ଫ୍ଲୁ ଲକ୍ଷଣ ଦେଖାଦେଇଥିଲା। ଏହାପରେ ଫାର୍ମକୁ ବନ୍ଦ କରିଦିଆଯାଇଥିଲା। ଏହି ଫ୍ଲୁ ମଣିଷଙ୍କ ମଧ୍ୟରେ କରୋନାଠୁ ମଧ୍ୟ ଦ୍ରୁତ ଗତିରେ ବ୍ୟାପିଥାଏ।

**ବାଲିଅନ୍ତା :** ଖମଙ୍ଗ ବଜାର ଶାରଦୀୟ ପୂଜା କମିଟି ପକ୍ଷରୁ ଚଳିତ ବର୍ଷର ଦୁର୍ଗାପୂଜା ଉତ୍ସବ। ପୂଜା ମଣ୍ଡପରେ ଅନୁଷ୍ଠାନର କର୍ତ୍ତା ଓ ସଭାପତି ଆଡଭୋକେଟ୍ ସନ୍ତୋଷ କୁମାର ତ୍ରିପାଠୀ ଏବଂ ସେକ୍ରେଟାରୀ କାଳନ୍ଦୀ ଚରଣ ସ୍ୱାଇଁ।



PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି